

'ରାମାୟଣ'ର
ଭିଡିଓ ଲିଙ୍କ୍
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-10 ♦SATURDAY ♦04 JULY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୦ ♦ଶନିବାର ♦୦୪ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୧୦ ବୌଦ୍ଧ ସନ୍ନ୍ୟାସୀଙ୍କୁ ଗାଡ଼ି ଚଢ଼ାଇଦେଲା ନାବାଳକ

■ ବ୍ୟାଙ୍କକ୍, ୩।୭ (ଏଜେନ୍ସି): ଥାଇଲ୍ୟାଣ୍ଡର ମୁକ୍‌ଦାହାନ ସହରରେ ଏକ ସ୍ତବ୍ଧ କଲାଭଳି ଦୁର୍ଘଟଣା ଘଟିଛି। ଜଣେ ୧୧ ବର୍ଷର ବାଳକ ନିଜ ପରିବାରର ପିକ୍‌ଅପ୍ ଭ୍ୟାନ୍‌କୁ ବିନା ଅନୁମତିରେ ପ୍ରାୟ ୧୦ କିଲୋମିଟର ଚଲାଇ ନେଇ ରାସ୍ତାରେ ଯାଉଥିବା ବୌଦ୍ଧ ସନ୍ନ୍ୟାସୀ (ଭିକ୍ଷୁ)ଙ୍କ ଶୋଭାଯାତ୍ରା ଉପରେ ଚଢ଼ାଇ ଦେଇଛି। ଏହି ଦୁର୍ଘଟଣାରେ ଅତିକମରେ ୧୦ ଜଣ ସନ୍ନ୍ୟାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରାୟ ୩୫ ଜଣ ସନ୍ନ୍ୟାସୀ ଓ ୫ ଜଣ ଭକ୍ତ ପଦଯାତ୍ରାରେ ଏକ ମନ୍ଦିରରୁ ଅନ୍ୟ ଏକ ମନ୍ଦିରକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ୫ ଜଣଙ୍କର ଏବଂ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ଅନ୍ୟ ୫ ଜଣଙ୍କର ମୃତ୍ୟୁ ହୋଇଛି। ଦେହ ଖରାପ ଥିବାରୁ ସେଦିନ ବାଳକଟି ସ୍କୁଲ ଯାଇ ନ ଥିଲା ଏବଂ ଘରେ ଏକା ଥିଲା। ସେ ଅଜାଣତରେ ଗାଡ଼ି ନେଇ ପଳାଇବା ପରେ ପରିବାର ଲୋକେ ପୁଲିସକୁ ଗାଡ଼ି ହଜିବା ନେଇ ସୂଚନା ଦେଇଥିଲେ। ପୁଲିସ ସୂଚନା ଅନୁସାରେ ବାଳକ ଜଣକ



ମାନସିକ ସ୍ତରରେ ଅସୁସ୍ଥ ଥାଇପାରେ। ସେ ବର୍ତ୍ତମାନ ଭୟଭୀତ ଥିବାରୁ ତା ବିରୋଧରେ କୌଣସି ମାମଲା ରୁଜୁ ହୋଇନାହିଁ ଏବଂ ଡାକ୍ତର ଓ ପରିବାର ଲୋକଙ୍କ ଉପସ୍ଥିତିରେ ତଦନ୍ତ ଚାଲିଛି।

## ପାକିସ୍ତାନରେ ଖାଇକୁ ଖସିଲା ବସ୍; ୪୦ ମୃତ

■ ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ପାକିସ୍ତାନର ଦକ୍ଷିଣ-ପଶ୍ଚିମ ପ୍ରଦେଶ ବେଲୁଚିସ୍ତାନରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଯାତ୍ରୀ ବସ୍ ନିୟନ୍ତ୍ରଣ ହରାଇ ରାଜପଥରୁ ଗଭୀର ଖାଇକୁ ଖସିପଡ଼ିବାରୁ ଅତିକମରେ ୪୦ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବସ୍‌ଟି କ୍ୱେଟାରୁ ଜାତୀୟ ରାଜଧାନୀ ଇସଲାମାବାଦ ଯାଉଥିବା ବେଳେ ଶେରାନୀ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ବସ୍‌ଟିରେ ପ୍ରଥମେ ୩୬ ଜଣ ଯାତ୍ରୀ ଥିଲେ। ମାତ୍ର ବାଟରେ ଖରାପ ହୋଇଯାଇଥିବା ଅନ୍ୟ ଏକ ବସ୍‌ର ଯାତ୍ରୀମାନଙ୍କୁ ଏଥିରେ ବସାଯାଇଥିଲା। ଏହି କାରଣରୁ ଗାଡ଼ିଟିରେ କ୍ଷମତାଠାରୁ ଅଧିକ ଯାତ୍ରୀ ଯାତ୍ରା କରୁଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପ୍ରଶାସନ, ଜରୁରୀକାଳୀନ ଚିକିତ୍ସା ଦଳ ଏବଂ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରୁ ୪୦ଟି ମୃତଦେହ ଉଦ୍ଧାର



କରିଥିବା ବେଳେ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସା କେନ୍ଦ୍ରକୁ ପଠାଇଛନ୍ତି। ବସ୍‌ଟି କେଉଁ ପରିସ୍ଥିତିରେ ଏବଂ କିଭଳି ଦୁର୍ଘଟଣାଗ୍ରସ୍ତ ହେଲା, ସେନେଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

### ଗୋପାଳପୁର ଓ ପାରାଦୀପରେ ଗ୍ରୀନ୍ ଆମୋନିଆ କାରଖାନା

# ଓଡ଼ିଶା ହେବ ଗ୍ଲୋବାଲ୍ ଗ୍ରୀନ୍ ହବ୍

■ ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାକୁ ଶିଳ୍ପ ତଥା ସବୁଜ ଅର୍ଥନୀତି କ୍ଷେତ୍ରରେ ସମୃଦ୍ଧ ଭାବେ ଗଢ଼ିତୋଳିବା କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛନ୍ତି ରାଜ୍ୟ ସରକାର। ଶୁକ୍ରବାର ଲୋକସେବା ଭବନର ସମ୍ମିଳନୀ କକ୍ଷଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଜାପାନର ଶିଳ୍ପ ବ୍ୟବସାୟିକ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏସିଏମ୍‌ଇ ଗ୍ରୁପ ଓ ଆଇଏଚ୍‌ଆଇ କର୍ପୋରେସନ ସହିତ ରାଜ୍ୟ ସରକାର ଏକ ସହଯୋଗ ପତ୍ର ବା ଏମଓସି ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ। ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ୩ଟି ପ୍ରକଳ୍ପରେ ପ୍ରାୟ ୬୭,୦୦୦ କୋଟି ଟଙ୍କା ନିବେଶ କରିବେ।

ଗୋପାଳପୁରରେ ପ୍ରସ୍ତାବିତ ୦.୪ ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ। ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି




ଏସିଏମ୍‌ଇ-ଆଇଏଚ୍‌ଆଇ କର୍ପୋରେସନ ସହଯୋଗପତ୍ର ସ୍ୱାକ୍ଷରିତ

ବିହୀନ ଫ୍ଲୋଟିଙ୍ଗ୍ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ। ଏହାସହିତ ପାରାଦୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ ୦.୮ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ। ତୃତୀୟ ପ୍ରକଳ୍ପଟି ହେଉଛି ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୦.୧ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମି) ଦ୍ୱାରା ପରିଚାଳିତ ହେବ। ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡ଼ିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍' ରେ ପରିଣତ କରାଯିବ। ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୨ଟି ପ୍ରମୁଖ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପକୁ ମଞ୍ଜୁରୀ ଦେଇସାରିଛି। ଏହାଦ୍ୱାରା ରାଜ୍ୟକୁ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଆସିବ। ପାରାଦୀପ, କେନ୍ଦ୍ରାପଡ଼ା ଓ ଗୋପାଳପୁରକୁ ନେଇ ଦୁଇଟି ସବୁଜ ଶିଳ୍ପ କରିଡର ବିକାଶ କରାଯାଉଛି, ଯାହା ଭାରତର 'ଇସ୍ପାତ ରାଜଧାନୀ' ଓଡ଼ିଶାକୁ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନରେ ବିଶ୍ୱସ୍ତରୀୟ ଅଗ୍ରଣୀ କରାଇବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଇଏଚଆଇ କର୍ପୋରେସନ୍‌କୁ ରାଜ୍ୟରେ ଏକ 'ଜାପାନୀ ଗ୍ରୀନ୍ ଇଞ୍ଜିନିୟରିଂ ଏବଂ ଇନୋଭେସନ୍ ସେଣ୍ଟର' ଏବଂ ମିତ୍‌ସୁବିଶି କର୍ପୋରେସନ୍‌କୁ ଗ୍ରୀନ୍ କେମିକାଲ୍ସ ଓ ସ୍ଥାୟୀ ଇନ୍ଧନ କ୍ଷେତ୍ରରେ ନିବେଶ ପାଇଁ ବିଶେଷ ଆମନ୍ତ୍ରଣ ଜଣାଇଛନ୍ତି।

ଆଲୋଚନାରେ ଆଇଏଚ୍‌ଆଇ କର୍ପୋରେସନ୍‌ର ଅଧ୍ୟକ୍ଷ ତଥା ସିଇଓ ଓଡ଼ିଶାର ସବୁଜ ଶକ୍ତି ନୀତି ଏବଂ ପୁଞ୍ଜିନିବେଶ ପରିବେଶକୁ ଉଚ୍ଚ ▶ପୃଷ୍ଠା-୭

## ବିଦ୍ରୋହୀଙ୍କ କବ୍‌ଜାରେ ଟିଏମ୍‌ସି ମୁଖ୍ୟାଳୟ



### ମିଟିଂ କଲେ, ତାଲା ପକାଇଲେ

### ଅଫିସରେ କେନ୍ଦ୍ରୀୟ ଓ ରାଜ୍ୟ ପୁଲିସ ମୁତୟନ

■ କୋଲକାତା, ୩।୭ (ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ ଚାଲିଥିବା କ୍ଷମତା ଯୁଦ୍ଧ ଆଜି ନୂଆ ମୋଡ଼ ନେଇଛି। ପ୍ରକୃତ ଟିଏମ୍‌ସି କିଏ ତାହାକୁ ନେଇ ନିର୍ବାଚନ କମିସନରେ ଶୁଣାଣି ଚାଲିଥିବା ବେଳେ ବିରୋଧୀ ଦଳ ନେତା ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ବିଦ୍ରୋହୀ ଗୋଷ୍ଠୀ ଆଜି କୋଲକାତାସ୍ଥିତ ଦଳର ମୁଖ୍ୟ କାର୍ଯ୍ୟାଳୟରେ ପଶି ଏହାକୁ କବଜା କରିନେଇଛନ୍ତି। ମମତା ବାନାର୍ଜୀଙ୍କ ସମର୍ଥକ ଏହାର ପ୍ରତିବାଦ କରିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟାଳୟରେ ଏବେ କେନ୍ଦ୍ର ଏବଂ ରାଜ୍ୟ ପୁଲିସକୁ ମୁତୟନ କରାଯାଇଛି।

ଦିଲ୍ଲୀରେ ନିର୍ବାଚନ କମିସନଙ୍କୁ ଭେଟିବା ପରେ ବିଦ୍ରୋହୀ ଗୋଷ୍ଠୀ ଆଜି କୋଲକାତା ଫେରିବା ପରେ ଏହାର ନେତାମାନେ ସମର୍ଥକମାନଙ୍କୁ ଧରି ସିଧା ଟିଏମ୍‌ସି ମୁଖ୍ୟାଳୟ ତୃଣମୂଳ ଭବନରେ ପଶିଥିଲେ। ଏହାପରେ ସେଠାରେ ଏକ ବୈଠକ ହୋଇଥିଲା। ଏଥିରେ ରତବ୍ରତ ବାନାର୍ଜୀଙ୍କ ସମେତ ବିଦ୍ରୋହୀ ଗୋଷ୍ଠୀର ଅନ୍ୟ ନେତା ଫିରହାଦ ହାକିମ, ଜାଭେଦ ଖାନ ଏବଂ ଆଖରୁଜ୍ଜମାନ ମଧ୍ୟ ପସ୍ଥିତ ଥିଲେ। ବୈଠକରେ ସେମାନେ ନିଜକୁ ପ୍ରକୃତ ତୃଣମୂଳ କଂଗ୍ରେସ ବୋଲି ଦାବି କରିଥିଲେ। ଏହାପରେ ସେମାନେ ମୁଖ୍ୟାଳୟରେ ତାଲା ପକାଇ ବାହାରିଯାଇଥିଲେ। ସେମାନେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଯେଉଁ ବିଲଡିଂରେ ଟିଏମ୍‌ସି ମୁଖ୍ୟାଳୟ ରହିଛି, ତାହାର ମାଲିକ ସହିତ ▶ପୃଷ୍ଠା-୭

## ସରକାରଙ୍କ ନାଲିଆଖିକୁ ବେଖାତିର୍ ଡାକ୍ତର ଆନ୍ଦୋଳନ ଜାରି

■ ଭୁବନେଶ୍ୱର, ୩।୭ (ସମିସ): କ୍ରମାଗତ ତୃତୀୟ ଦିନ ପାଇଁ ଶୁକ୍ରବାର ରାଜ୍ୟବ୍ୟାପୀ ଡାକ୍ତରମାନେ ନିଜର ଆନ୍ଦୋଳନ ଜାରି ରଖିଛନ୍ତି। ଏପରିକି ଓଏମ୍‌ଏଚ୍‌ଏସ୍ କ୍ୟାଡର ଡାକ୍ତରଙ୍କ ଦରମା ବନ୍ଦ ନିର୍ଦ୍ଦେଶ ସହ କାର୍ଯ୍ୟରେ



ଆଲୋଚନା ପାଇଁ ଡାକିଲା ସ୍ୱାସ୍ଥ୍ୟ ବିଭାଗ

ଅନୁପସ୍ଥିତ ଠିକା ଡାକ୍ତରଙ୍କୁ ଆବଶ୍ୟକ ନୋଟିସ୍ ଦେଇ ସେମାନଙ୍କୁ ବରଖାସ୍ତ କରିବା ନେଇ ସରକାରଙ୍କ ଚେତାବନୀ ମଧ୍ୟ ସେମାନଙ୍କୁ କାବୁ କରିନାହିଁ। ଫଳରେ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବାରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଶବ ବ୍ୟବଚ୍ଛେଦ ଠାରୁ ଆରମ୍ଭ କରି ଓପିଡି, ଆଇପିଡି, ଆଉଟଡୋର ରୋଗୀମାନଙ୍କ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଥିବା ବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ କଡ଼ା ଅସନ୍ତୋଷ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ହଟାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓମସା (ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ) ସଭାପତିଙ୍କୁ ଏକ ଚିଠି ଲେଖାଯାଇଛି। ଶନିବାର ଓମସା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ସରକାର ଆଗଭର ଅଛନ୍ତି ବୋଲି ଚିଠିରେ ଉଲ୍ଲେଖ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ କାର୍ଯ୍ୟାଳୟରେ ଶନିବାର ସାଢ଼େ ୧୧ଟା ବେଳେ ବୈଠକ ଧାର୍ଯ୍ୟ କରାଯାଇଥିବା ବେଳେ ଏଥିରେ ଓମସା କର୍ତ୍ତୃପକ୍ଷଙ୍କୁ ସାମିଲ ହେବାକୁ ଅନୁରୋଧ କରାଯାଇଛି।

### ସାରା ରାଜ୍ୟରେ ଲଘୁଚାପ ବର୍ଷା

## ୧୨ ଜିଲ୍ଲାରେ ଭୀଷଣ ବର୍ଷା

■ ଭୁବନେଶ୍ୱର, ୩।୭ (ସମିସ): ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଉପରେ ଥିବା ଲଘୁଚାପ କ୍ଷେତ୍ର ଏବେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖାପାଖ ଅଞ୍ଚଳ ଉପରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ଗତ ଦୁଇ ଦିନ ହେବ ବର୍ଷା ଜାରି ରହିଛି। ୧୨ଟି ଜିଲ୍ଲାରେ ଭୀଷଣ ବର୍ଷା ହେଉଥିବା ବେଳେ ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ ଓ କନ୍ଧମାଳରେ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ନବରଙ୍ଗପୁର, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାରେ ମଧ୍ୟ ଭୀଷଣ ବର୍ଷା ▶ପୃଷ୍ଠା-୭

**୫ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଆଶଙ୍କା**

## ରାମ ମନ୍ଦିର ଚାନ୍ଦା ଚୋରି ସନ୍ଦେହଘେରରେ ଟ୍ରଷ୍ଟ କର୍ମକର୍ତ୍ତା

■ ଅଯୋଧ୍ୟା, ୩।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଆତ୍ମସାତ ମାମଲାର ତଦନ୍ତ ଯେତିକି ଆଗକୁ ବଢ଼ୁଛି, ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସେତିକି ସାମ୍ନାକୁ ଆସୁଛି। ମନ୍ଦିର ଅର୍ଥ ଲୁଟ୍ ପାଇଁ ବହୁତ ଆଗରୁ ଷଡ଼ଯନ୍ତ୍ର ରଚାଯାଇଥିଲା ଏବଂ ଏଥିରେ ପ୍ରଭାବଶାଳୀ ଟ୍ରଷ୍ଟ କର୍ମକର୍ତ୍ତା ଜଡ଼ିତ ଥିବା ଜଣାପଡ଼ିଛି। ମନ୍ଦିର ହୁଣ୍ଡିରେ ପଡୁଥିବା ଦାନ ଅର୍ଥ ଗଣିବା ଲାଗି ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଦାୟିତ୍ୱ ମିଳିଥିଲେ ମଧ୍ୟ ଏହାର ଆଉଟସୋର୍ସିଂ ପାଇଁ କେତେକ ଟ୍ରଷ୍ଟ କର୍ମକର୍ତ୍ତା ବ୍ୟାଙ୍କ ଉପରେ ଚାପ ପକାଇଥିଲେ। କେବଳ ଏତିକି ନୁହେଁ, ସେମାନେ ସୈନିକ ସିକୁରିଟି ସର୍ଭିସ ନାମକ ଘରୋଇ ସଂସ୍ଥାର ନାମ ମଧ୍ୟ ସୁପାରିସ କରିଥିଲେ। ସେମାନଙ୍କ ଚାପରେ ବ୍ୟାଙ୍କ ଏହି ସଂସ୍ଥାକୁ ଆଉଟସୋର୍ସିଂ କରିଥିଲା।



### ଆଉଟ୍‌ସୋର୍ସିଂ ପାଇଁ ଷ୍ଟେଟ ବ୍ୟାଙ୍କ ଉପରେ ଚାପ ପକାଇଥିଲେ

### ମନ୍ଦିରରେ ଚାକିରି ପାଇଁ ନିଆଯାଉଥିଲା କମିସନ!

### ଗତ ୫ ବର୍ଷର ଆକାଉଣ୍ଟର ପୁନଃଯାଞ୍ଚ କରିବ ଏସ୍‌ଆଇଟି

ଏହି ସଂସ୍ଥାରେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସଂପର୍କୀୟ ଓ ପରିଚିତ ଲୋକଙ୍କୁ ନିଯୁକ୍ତି ମିଳିଥିଲା। ତେବେ ସେମାନଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ସେମାନଙ୍କର ପୁଲିସ ଯାଞ୍ଚ ପାଇଁ ବ୍ୟାଙ୍କ ଅଧିକାରୀ ତିନି ମାସ ତଳେ କହିଥିଲେ। କିନ୍ତୁ ଏହାକୁ ବିରୋଧ କରି ଯାଞ୍ଚ କରାଇ ଦେଇନଥିଲେ କେତେକ ଟ୍ରଷ୍ଟ କର୍ମକର୍ତ୍ତା। ତେଣୁ ଗଣତି ବେଳେ ବେଧଡ଼କ ଟଙ୍କା ଲୁଟ୍ ନିୟମିତ ବ୍ୟାପାର ପାଲଟିଯାଇଥିଲା ବୋଲି କୁହାଯାଉଛି।

ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି)ର ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ, ମନ୍ଦିରରେ ନିଯୁକ୍ତ ପ୍ରାୟ ୧୨୫ ଜଣ କର୍ମଚାରୀ ଟ୍ରଷ୍ଟ କର୍ମକର୍ତ୍ତା ଅନିଲ ମିଶ୍ରଙ୍କ ସୁପାରିସ କ୍ରମେ ଚାକିରି ପାଇଥିଲେ, ଯେଉଁଥିରେ ତାଙ୍କର ▶ପୃଷ୍ଠା-୭

## ଗୁଣି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା !

■ କେନ୍ଦୁଝର, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ଦୈତାରୀ ଅଞ୍ଚଳରେ ଜଣେ ଦମ୍ପତିଙ୍କୁ ହତ୍ୟା ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଗୁଣିଗାରେଡ଼ି ସନ୍ଦେହରେ ଏହି ଦମ୍ପତିଙ୍କୁ ହତ୍ୟା କରି ଏକ କୂଅରେ ପକାଇ ଦିଆଯାଇଥିଲା। ୭ ଦିନ ପରେ ସେହି ପରିତ୍ୟକ୍ତ କୂଅରୁ ଦମ୍ପତିଙ୍କର ଶବ ଆଜି ଉଦ୍ଧାର କରାଯାଇଛି। ୫ ଜଣ ସନ୍ଦିଗ୍ଧଙ୍କୁ ଦୈତାରି ଥାନା ପୁଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ଗତ ମାସ ୨୫ ତାରିଖରୁ ନିଖୋଜ ଥିଲେ ଉକ୍ତ ଦମ୍ପତି। ସେମାନଙ୍କୁ ଖୋଜିବା ଲାଗି ଉଦ୍ୟମ ଚାଲିଥିବା ବେଳେ ଆଜି ବଳିପର୍ବତ ହୁର୍ଲାବାହାଲୀ ଗାଁର ଏକ ପରିତ୍ୟକ୍ତ କୂଅରୁ ଖଗେଶ୍ୱର ସୋରେନ୍ ଓ ସ୍ତ୍ରୀ ଟୁନି ସୋରେନ୍‌ଙ୍କର ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ଉଦ୍ଧାର ପରେ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶିବ ମୁଣ୍ଡା ଏବଂ ଅନ୍ୟ ୪ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି ପୁଲିସ। ତଦନ୍ତ ଅଧିକ ବଢାଇବା ପାଇଁ ଘଟଣାର ଦୃଶ୍ୟାବତରଣ କରାଇଥିବା ଜଣାପଡ଼ିଛି। ମୃତ ଖଗେଶ୍ୱର ଗାଁରେ



କାହାକୁ ଜ୍ୱର ହେଲେ ଝଡାଫୁଙ୍କା କରୁଥିଲେ। ଗତ ୨୦୧୯ରେ ଶିବ ମୁଣ୍ଡାର ଭଉଣୀର ଦେହ ଖରାପ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ତାଙ୍କର ମୃତ୍ୟୁ ଘଟିବାରୁ, ଖଗେଶ୍ୱର ଗୁଣିଗାରେଡ଼ି କରି ତାଙ୍କ ଭଉଣୀକୁ ହତ୍ୟା କରିଥିବା ସନ୍ଦେହ କରୁଥିଲା ଶିବ ମୁଣ୍ଡା। ଗତ ୨୫ ତାରିଖରେ ଶିବ ମୁଣ୍ଡା, ଅନ୍ୟମାନଙ୍କ ସହ ମିଶି ଉକ୍ତ ଦମ୍ପତିଙ୍କୁ ହତ୍ୟା କରି ମୃତଦେହରେ ପଥର ବାନ୍ଧି କୂଅରେ ପକାଇ ଦେଇଥିବା ଅଭିଯୋଗ ହେଉଛି। ପୁଲିସ ୫ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ବେଳେ ସେମାନଙ୍କ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ।

## ଅସ୍ମିତାକୁ 'ପଖାଳ' ଚାପୁଡ଼ା

### ଓଡ଼ିଆଙ୍କୁ ପଖାଳର ହିତ ବୁଝାଇବାକୁ ଅଣଓଡ଼ିଆଙ୍କୁ ନିମନ୍ତ୍ରଣ



■ ଭୁବନେଶ୍ୱର, ୩।୭ (ସମିସ): ଶହଶହ ବର୍ଷ ଧରି ଓଡ଼ିଆ ଜନଜୀବନ ସହ ପଖାଳ ଜଡ଼ିତ। ମା'କୁ ମାମୁଁ ଘର କଥା କହିବା ଯାହା ଓଡ଼ିଆଙ୍କୁ ପଖାଳ କଥା ଶୁଣାଇବା ସେଇଆ ବୋଲି ଅନେକ କହନ୍ତି। ବିଶ୍ୱର ଯେଉଁଠି ଓଡ଼ିଆ ଅଛନ୍ତି, ପଖାଳ ସେଠି ତାର ସାମ୍ରାଜ୍ୟ ମେଲାଇଛି। ଅଷ୍ଟ୍ରେଲିଆରୁ ରୁଷ, ଆମେରିକାରୁ ଜାପାନ ପର୍ଯ୍ୟନ୍ତ ସବୁଠି ଓଡ଼ିଆ ପଖାଳକୁ ନିଜର ଅନ୍ୟତମ ପରିଚୟ ଭାବରେ ପରିପ୍ରକାଶ କରିଛି। ବିଦେଶରେ ଥିବା ଓଡ଼ିଆମାନେ ସାମାଜିକ ଗଣମାଧ୍ୟମରେ ପଖାଳ ଭୋଜି କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଓଡ଼ିଶାରେ ଗରିବ ଲୋକଙ୍କ ପାଇଁ ପଖାଳ ନିତିଦିନର ଖାଦ୍ୟ ଓ ଧନୀକମାନଙ୍କ ପାଇଁ ବିଳାସର କଥା। ମାତ୍ର ଓଡ଼ିଆଙ୍କ ଜୀବନଚର୍ଯ୍ୟା ସହ ଓତଃପ୍ରୋତ ଜଡ଼ିତ ପଖାଳ ଦିବସ ପାଳନ ପାଇଁ ପର୍ଯ୍ୟଟନ ବିଭାଗ ରାଜକୋଷରୁ କୋଟିକୋଟି ଟଙ୍କା ବ୍ୟୟ କରିବା ଏବେ ସାଧାରଣ ଲୋକମାନେ ହଜମ କରିପାରୁ ନାହାନ୍ତି। ବିଶେଷ କରି ପଖାଳର ଗୁଣବତ୍ତା ଓ ଏହାର ଖାଦ୍ୟମାନ ସମ୍ପର୍କରେ ବୁଝାଇବା ପାଇଁ ପର୍ଯ୍ୟଟନ ବିଭାଗ ଅନ୍ୟ ରାଜ୍ୟରୁ ଅଣଓଡ଼ିଆ ରୋଷେଇଆ (ସେଫ୍) ଓ ବ୍ଲଗରମାନଙ୍କୁ ନିମନ୍ତ୍ରଣ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିବା ସହଜରେ ବୁଝି ହେଉନାହିଁ।

ଅତିଥିମାନଙ୍କ ପାଇଁ ଆଠ କ୍ୱିଣ୍ଟାଲ ଚାଉଳରେ ପଖାଳ ଓ ୩୫୬ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କଲେ। ଏହାକୁ ଗିନିଜ ବୁକ୍ ରେକର୍ଡରେ ସ୍ଥାନ ଦେବା ପାଇଁ ୩୩ ଲକ୍ଷ ଟଙ୍କା ବ୍ୟୟ କଲେ। ଦେଢ଼ ଲକ୍ଷ ଟଙ୍କାର କଂସାବାସନ, ଦେଢ଼ ଲକ୍ଷ ଟଙ୍କାର ମାଟି ପାତ୍ର କିଣାଗଲା। ଅତିଥିଙ୍କୁ ପଖାଳ ପରଷିବା ପାଇଁ ନିଯୁକ୍ତ ବ୍ୟକ୍ତି (ୱେଟର)ଙ୍କ ପାଇଁ ୧୮୦ଟି ସମ୍ବଲପୁରୀ ଜ୍ୟାକେଟ୍ (ୱେଷ୍ଟକୋଟ୍) କିଣାଗଲା। ୩୩୦୦ ଟଙ୍କା ମୂଲ୍ୟର ୧୩୦ଟି, ୨୭୬୦ ଟଙ୍କା ମୂଲ୍ୟର ୨୩ଟି, ୩୦୩୦ ଟଙ୍କା ମୂଲ୍ୟର ୧୩ଟି, ୨୫୫୦ ଟଙ୍କା ମୂଲ୍ୟର ୧୪ଟି ଜ୍ୟାକେଟ ଓଟିଡ଼ିସି କର୍ତ୍ତୃପକ୍ଷଙ୍କ ଜରିଆରେ କିଣାଯାଇଥିବା ତଥ୍ୟ ଏବେ ବାହାରକୁ ଆସିଛି। ୫.୬୭ ଲକ୍ଷ ଟଙ୍କାର ଏହି ଜ୍ୟାକେଟ କିଣାରେ ୧.୧୩ ଲକ୍ଷ ଟଙ୍କା ରିଆତି ପରେ ୪ଲକ୍ଷ ୨୯ ହଜାର ୮୩ ଟଙ୍କା ପଇଠ ହୋଇଛି । ମାତ୍ର ଓଟିଡ଼ିସିରେ ୧୮୦ ଜଣ ୱେଟର ନ ଥିବାବେଳେ ଏହି ଜ୍ୟାକେଟ୍ କାହାପାଇଁ କିଣା ଯାଇଥିଲା, ସେ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ସଚିବ ବଲ୍‌ୱନ୍ତ ସିଂହ ରହସ୍ୟମୟ ଭାବରେ ନିରବ।

ସେହିପରି ପଖାଳ ଦିବସରେ ଯୋଗ ଦେବାକୁ କୋଲକାତା, ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ଗୋଆ, ନାସିକ, ଜୟପୁରରୁ ଅନେକ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ବ୍ୟକ୍ତିମାନେ କିଏ ଓ ପଖାଳ ସହ ସେମାନଙ୍କର କି ସମ୍ପର୍କ ଅଛି , ତାହା ଏଯାଏ ଅସ୍ପଷ୍ଟ। କୌତୂହଳର କଥା ହେଉଛି ଯେ ଏମାନଙ୍କ ମଧ୍ୟରେ କେହି ଜଣେ ବି ଓଡ଼ିଆ ନାହାନ୍ତି। ମୁଖାର୍ଜୀ, ଗିଲ୍, ବଥିଜା, ଜୈନ, ▶ପୃଷ୍ଠା-୭

**୪.୨୯ ଲକ୍ଷରେ କ୍ରୟ ୧୮୦ ଜ୍ୟାକେଟ ଏବେ କେଉଁଠି ?**



# ଚୀନ୍-ମୁକ୍ତ ତିବ୍ବତ ପାଇଁ ଜାତିସଂଘ ଅଫିସ ସମ୍ମୁଖରେ ଆତ୍ମଦାହ

ନ୍ୟୁୟର୍କ, ୩।୭(ଏଜେନ୍ସି): ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟ ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ ଜଣେ ୫୨ ବର୍ଷୀୟ ବ୍ୟକ୍ତି ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ତିବ୍ବତ ମୁକ୍ତି ଆନ୍ଦୋଳନ ସହ ଜଡ଼ିତ ଏକ ପ୍ରତିବାଦ ସ୍ୱରୂପ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ସନ୍ଦେହ କରୁଛି। ନିଆଁ ଲଗାଇବା ପୂର୍ବରୁ ବୌଦ୍ଧ ସନ୍ନ୍ୟାସୀଙ୍କ ଭଳି ପୋଷାକ ପିନ୍ଧିଥିବା ଏହି ବ୍ୟକ୍ତି ଜଣକ ରାସ୍ତାକଡ଼ରେ ଏକ ତିବ୍ବତୀୟ ପତାକା ରଖିଥିଲେ। ଘଟଣାସ୍ଥଳରୁ ପୋଲିସ କିଛି ପତ୍ରିକା/ପୋଷ୍ଟର ଜବତ କରିଛି, ଯେଉଁଥିରେ 'ଚୀନ୍ ଆଉଟ୍ ଅଫ୍ ତିବ୍ବତ' (ତିବ୍ବତରୁ ଚୀନ୍ ହଟାଅ) ବୋଲି ଲେଖାଯାଇଥିଲା। ୨୦୦୯ ମସିହାରୁ ଏପର୍ଯ୍ୟନ୍ତ ଚୀନ୍ ଶାସନ ବିରୋଧରେ ଏବଂ ତିବ୍ବତର ସାଂସ୍କୃତିକ-ଧାର୍ମିକ ସ୍ୱାଧୀନତା ଦାବି କରି ୧୫୦ରୁ ଅଧିକ ତିବ୍ବତୀୟ (ସନ୍ନ୍ୟାସୀ ଓ ସାଧାରଣ ନାଗରିକ) ଆତ୍ମଦାହ କରି ପ୍ରାଣ ହରାଇ ସାରିଛନ୍ତି। ୧୯୫୯ ମସିହାରେ ଚୀନ୍ ବିରୋଧୀ ବିଦ୍ରୋହ ବିଫଳ ହେବା ପରେ ଚତୁର୍ଦ୍ଦଶ ଦଲାଇଲାମା ଭାରତରେ ଆଶ୍ରୟ ନେଇଥିଲେ ଏବଂ ହିମାଚଳ ପ୍ରଦେଶର ଧର୍ମଶାଳାରେ ତିବ୍ବତର ନିର୍ବାସିତ ସରକାର ଚାଲୁଛି। ଭାରତ ଆନୁଷ୍ଠାନିକ ଭାବେ ତିବ୍ବତକୁ ଚୀନର ଅଂଶ ବୋଲି ସ୍ୱୀକାର କରେ, କିନ୍ତୁ ମାନବିକତା ଦୃଷ୍ଟିରୁ ଦଲାଇଲାମା ଓ ତିବ୍ବତୀୟ ଶରଣାର୍ଥୀଙ୍କୁ ନିଜ ମାଟିରେ ଆଶ୍ରୟ ଦେଇଛି।




# ଜଳିଗଲା ଏଲ୍‌ପିଜି ଟାଙ୍କର; ୫ ମୃତ

କୌଶାମ୍ବୀ, ୩।୭(ଏଜେନ୍ସି): ଉତ୍ତରପ୍ରଦେଶର କୌଶାମ୍ବୀ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାନପୁରରୁ ବାରାଣସୀ ଯାଉଥିବା ଏକ ଏଲପିଜି ଗ୍ୟାସ୍ ଟାଙ୍କର ନିୟନ୍ତ୍ରଣ ହରାଇ ଏକ ଟୋଲ୍ ପ୍ଲାଜା ନିକଟରେ ଡିଭାଇଡର ସହ ପିଟି ହେବା ଫଳରେ ସେଥିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୨୬ ତାରିଖ ସକାଳେ କୋଖରାଜ ଥାନା ଅନ୍ତର୍ଗତ ସିହୋରୀ ଟୋଲ୍ ପ୍ଲାଜା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଗ୍ୟାସ୍ ଟାଙ୍କରଟି ଦ୍ରୁତ ଗତିରେ ଆସି ଡିଭାଇଡର ସହ ଧକ୍କା ହେବା ମାତ୍ରେ ସେଥିରୁ ଗ୍ୟାସ୍ ନିର୍ଗତ ହୋଇ ସମଗ୍ର ଅଞ୍ଚଳକୁ ନିଆଁ ବ୍ୟାପି ଯାଇଥିଲା, ଯାହାର ସିସିଟିଭି ଚିତ୍ର ଏବେ ସାମ୍ନାକୁ ଆସିଛି। ଦୁର୍ଘଟଣା ପରେ ମିର୍ଜାପୁରର ବାସିନ୍ଦା ତଥା ଗାଡ଼ି ଚାଳକ ଧର୍ମେନ୍ଦ୍ର ଦ୍ୱିବେଦୀ ଗାଡ଼ି ଭିତରୁ ବାହାରି ନପାରି ଘଟଣାସ୍ଥଳରେ ହିଁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହା ସହିତ ଟୋଲ୍ ପ୍ଲାଜାରେ କାର୍ଯ୍ୟରତ ୫ ଜଣ କର୍ମଚାରୀ ଗୁରୁତର ଭାବେ ପୋଡ଼ି ଯାଇଥିଲେ। ସେମାନଙ୍କୁ ତୁରନ୍ତ ପ୍ରୟାଗରାଜର ସ୍ୱରୂପ ରାନୀ ନେହେରୁ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପରଦିନ ଆଲୋକ ସିଂହ ନାମକ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ଦିନ ହିରାମଣି ସିଂହ ଏବଂ କୃଷ୍ଣପାଲ ମୌର୍ଯ୍ୟ ନାମକ ଆଉ ଦୁଇ କର୍ମଚାରୀ ପ୍ରାଣ ହରାଇଛନ୍ତି। ଫଳରେ ଏହି ଦୁର୍ଘଟଣାରେ ମୋଟ ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ଅନ୍ୟ ଦୁଇ ଜଣ ଆହତ କର୍ମଚାରୀଙ୍କ ଚିକିତ୍ସା ଏବେ ମଧ୍ୟ ଜାରି ରହିଛି। ସ୍ଥାନୀୟ ଥାନା ଅଧିକାରୀ ଚନ୍ଦ୍ର ଭୂଷଣ ମୌର୍ଯ୍ୟ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିବା ବିଷୟ ନିଶ୍ଚିତ କରିଛନ୍ତି। ପୁଲିସ ସମସ୍ତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଏବଂ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟଣାର ଆଇନଗତ ତଦନ୍ତ ଜାରି ରଖିଛି।

### କୋର୍ଟ ଅବମାନନା ମାମଲା

## ଶପଥପତ୍ର ଦାଖଲ ପାଇଁ ମମତାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କୋଲକାତା, ୩।୭(ଏଜେନ୍ସି): ରାଲି ସମୟରେ କୋଲକାତାର ମୁଖ୍ୟ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଅଭିଯୋଗରେ ଦାୟର ହୋଇଥିବା ଏକ କୋର୍ଟ ଅବମାନନା ମାମଲାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଶପଥପତ୍ର (ଆଫିଡେଭିଟ୍) ଦାଖଲ କରିବାକୁ କଲିକତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅରିଜିତ ବାନାର୍ଜୀ ଏବଂ ଜଷ୍ଟିସ ଅପୂର୍ବ ସିହ୍ନା ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ଅଗଷ୍ଟ ମାସରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଗତ ୨୦୨୫ ଜୁଲାଇ ୨୧ ରେ କୋଲକାତାର ଧର୍ମତଲାଠାରେ ଟିଏମସି ପକ୍ଷରୁ ଆୟୋଜିତ 'ସହିଦ ଦିବସ' ସମାବେଶ ସମୟରେ କୋର୍ଟଙ୍କ ନିୟମ ଉଲ୍ଲଂଘନ କରି ସହରର ପ୍ରମୁଖ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏହାକୁ ନେଇ କୋର୍ଟରେ ଏକ ଅବମାନନା ଆବେଦନ ଦାଖଲ ହୋଇଥିଲା, ଯେଉଁଥିପାଇଁ ଗତ ଜୁନ୍ ୧୯ ରେ କୋର୍ଟ ମମତା ବାନାର୍ଜୀ ଓ ଅଭିଷେକ ବାନାର୍ଜୀଙ୍କୁ ନୋଟିସ ଜାରି କରିଥିଲେ।

## ଚୀନ୍ ସହ ଜଡ଼ିତ ୩ଟି ଆପ୍‌କୁ ବ୍ୟାନ୍ କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୩।୭(ଏଜେନ୍ସି): ଇ-ରିକ୍ସା ଚାଳକଙ୍କ ପାଇଁ ବଡ଼ ସମସ୍ୟା ସାଜିଥିବା ଚୀନ ସହ ଜଡ଼ିତ ୩ଟି ମୋବାଇଲ୍ ଆପ୍‌କୁ ଆପ୍ ଷ୍ଟୋର୍‌ରୁ ହଟାଇବା ପାଇଁ କେନ୍ଦ୍ର ଆଇଟି ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛି। ସୋସିଆଲ ମିଡିଆରେ 'ଟର୍ରି ଟ୍ରେଣ୍ଡ' ନାମରେ କିଛି ଭାଇରାଲ୍ ପ୍ରାଙ୍କ୍ ଭିଡିଓ ସାମ୍ନାକୁ ଆସିବା ପରେ ସରକାର ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କିଛି ଦୁର୍ବୃତ୍ତ ଏହି ଆପ୍‌ଗୁଡ଼ିକର ସାହାଯ୍ୟରେ ଚଳନ୍ତା ଇ-ରିକ୍ସାର ବ୍ୟାଟେରୀକୁ ବ୍ଲୁଟୁଥ୍ ମାଧ୍ୟମରେ ଦୂରରୁ ବନ୍ଦ କରିଦେଉଥିଲେ। ଏହାଦ୍ୱାରା ଚାଳକମାନେ ନାହିଁ ନଥିବା ହଇରାଣ ହେଉଥିଲେ ଏବଂ ରାସ୍ତାରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢୁଥିଲା। ଏହି ଆପ୍ କେବଳ ସେହି ଇ-ରିକ୍ସା ଉପରେ କାମ କରୁଥିଲା, ଯେଉଁଥିରେ ବ୍ଲୁଟୁଥ୍ ସପୋର୍ଟ ଥିବା ଲିଥିୟମ୍-ଆୟନ୍ ବ୍ୟାଟେରୀ ଲାଗିଥିଲା ଏବଂ ଯେଉଁଥିରେ କୌଣସି ପାସୱାର୍ଡ ସେଟ୍ ହୋଇନଥିଲା। ପୁରୁଣା ଲେଡ୍-ଏସିଡ୍ ବ୍ୟାଟେରୀ ଥିବା ଇ-ରିକ୍ସାଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ବ୍ୟାଟେରୀ ପ୍ରସ୍ତୁତକାରୀ କମ୍ପାନୀ ଏହି ଆପ୍‌କୁ ସୋଲାର୍ ପାୱାର୍ ଏବଂ ବୋଟ୍ ବ୍ୟାଟେରୀର ସ୍ୱାସ୍ଥ୍ୟ ମନିଟରିଂ ପାଇଁ ତିଆରି କରିଥିଲେ।

## ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ: ୪ ପଡ଼ୋଶୀ ଗିରଫ

ଦୁର୍ଗାପୁର, ୩।୭(ଏଜେନ୍ସି): ପଶ୍ଚିମବଙ୍ଗର ଦୁର୍ଗାପୁରରେ ଜଣେ ଆଦିବାସୀ ନାବାଳିକାକୁ ଜଙ୍ଗଲ ଭିତରକୁ ଟେକିନେଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ସ୍ଥାନୀୟ କୋର୍ଟ ସେମାନଙ୍କୁ ୬ ଦିନିଆ ପୋଲିସ ରିମାଣ୍ଡରେ ପଠାଇଛନ୍ତି। ବୁଧବାର ରାତିରେ ନାବାଳିକା ଜଣକ କମଲପୁର ଅଞ୍ଚଳରେ ଏକ ସ୍ଥାନୀୟ ମେଳା ଦେଖିବାକୁ ଯାଇଥିଲେ। ସେଠାରେ ସେ ଏକା ଥିବାର ସୁଯୋଗ ନେଇ ୪ ଜଣ ଯୁବକ ତାଙ୍କୁ ଜବରଦସ୍ତି ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇ ଗଣଦୁଷ୍କର୍ମ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ପୀଡ଼ିତାଙ୍କ ପଡୋଶୀ ଅଜୟ ସୋରେନ, ଲକ୍ଷ୍ମଣ ରାବିନ ବାସ୍କେ, ବୁଧନ ଟୁଡୁ ଏବଂ ରାଜୁ ମାଣ୍ଡି। ପୀଡ଼ିତା ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଦୁର୍ଗାପୁର ସବ୍-ଡିଭିଜନାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ତାଙ୍କର ଚିକିତ୍ସା ଚାଲିଛି।

### ଅପହରଣ, ଗଣଦୁଷ୍କର୍ମ ଅଭିଯୋଗ


## ପାକ୍ ଉପ-ପ୍ରଧାନମନ୍ତ୍ରୀଙ୍କ ନାତି ଗିରଫ

ଲାହୋର, ୩।୭(ଏଜେନ୍ସି): ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇସହାକ ଦାର୍‌ଙ୍କ ନାତି ମହମ୍ମଦ ରଜା ଦାର୍‌ଙ୍କ ସମେତ ୪ ଜଣଙ୍କୁ ଦୁଇ ବିଦେଶୀ ମହିଳାଙ୍କୁ ଗଣଦୁଷ୍କର୍ମ ଓ ଅପହରଣ କରିବା ଅଭିଯୋଗରେ ଲାହୋର ପୁଲିସ ଗିରଫ କରିଛି। କୋର୍ଟ ଅଭିଯୁକ୍ତମାନଙ୍କୁ ୫ ଦିନିଆ ପୁଲିସ ରିମାଣ୍ଡରେ ପଠାଇଛନ୍ତି। ନେଦରଲ୍ୟାଣ୍ଡ ଓ ଭେନେଜୁଏଲାର ଦୁଇ ଜଣ ମହିଳା କ୍ରିପ୍ଟୋକରେନ୍ସି ବ୍ୟବସାୟ ପାଇଁ ଗତ ୨୦୨୫ ଅକ୍ଟୋବରରେ ସିଙ୍ଗାପୁରରେ ରଜା ଦାର୍‌ଙ୍କୁ ଭେଟିଥିଲେ। ରଜା ସେମାନଙ୍କୁ ପାକିସ୍ତାନ ଆସିବାକୁ ନିମନ୍ତ୍ରଣ କରି ବିଜନେସ୍ ଭିସା ବ୍ୟବସ୍ଥା କରିଥିଲେ। ଜୁନ୍ ୨୯ରେ ମହିଳା ଦ୍ୱୟ ଲାହୋରରେ ପହଞ୍ଚିବା ମାତ୍ରେ ରଜା ଏବଂ ତାଙ୍କର ୪ ସହଯୋଗୀ ସେମାନଙ୍କୁ ଅପହରଣ କରି ଏକ ଘରକୁ ନେଇଯାଇଥିଲେ। ସେଠାରେ ସେମାନଙ୍କୁ ଗଣଦୁଷ୍କର୍ମ କରାଯିବା ସହ ମୁକ୍ତି ପାଇଁ କୋଟି କୋଟି ଟଙ୍କା ମଗାଯାଇଥିଲା। ପୀଡ଼ିତାଙ୍କ ମଧ୍ୟରୁ ଜଣଙ୍କ ପିତା ସ୍ପେନ୍‌ରୁ ପୁଲିସକୁ ଫୋନ୍ କରି ସୂଚନା ଦେବା ପରେ ଲାହୋର ପୁଲିସ ଚଢ଼ାଉ କରି ମହିଳାମାନଙ୍କୁ ଉଦ୍ଧାର କରିଥିଲା। ମାମଲାର ମୁଖ୍ୟ ଅଭିଯୁକ୍ତ ରଜା ଦାର୍ ବୋଲି ପୀଡ଼ିତାମାନେ କୋର୍ଟରେ ଚିହ୍ନଟ କରିଛନ୍ତି।

# ଆତଙ୍କବାଦ ବନ୍ଦ ନ କରିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ମିଳିବ ନାହିଁ

## ପାକିସ୍ତାନକୁ ଜବାବ ଦେଲା ଭାରତ

ନୂଆଦିଲ୍ଲୀ, ୩।୭(ଏଜେନ୍ସି): ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) କୁ ନେଇ ଭାରତ ସରକାର ଶୁକ୍ରବାର ଦିନ ନିଜର ଆଭିମୁଖ୍ୟ ପୁନର୍ବାର ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ନକରିବା ପର୍ଯ୍ୟନ୍ତ ଏହି ଚୁକ୍ତି ସ୍ଥଗିତ ରହିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରକାଶ କରିଛି। ଏହା ସହିତ ଆଫଗାନିସ୍ତାନ ଉପରେ ପାକିସ୍ତାନର ସାମରିକ ଆକ୍ରମଣକୁ ଭାରତ ନିନ୍ଦା କରିଛି ଏବଂ ଭେନେଜୁଏଲାରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାବି କରିଛି। ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ୍ ମଲିକ ଧମକପୂର୍ଣ୍ଣ ସ୍ୱରରେ କହିଥିଲେ ଯେ, ଯଦି କେହି ସିନ୍ଧୁ ଚୁକ୍ତି ଅନୁଯାୟୀ ପାକିସ୍ତାନ ଭାଗର ପାଣି ରୋକିବାକୁ ଚେଷ୍ଟା କରିବ, ତେବେ ତାର 'ହାତ କାଟି ଦିଆଯିବ'। ଅନ୍ୟପଟେ ପାକିସ୍ତାନର ସୂଚନା ମନ୍ତ୍ରୀ ଅଟ୍ଟାଉଲ୍ଲା ତାରାର କହିଛନ୍ତି ଯେ ୧୯୬୦ ମସିହାର ଏହି ଚୁକ୍ତି ଆଇନଗତ ଭାବେ ବାଧ୍ୟତାମୂଳକ ଏବଂ ଏହାକୁ ଏକପାଖିଆ ଭାବେ ବଦଳାଯାଇପାରିବ ନାହିଁ। ଏହାର ଜବାବରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ, ଭାରତର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ପାକିସ୍ତାନ ଆତଙ୍କବାଦକୁ ପ୍ରଶ୍ରୟ ଦେବା ବନ୍ଦ କରୁ ବୋଲି ଭାରତ ଚାହେଁ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବରୁ କହିଥିଲେ ଯେ, 'ରକ୍ତ ଏବଂ ପାଣି ଏକାଠି ବହିପାରିବ ନାହିଁ' ଭାରତର ଯୁକ୍ତି ହେଉଛି ଯେ ସମୟ ବଦଳିବା ସହ ଏହି ଚୁକ୍ତି ଅସମାନ ହୋଇଯାଇଛି, କାରଣ ଭାରତର ଜଳ ଆବଶ୍ୟକତା ବଢୁଥିଲେ ମଧ୍ୟ ପାକିସ୍ତାନକୁ ପଶ୍ଚିମ ନଦୀଗୁଡ଼ିକ ଉପରେ ଅଧିକ ସ୍ୱାଧିକାର ମିଳିଛି। ପାକିସ୍ତାନ ଏହାକୁ ବେଆଇନ ବୋଲି କହି ଜାତିସଂଘ ଏବଂ ଆନ୍ତର୍ଜାତୀୟ ସ୍ତରରେ ଭାରତ ବିରୋଧରେ ପ୍ରଚାର କରୁଛି। ସେହିପରି ଆଫଗାନିସ୍ତାନ ସୀମା ଭିତରେ ପାକିସ୍ତାନ କରିଥିବା ସାମରିକ ଆକ୍ରମଣକୁ ଭାରତ ତୀବ୍ର ସମାଲୋଚନା କରିଛି। ଏହି ଆକ୍ରମଣରେ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ଭାରତ ଆଫଗାନିସ୍ତାନର ସାର୍ବଭୌମତ୍ୱକୁ ସମର୍ଥନ କରେ ଏବଂ ସେଠାରେ ମାନବୀୟ ସହାୟତା ଓ ବିକାଶମୂଳକ କାର୍ଯ୍ୟ ଜାରି ରଖିବ ବୋଲି ମନ୍ତ୍ରଣାଳୟ କହିଛି। ଅନ୍ୟଏକ ଘଟଣା କ୍ରମରେ ଭେନେଜୁଏଲାରେ ଭାରତୀୟ ନାବିକ ରାକେଶ ଚୌହାନଙ୍କ ମୃତ୍ୟୁ ଏବଂ ତାଙ୍କ ଶରୀରରୁ କିଛି ଅଙ୍ଗ ଗାୟବ ଥିବା ଅଭିଯୋଗ ଉପରେ ଭାରତ ଚିନ୍ତା ପ୍ରକଟ କରିଛି। କାରାକାସ୍‌ରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ଭେନେଜୁଏଲା ପ୍ରଶାସନକୁ ଅନୁରୋଧ କରିଛି। ଭାରତ ସ୍ପଷ୍ଟ କରିଦେଇଛି ଯେ ଆଲୋଚନା ଏବଂ ଆତଙ୍କବାଦ ଏକାଠି ଚାଲିପାରିବ ନାହିଁ। ପାକିସ୍ତାନର କୌଣସି ପ୍ରକାର ଗୀଦଡ଼ ଭବାଲି କିମ୍ବା ଆନ୍ତର୍ଜାତୀୟ ଚାପ ଆଗରେ ଭାରତ ନିଜ ଜାତୀୟ ସୁରକ୍ଷା ଓ ଜଳ ଅଧିକାରକୁ ନେଇ କଦାପି ମୁଣ୍ଡ ନୁଆଁଇବ ନାହିଁ।



## ଆରମ୍ଭ ହେଲା ଅମରନାଥ ଯାତ୍ରା, ପ୍ରତି ୨ କିମିରେ ଅକ୍ସିଜେନ୍ ବୁଥ୍



ନୂଆଦିଲ୍ଲୀ, ୩।୭(ଏଜେନ୍ସି): ହିମାଳୟର ଉଚ୍ଚ ଉପତ୍ୟକାରେ ଆଜିଠାରୁ 'ବାବା ବର୍ଫାନୀ'ଙ୍କ ଜୟ ସ୍ଲୋଗାନ ସହ ଚଳିତ ବର୍ଷର ପବିତ୍ର ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ଆସନ୍ତା ୫୭ ଦିନ (ଅଗଷ୍ଟ ୨୮ ପର୍ଯ୍ୟନ୍ତ) ଧରି ଚାଲିବାକୁ ଥିବା ଏହି ଯାତ୍ରାରେ ଚଳିତ ବର୍ଷ ୪ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ସାମିଲ ହେବାର ସମ୍ଭାବନା ରହିଛି। ପ୍ରଥମ ଦଳରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୨୫୯ଟି ଗାଡ଼ିରେ ୪, ୮୨୨ ଜଣ ଶ୍ରଦ୍ଧାଳୁ (୩୭୦୭ ପୁରୁଷ, ୮୧୬ ମହିଳା, ୧୬ ଶିଶୁ ଏବଂ ୨୪୬ ସାଧୁ) ବାଲ୍‌ଟାଲ୍ ଓ ପହଲଗାମ୍ ରୁଟ୍ ଦେଇ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ୩, ୮୮୮ ମିଟର ଉଚ୍ଚରେ ଥିବା ପବିତ୍ର ଗୁମ୍ଫାରେ ପ୍ରାକୃତିକ ବରଫ ଶିବଲିଙ୍ଗଙ୍କ ଦର୍ଶନ କରିବେ। ବାଲ୍‌ଟାଲ୍ ରୁଟ୍‌ର ଭୂସ୍ଖଳନ ପ୍ରବଣ ଅଞ୍ଚଳକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ୧୨ଟି ୱାଟରପ୍ରୁଫ୍ (ବର୍ଷା ନିରୋଧୀ) ଡୋମ୍ ଏବଂ ବଡ଼ ଜରୁରୀକାଳୀନ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ଡିଜିଟାଲ୍ ସ୍କ୍ରିନ୍ ମାଧ୍ୟମରେ ଲାଇଭ୍ ପାଣିପାଗ ଅପଡେଟ୍ ଦିଆଯାଉଛି। ପାର୍ବତ୍ୟ ଅଞ୍ଚଳରେ ଶ୍ୱାସକ୍ରିୟାରେ ସମସ୍ୟା ଭୋଗୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତି ୧ରୁ ୨ କିଲୋମିଟର ବ୍ୟବଧାନରେ ଅକ୍ସିଜେନ୍ ବୁଥ୍ ସ୍ଥାପନ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମନ୍ତବ୍ୟ ଦେଇ ଡିଏମ୍‌କେ ବିଧାୟକ ଗିରଫ

ଚେନ୍ନଇ, ୩।୭(ଏଜେନ୍ସି):ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ଆପତ୍ତିଜନକ ଓ ଉତ୍ତେଜନାମୂଳକ ମନ୍ତବ୍ୟ ଦେବା ଅଭିଯୋଗରେ ଡିଏମକେ ଦଳର ବରିଷ୍ଠ ବିଧାୟକ ଅନିଥା ଆର ରାଧାକ୍ରିଷ୍ଣନଙ୍କୁ ଶୁକ୍ରବାର ଦିନ ପୁଲିସ ଗିରଫ କରିଛି। ମାଡ୍ରାସ ହାଇକୋର୍ଟ ତାଙ୍କର ଅଗ୍ରିମ ଜାମିନ ଆବେଦନକୁ ଖାରଜ କରିବା ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୨୦ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ କରୁଣାନିଧିଙ୍କ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ରାଧାକ୍ରିଷ୍ଣନ ଏହି ବିବାଦୀୟ ବୟାନ ଦେଇଥିଲେ। ସେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଚେହେରା ଏବଂ ଚଳଚ୍ଚିତ୍ର ଜଗତରୁ ରାଜନୀତିକୁ ତାଙ୍କର ଆଗମନକୁ ନେଇ କଟାକ୍ଷ କରିଥିଲେ। ବିଧାନସଭାରେ ଏକ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଆଚରଣକୁ ଜଣେ ଗ୍ରାହକଙ୍କ ସହ ତୁଳନା କରି ସେ ପରିହାସ କରିଥିଲେ, ଯାହାକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ ଜଣେ ନିର୍ବାଚିତ ଜନପ୍ରତିନିଧି ଭାବରେ ଏଭଳି ଅଶୋଭନୀୟ ମନ୍ତବ୍ୟ ଦେବା ଜମାରୁ ଉଚିତ ନୁହେଁ। ତାମିଲନାଡୁରେ ୧୯୬୭ ମସିହାରୁ ସିନେମା ଜଗତର ବ୍ୟକ୍ତିମାନଙ୍କୁ ଜନସାଧାରଣ ଭୋଟ୍ ଦେଇ ନେତା ଭାବେ ବାଛୁଥିବାରୁ ଏଭଳି ମନ୍ତବ୍ୟ ଅନାବଶ୍ୟକ ବୋଲି କୋର୍ଟ ପ୍ରକାଶ କରିଛନ୍ତି। ଅନ୍ୟପଟେ, ଡିଏମକେ ସାଂସଦ କନିମୋଝି ଏହି ଗିରଫଦାରୀକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ସରକାରଙ୍କ ଦମନମୂଳକ ଓ ଏକଛତ୍ରବାଦୀ ନୀତି ବୋଲି ଅଭିହିତ କରିଛନ୍ତି।


# ଇରାନୀ ନେତାଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରିଥିଲା ଇସ୍ରାଏଲ

ୱାସିଂଟନ, ୩।୭(ଏଜେନ୍ସି): ଇରାନର ଶୀର୍ଷସ୍ତରୀୟ ଶାନ୍ତି ଆଲୋଚନାକାରୀଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ ରଚିଥିବା ଏକ ଗୁପ୍ତ ଷଡ଼ଯନ୍ତ୍ର ବାବଦରେ ଆମେରିକା ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଚଳିତ ବର୍ଷ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଯୁଦ୍ଧବିରତି ପ୍ରକ୍ରିୟାକୁ ରକ୍ଷା କରିବା ପାଇଁ ଆମେରିକା ମଧ୍ୟପ୍ରାଚ୍ୟର କେତେକ ଦେଶ ଜରିଆରେ ଇରାନକୁ ଏହି ସାଙ୍ଘାତିକ ଖବର ପହଞ୍ଚାଇଥିବା ଜଣାପଡ଼ିଛି। ଇସ୍ରାଏଲର ଏହି ସମ୍ଭାବ୍ୟ ଆକ୍ରମଣ ଯୋଜନାର ମୁଖ୍ୟ ଟାର୍ଗେଟରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏବଂ



- ଇରାନକୁ ସତର୍କ କଲା ଆମେରିକା
- ଶାନ୍ତି ଆଲୋଚନା ବିଗାଡ଼ିବାକୁ କରିଥିଲା ଯୋଜନା

ସଂସଦ ଅଧ୍ୟକ୍ଷ ମହମ୍ମଦ ବାଘେର ଗାଲିବାଫ ଥିଲେ। ଯଦି ଏହି ଦୁଇ ନେତାଙ୍କ ଉପରେ ଆକ୍ରମଣ ହୋଇଥାନ୍ତା, ତେବେ ଚାଲୁ ରହିଥିବା ଶାନ୍ତି ଆଲୋଚନା ସମ୍ପୂର୍ଣ୍ଣ ଭାବେ ଭଣ୍ଡୁର ହୋଇଯାଇଥାନ୍ତା ବୋଲି ଆମେରିକୀୟ ଅଧିକାରୀମାନେ ଆଶଙ୍କା ପ୍ରକାଶ କରିଥିଲେ। ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଇରାନର ଶୀର୍ଷ ନେତୃତ୍ୱକୁ ଶେଷ କରିବା ଇସ୍ରାଏଲର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି କ୍ରମରେ ପୂର୍ବରୁ ଆମେରିକା ସହ ଆଲୋଚନାରେ ସାମିଲ ଥିବା ଇରାନର ଦୁଇ ପ୍ରମୁଖ ନେତା ଅଲି ଲାରିଜାନି ଏବଂ କମାଲ ଖରାଜି ଇସ୍ରାଏଲ ବିମାନ ଆକ୍ରମଣରେ ପ୍ରାଣ ହରାଇଥିଲେ। କିନ୍ତୁ ଏପ୍ରିଲରୁ ଯେତେବେଳେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧବିରତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ ହେଲା, ସେତେବେଳେ ଆମେରିକା ଚାହୁଁନଥିଲା ଯେ ଇସ୍ରାଏଲ ପୁଣି କୌଣସି ବଡ଼ ନେତାଙ୍କୁ ହତ୍ୟା କରି ପରିସ୍ଥିତିକୁ ଜଟିଳ କରୁ। ଏପରିକି ଆମେରିକାର ଚାପ ଯୋଗୁଁ ଇସ୍ରାଏଲ ନିଜର ହିଟ୍ ଲିଷ୍ଟ ବା ସଂହାର ତାଲିକାରୁ ଆରାଗଚି ଏବଂ ଗାଲିବାଫଙ୍କ ନାମ ହଟାଇବାକୁ ବାଧ୍ୟ ହୋଇଥିଲା। କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଗାଲିବାଫଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ ଚେଷ୍ଟା ଚଳାଇଥିଲା ଏବଂ ସେ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ଇସ୍ରାଏଲର ଏହି ଆକ୍ରୋଶମୂଳକ ମନୋଭାବ ପଛରେ ରହିଛି ଶାନ୍ତି ଚୁକ୍ତିକୁ ନେଇ ଅସନ୍ତୋଷ। ନିକଟରେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଏକ ପ୍ରାଥମିକ ସାମୁଦ୍ରିକ ଓ ପରମାଣୁ ସମ୍ପର୍କିତ ବୁଝାମଣାକୁ ଇସ୍ରାଏଲ ସହଜରେ ଗ୍ରହଣ କରିପାରୁନାହିଁ। ଇସ୍ରାଏଲର ମତରେ, ଏହି ଚୁକ୍ତି ଦ୍ୱାରା ଇରାନ ଆର୍ଥିକ ସହାୟତା ପାଇ ପୁଣି ଶକ୍ତିଶାଳୀ ହେବ।



୧୪ ଦିନିଆ ବିଚାର ବିଭାଗୀୟ ହେପାଜତକୁ ପଠାଗଲା

## କୋଡ୍ ୱାର୍ଡରେ ଚାଟିଂ କରୁଥିଲେ ସିୟା ଓ ଚେତନ

ପୁଣେ, ୩।୭ (ଏଜେନ୍ସି): ପୁଣେର ଜଣେ ଜଣାଶୁଣା ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିବା ମାମଲାରେ ପୁଣେର ଏକ କୋର୍ଟ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ (୨୦) ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀ (୨୨)ଙ୍କୁ ଜୁଲାଇ ୧୬ ପର୍ଯ୍ୟନ୍ତ ୧୪ ଦିନିଆ ବିଚାରବିଭାଗୀୟ ହେପାଜତକୁ ପଠାଇଛନ୍ତି। କୋର୍ଟ ପୋଲିସର ରିମାଣ୍ଡ ବଢ଼ାଇବା ଆବେଦନକୁ ଖାରଜ କରିଦେଇଛନ୍ତି। ପୁଲିସ୍ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ଜୁନ୍ ୧୮ରେ ଲୋହଗଡ଼ ଦୁର୍ଗର ଏକ ୪୦୦ ଫୁଟ୍ ଗଭୀର ଖାତକୁ କେତନଙ୍କୁ ଠେଲିବା ପୂର୍ବରୁ ସିୟା ଏବଂ ଚେତନ ପୁଣେର ଲୁଲ୍ଲାନଗର ଅଞ୍ଚଳରେ ଏହାର ରିହର୍ସାଲ୍ ବା ଅଭ୍ୟାସ ମଧ୍ୟ କରିଥିଲେ। ପରସ୍ପରକୁ ଠେଲି ସେମାନେ କେମିତି ବିନା ପ୍ରମାଣରେ ହତ୍ୟା କରିବେ, ତା'ର କୌଶଳ ଶିଖିଥିଲେ। ଦୁହେଁ ଅପରାଧ ଲୁଚେଇବା ପାଇଁ କୋଡ୍ ୱାର୍ଡରେ ଚାଟିଂ କରୁଥିଲେ। ଯୋଜନା ମୁତାବକ, ଲୋହଗଡ଼ ଦୁର୍ଗର ସେହି ପାହାଡ଼ ଉପରେ ପହଞ୍ଚିବା ପରେ ସିୟା ତଳେ ବସିପଡ଼ି ଚେତନକୁ ସଙ୍କେତ ଦେଇଥିଲେ ଏବଂ ଚେତନ ପଛରୁ ଆସି କେତନଙ୍କୁ ତଳକୁ ଠେଲି ଦେଇଥିଲେ। ଚଳିତ ବର୍ଷ ନଭେମ୍ବରରେ କେତନ ଓ ସିୟାଙ୍କର ବିବାହ ହେବାର ଥିଲା। ଉଭୟଙ୍କ ମୋବାଇଲ୍‌ରୁ ମିଳିଥିବା କୋଡ୍ ଲାଙ୍ଗୁଏଜ୍ (ସଙ୍କେତ ଭାଷା) ଏବଂ ଚାଟ୍‌ର ରହସ୍ୟ ଖୋଲିବା ପାଇଁ ପୁଲିସ୍ ଆଉ ୩ ଦିନର ରିମାଣ୍ଡ ମାଗିଥିଲା, ଯାହାକୁ କୋର୍ଟ ଅଗ୍ରାହ୍ୟ କରିଛନ୍ତି। ପୁଲିସ୍ ବର୍ତ୍ତମାନ ଉଭୟଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ଅନୁମତି ଲୋଡ଼ିଛି।



## 'ହନିମୁନ' ହତ୍ୟା ଅଭିଯୁକ୍ତ ସୋନମର ଜାମିନ ରଦ୍ଦ ହେବନି

ନୂଆଦିଲ୍ଲୀ, ୩।୭(ଏଜେନ୍ସି): ମେଘାଳୟରେ ହନିମୁନ ସମୟରେ ସ୍ୱାମୀ ରାଜା ରଘୁବଂଶୀଙ୍କୁ ହତ୍ୟା କରିବା ମାମଲାର ମୁଖ୍ୟ ଅଭିଯୁକ୍ତ ସୋନମ ରଘୁବଂଶୀଙ୍କ ଜାମିନ ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି। କୋର୍ଟ କହିଛନ୍ତି ଯେ ଅଭିଯୁକ୍ତ ଜେଲରୁ ମୁକୁଳି ସାରିଥିବାରୁ ଏହି ପର୍ଯ୍ୟାୟରେ ଜାମିନ ସ୍ଥଗିତ କରାଯାଇପାରିବ ନାହିଁ। ଯଦି ସେ ଜେଲରେ ଥାଆନ୍ତେ, ତେବେ ଜାମିନ ଆଦେଶ ଉପରେ ରୋକ୍ ଲଗାଯାଇଥାନ୍ତା। ତେବେ ହାଇକୋର୍ଟଙ୍କ ଜାମିନ ପ୍ରଦାନର ଯୁକ୍ତିକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ମେଘାଳୟ ସରକାରଙ୍କ ଆବେଦନ ଉପରେ ସୋନମଙ୍କୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ ଏମ୍‌ଏମ୍ ସୁନ୍ଦରେଶ ଏବଂ ଜଷ୍ଟିସ ଶୀଲ ନାଗୁଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ଯେ, କେବଳ ଆଇନର ଭୁଲ ଧାରା ଉଲ୍ଲେଖ ହେବା ଭଳି ଏକ ବୈଷୟିକ ତ୍ରୁଟି ପାଇଁ ହାଇକୋର୍ଟ ଜାମିନ ଦେବା କେତେଦୂର ଯୁକ୍ତିଯୁକ୍ତ? ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଥିଲା, ଯେଉଁଠାରେ ସୋନମ ଓ ତାଙ୍କ ସହଯୋଗୀମାନେ ସ୍ୱାମୀଙ୍କୁ ହତ୍ୟା କରି ଗଭୀର ଖାତକୁ ଫିଙ୍ଗି ଦେଇଥିଲେ। ମେଘାଳୟ ହାଇକୋର୍ଟ ଜୁନ୍ ୨୯ରେ ସୋନମଙ୍କୁ ଜାମିନ ଦେଇଥିଲେ।

# ସରିଲା ଶ୍ରୀଅଙ୍ଗ ଫିଟା ନୀତି: ଆଜି ଫୁଲୁରୀ ତେଲ ଲାଗି

ପୁରୀ,୩।୭ (ସମିସ): ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡିଛନ୍ତି ଦାରୁବିଗ୍ରହ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିପଡିଛନ୍ତି ଦଇତାପତି ସେବକ। ଚାଲିଛି ଉପଚାର। ତେବେ ଶୁକ୍ରବାର ଅଣସରର ପଞ୍ଚମ ଦିବସ। ଏହିଦିନ ଠାକୁର ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରୀ, ଶ୍ରୀମୁଖରେ ଥିବା କନା ଆଦି କଢାଯାଇଛି। ଏହାକୁ ଶ୍ରୀଅଙ୍ଗ ଫିଟା ନୀତି କୁହାଯାଏ। ଶ୍ରୀମୁଖରୁ ଯେଉଁ କନା (ବିରୂପ) ବାହାରେ ତାକୁ ଅଲଗା ରଖାଯାଏ। ଏହି କନାକୁ ଅଣସର ଶୁଦ୍ଧସୁଆର ସେବକ ତ୍ରୟୋଦଶୀ ରାତିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରିଥାନ୍ତି। ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, ପାଟଡୋରୀକୁ ଦ୍ୱାଦଶୀରେ ରାଜପ୍ରସାଦ ଆକାରରେ ଶ୍ରୀନଅରକୁ ବିଜେ କରାଯାଏ। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ। ମହାପ୍ରଭୁ କିପରି ସୁସ୍ଥ ହେବେ ସେଥିପାଇଁ ଶନିବାର ଶ୍ରୀଅଙ୍ଗରେ ଲାଗି ହେବ ଫୁଲୁରୀ ତେଲ। ପୂର୍ବ ପରମ୍ପରା ଅନୁଯାୟୀ, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଏହି ଫୁଲୁରୀ ତେଲ ବଡ଼ଓଡିଆ ମଠ ଯୋଗାଇଦେବ। ରାଶି ତେଲରେ ବିଭିନ୍ନ ପ୍ରକାର ଚେର, ଔଷଧୀୟ ଫୁଲ ଆଦି ମିଶାଯାଇ ଗୋଟିଏବର୍ଷ ପୂର୍ବରୁ ମାଟିତଳେ ପୋତା ଯାଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଏହି ଫୁଲୁରୀ ତେଲ ଲାଗି କରିବେ।

## ମଧୁବାବୁ ପେନ୍ସନ୍ ଯୋଜନାରେ ମହାଦୁର୍ନୀତି | ୩୦.୭୮ ଲକ୍ଷ ହଡ଼ପ, ୨ ପିଇଓ ଗିରଫ

ପୁରୀ,୩।୭ (ସମିସ): ମଧୁବାବୁ ପେନସନ୍ ଯୋଜନା (ଏମ୍‌ବିପିୱାଇ) ଅର୍ଥରୁ ୩୦ ଲକ୍ଷ ୭୮ ହଜାର ୬୨୦ ଟଙ୍କା ହଡ଼ପ ଅଭିଯୋଗରେ ଭିଜିଲାନ୍ସ ଶୁକ୍ରବାର ପୁରୀ ଜିଲ୍ଲାର ଦୁଇଜଣ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗଡ଼ମୃଗଶିରା ଓ ଜମାରସୁଆଁ ଗ୍ରାମପଞ୍ଚାୟତର ପୂର୍ବତନ ପିଇଓ ସୁଲମଣି ଜାନି (ବର୍ତ୍ତମାନ ସଦର ବ୍ଲକ କାର୍ଯ୍ୟାଳୟରେ ସଂଲଗ୍ନ) ଏବଂ କଣାସ ବ୍ଲକ ସାହୁପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ପିଇଓ ଟୁନା ପ୍ରଧାନ(ବର୍ତ୍ତମାନ ଗୋପ ବ୍ଲକ କାର୍ଯ୍ୟାଳୟରେ ସଂଲଗ୍ନ)। ଉଭୟଙ୍କୁ ଭୁବନେଶ୍ୱରସ୍ଥିତ କୋର୍ଟକୁ ଚାଲାଣ କରାଯାଇଛି। ଓଡ଼ିଶା ଭିଜିଲାନ୍ସର ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଦୁଇ ଅଧିକାରୀ ୨୦୨୨ରୁ ୨୦୨୫ ମଧ୍ୟରେ ନିଜ ପ୍ରଶାସନିକ ପଦର ଅପବ୍ୟବହାର କରି ସୁଚିନ୍ତିତ ଆର୍ôଥକ ଠକେଇ କରିଛନ୍ତି। ବୃଦ୍ଧ, ଦିବ୍ୟାଙ୍ଗ ଓ ନିରାଶ୍ରୟ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ମଧୁବାବୁ ପେନସନ୍ ଟଙ୍କାକୁ ବଣ୍ଟନ ନ କରି ନିଜ ଲାଭ ପାଇଁ ହଡ଼ପ କରିଛନ୍ତି। ସୁଲମଣି ୧୫,୭୪,୮୨୦ ଟଙ୍କା ଏବଂ ଟୁନା ୧୫,୦୩,୮୦୦ ଟଙ୍କା ଏହିପରି ମୋଟ ୩୦,୭୮,୬୨୦ ଟଙ୍କା ହଡ଼ପ କରିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ.୧୩ ଓ ୧୪/୨୦୨୬ରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି। ଏ ନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

### ରଥଖଳାରୁ....

## ଚନ୍ଦ୍ରଶାଳୀରେ ଧ୍ୱଜାବତା ସଂଯୋଗ

ପୁରୀ,୩।୭ (ସମିସ): ଆଉ ୧୨ ଦିନ ପରେ ବଡ଼ଦାଣ୍ଡରେ ଗଡିବ ତିନିରଥ। ଶୁକ୍ରବାର ତିନିରଥର ଦୁଆର ବେଢାକୁ ମଜବୁତ୍ କରି ରଖିବା ପାଇଁ ଏହାର ଉପର ଭାଗ ଚନ୍ଦ୍ରଶାଳୀରେ ଧ୍ୱଜବତା ସଂଯୋଗ କରାଯାଇଛି। ସେହିପରି ତିନିରଥର ନୂତନ ବ୍ରେକ ପୁଲିରେ ଲୁହା କଡ଼ା ସଂଯୋଗ ସରିଛି। ଚିତ୍ରକାର ସେବକମାନେ ତିନିରଥର



ପ୍ରଭାର ରଙ୍ଗ କାର୍ଯ୍ୟ ପାଇଁ ସେଥିରେ ଧଳା ପ୍ରାଇମର୍ ବୋଳା ଶେଷ କରିଛନ୍ତି। ପ୍ରାଇମର୍ ଶୁଖିଲା ପରେ ପ୍ରଭାରେ ରଙ୍ଗ ଚିତ୍ର ଆଙ୍କିବେ। ଏଥିସହ ଚିତ୍ରକାର ସେବକମାନେ ତିନିରଥର ବାହ୍ୟ ଅଂଶଗୁଡିକରେ ରଙ୍ଗ କାର୍ଯ୍ୟ ସହ ସାରଥୀ, ଘୋଡ଼ା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଅପରପକ୍ଷେ ତିନିରଥର କନା କଟିଙ୍ଗ ପରେ ବତା କନାରେ ବିଳାସ ପଟି (ଜରୀ ଲେସ୍ ପଟି) ପକା କାର୍ଯ୍ୟ ଶେଷ କରି ସେଥିରେ ସିଲଭର୍ ଜରି ଫୁଲ ଏବଂ ଚକି ପଡ଼ିବା ବାକି ରହିଛି। ଶନିବାର ତିନିରଥର ଦୁଆର ବେଢ଼ା ଏବଂ ଚନ୍ଦ୍ରଶାଳୀ ପାଇଁ କନା କଟିଙ୍ଗ ସହ ସେଥିରେ ସିଲ୍‌ଭର ଜରି ସୂକ୍ଷ୍ମ କାରୁକାର୍ଯ୍ୟ ସିଲେଇ କାର୍ଯ୍ୟ ଆରମ୍ଭ କରିବେ। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନିରଥର ଧ୍ୱଜ ବତା କଣ୍ଟା ଏବଂ ନୂଆ ବ୍ରେକ ପୁଲି ପାଇଁ ଲୁହା କଡା ନିର୍ମାଣ ଶେଷ କରି ରଥ ମହାରଣାମାନଙ୍କୁ ଯୋଗାଇଦେବା ସହ ତିନିରଥର ପ୍ରଭା ବିଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୩।୭ (ସମିସ): ରାଜ୍ୟର ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଶବ ବ୍ୟବଚ୍ଛେଦ ଠାରୁ ଆରମ୍ଭ କରି ଓପିଡି, ଆଇପିଡି, ଆଉଟଡୋର ରୋଗୀମାନଙ୍କ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ ମାନଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଛି। ସରକାର ଅହଙ୍କାର ମନୋଭାବ ରଖି ଡାକ୍ତରମାନଙ୍କ ନ୍ୟାୟୋଚିତ ଦାବି ବିଷୟରେ ଆଲୋଚନା ନ କରି ରୋଗୀମାନଙ୍କ ଜୀବନ ସହ ଖେଳୁଥିବାରୁ ସରକାରଙ୍କୁ କଡ଼ା ନିନ୍ଦା କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସରକାରଙ୍କ ଉପରେ ବର୍ଷିଛନ୍ତି।



ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ୯ ଜାନୁଆରୀ ୨୦୨୬ରେ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମସା)ର କର୍ମକର୍ତ୍ତାଙ୍କ ସହ ଡାକ୍ତରମାନଙ୍କର ୧୦ ଦଫା ଦାବି ଉପରେ ଆଲୋଚନା ହୋଇଥିଲା।ଦୁଇରୁ ତିନି ମାସ ମଧ୍ୟରେ ସମାଧାନର ବାଟ ବାହାର କରାଯିବ ବୋଲି ସରକାରଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା; କିନ୍ତୁ କମିଟି ଗଠନ ହୋଇପାରିଲା ନାହିଁ। ଫଳସ୍ୱରୂପ ଜୁଲାଇ ୧ ତାରିଖରୁ ଧର୍ମଘଟ ନେଇ ଓମସା ନୋଟିସ ଦେଇଥିଲା। ଜୁନ୍ ୨ ତାରିଖରେ ସରକାରଙ୍କ ସହ ବୈଠକ ହୋଇଥିଲେ ମଧ୍ୟ କୌଣସି ନିର୍ଭରଯୋଗ୍ୟ ଆଶ୍ୱାସନା ମିଳିନଥିଲା। ୩୦ ଜୁନ୍ ବୈଠକରେ ଡାକ୍ତରମାନଙ୍କ ଦାବି ଉପରେ ସରକାରଙ୍କ ପକ୍ଷରୁ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ମିଳିବାରୁ ଧର୍ମଘଟ ସ୍ଥଗିତ ହୋଇପାରିଲା ନାହିଁ। ଡାକ୍ତରମାନଙ୍କ ଧର୍ମଘଟ ଯୋଗୁଁ ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଦେଖିବାକୁ ମିଳୁଛି। ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ସ୍ୱାସ୍ଥ୍ୟସେବା ସ୍ୱାଭାବିକ କରନ୍ତୁ, ନ ହେଲେ କୌଣସି ଅଘଟଣ ଘଟିଲେ, ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ଗତ ତିନି ଦିନ ଧରି ରାଜ୍ୟର ସରକାରୀ ଡାକ୍ତରଖାନା ଗୁଡ଼ିକରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ବିଜେଡି ସରକାର ସମୟରେ ଡିଏସିପିର ୬, ୧୨,

**ସରକାରଙ୍କ ଅପାରଗତା ଲାଗି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

**ଡାକ୍ତରମାନଙ୍କ ପଞ୍ଜିକରଣ ବାତିଲ ଧମକ ଲଜ୍ଜାଜନକ**

୧୮ ଓ ୨୪ ବର୍ଷର ପଦୋନ୍ନତି ବ୍ୟବସ୍ଥାକୁ ମଞ୍ଜୁର କରାଯାଇଥିଲା। ବୀମା ସହିତ ଡାକ୍ତରମାନଙ୍କ ଅନ୍ୟାନ୍ୟ ଆନୁଷଙ୍ଗିକ ଦାବି ପୂରଣ କରାଯାଇଥିଲା। ଡାକ୍ତରମାନଙ୍କୁ କର୍ମ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇନର ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ କେନ୍ଦ୍ରୀୟ ଡିଏସିପି ଲାଗୁ କରିବା ପାଇଁ ଓମସା ଦାବି କରିଛି। ଦାବି ପୂରଣ କରିବା ପରିବର୍ତ୍ତେ ସରକାର ନିଜର ଗର୍ବ ଓ ଅହଂକାରକୁ ଆଗରେ ରଖି କାର୍ଯ୍ୟ କରୁଛନ୍ତି। ରୋଗୀ ସେବାକୁ ପ୍ରାଥମିକତା ଦେଇ ଡାକ୍ତରମାନଙ୍କ ସହ ସରକାର ଆଲୋଚନା କରନ୍ତୁ, ସେମାନଙ୍କ ଦାବି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

ପ୍ରତାପ ଜେନା କହିଥିଲେ ଯେ ବର୍ତ୍ତମାନ ସରକାରୀ ଡାକ୍ତରଖାନାଗୁଡ଼ିକର ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ହୋଇପଡ଼ିଛି, ଯାହାର ପ୍ରଭାବ ସାଧାରଣ ରୋଗୀଙ୍କ ଉପରେ ପଡୁଛି। ଗତ ୩ ଦିନ ଧରି ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଥିବାରୁ ଉଦବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ଡାକ୍ତରମାନେ ଆନ୍ଦୋଳନ ବନ୍ଦ ନ କରିବେ, ତେବେ ସେମାନଙ୍କର ପଞ୍ଜୀକରଣ ବାତିଲ କରାଯିବ ବୋଲି ପାଲଟା ଧମକ ଦିଆଯାଉଛି। ଡାକ୍ତରମାନଙ୍କ ସହ ଆଲୋଚନା କରି ସରକାର ସମାଧାନର ବାଟ ବାହାର କରନ୍ତୁ, ନଚେତ୍ ଓଡ଼ିଶାର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବ ବୋଲି ସେ କହିଥିଲେ।

### ଦୁର୍ଘଟଣା ଖବର ସଂଗ୍ରହ ବେଳେ ମାଡ଼ିଗଲା ହାଇୱା

## ୨ ଶ୍ରମିକ ମୃତ, ୩ ଭିଡିଓ ଜର୍ଣ୍ଣାଲିଷ୍ଟ ଗୁରୁତର

ବାରିପଦା, ୩।୭ (ସମିସ):ଶୁକ୍ରବାର ସନ୍ଧ୍ୟାରେ ବାରିପଦା ସହରର ପାଲବଣି ବାଇପାସ ନିକଟରେ ଏକ ହାଇୱା ଧକ୍କାରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଭିଡିଓ ଜର୍ଣ୍ଣାଲିଷ୍ଟ ଗୁରୁତର ଆହତ ହୋଇଛନ୍ତି। ମୃତକ ୨ଶ୍ରମିକ ହେଲେ ଶୁନଗଡିଆର ଏସକେ ଜଲାଉଦ୍ଦିନ ଓ ଗୌଡଡିହାର ମିହିର ମାଇତି। ଆହତମାନେ ହେଲେ ନ୍ୟୁଜ୍ ସେଭେନର ଲଳିତ ବାରିକ, ଅର୍ଗସର ହରେକୃଷ୍ଣ ପାତ୍ର ଓ କଳିଙ୍ଗ ଟିଭିର ରଜତ ପଟ୍ଟନାୟକ। ଏକ କାଠ ବୋଝେଇ ଭ୍ୟାନ ଜାତୀୟ ରାଜପଥରେ ଓଲଟିଥିବା ଖବର ପାଇ ତିନିଜଣ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ଦୁର୍ଘଟଣା ସ୍ଥଳରେ ଏକ ଡଷ୍ଟ ବୋଝେଇ ହାଇୱା ଓଭରବ୍ରିଜରୁ ତଳକୁ ଦ୍ରୁତ ଗତିରେ ମାଡିଆସି ଓଲଟିଥିବା ଭ୍ୟାନ ଉପରକୁ ମାଡିଯାଇ ଡିଭାଇଡର ଉପରକୁ ଚଢି ଓଲଟିଯାଇଥିଲା। ଫଳରେ କାଠ ଗୋଟାଉଥିବା ୨ଶ୍ରମିକ ଘଟଣାସ୍ଥଳରେ ଚାପି ହୋଇ ମୃତ୍ୟୁ ଘଟିଥିଲା। ତିନିଜଣ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ସମେତ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସମସ୍ତଙ୍କୁ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଜଣଙ୍କର ହାତ ଓ କଲର ବୋନ ଭାଙ୍ଗି ଥିବା ବେଳେ ଅନ୍ୟ ଦୁଇଜଣଙ୍କ ମୁଣ୍ଡ ମାଡ ହୋଇଛି। ସମସ୍ତେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉଭୟ ପାର୍ଶ୍ୱ ରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଟାଉନ ପୁଲିସ ପହଞ୍ଚି ୨ମୃତକଙ୍କୁ ଉଦ୍ଧାର କରି ଶବବ୍ୟବଚ୍ଛେଦ ପାଇଁ ପିଆରଏମ୍ ନେଇ ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ। ତେବେ ସମ୍ବେଦନଶୀଳ ସ୍ଥାନରେ ଗଳାପୋଲ ନହେବା ଓ ବିଦେଶୀ ମଦଦୋକାନ ପାଇଁ ପ୍ରତ୍ୟେହ ଦୁର୍ଘଟଣା ଘଟୁଥିବାରୁ ଉତ୍ତେଜନା ଦେଖାଦେଇଛି।



## ବଜ୍ରପାତରେ ଜଣେ ବରଯାତ୍ରୀ ମୃତ, ୨ ଗୁରୁତର

ଢେଙ୍କାନାଳ,୩।୭ (ସମିସ): ସଦର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପ୍ରସାଦ ଝୁମ୍ପୁଡ଼ିଆ ଗ୍ରାମର ଏକ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ଯାଉଥିବା ବେଳେ ହଠାତ ବଜ୍ରପାତ ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୋଇଲିପଙ୍ଗି ଗ୍ରାମର ଅମିନ ବେହେରା (୫୨)। ତପନ ଜେନା ଓ ମନୋଜ ଦେହୁରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ଅପରାହ୍ନରେ ଝୁମ୍ପୁଡ଼ିଆ ଗ୍ରାମରୁ ଏକ ବରଯାତ୍ରୀ ଦଳ ଶୋଭାଯାତ୍ରା କରି ରଞ୍ଜା ଗ୍ରାମକୁ ଯାଉଥିଲେ। ବରଯାତ୍ରୀ ଦଳ ରଞ୍ଜା ଛକ ନିକଟରେ ପହଞ୍ଚିଥିବା ସମୟରେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା।

### ମାଓବାଦୀଙ୍କ ବଡ଼ ଅସ୍ତ୍ରାଗାର ଠାବ

## ବିପୁଳ ଅସ୍ତ୍ର ଓ ବିସ୍ଫୋରକ ଜବତ

କୋରାପୁଟ, ୩।୭ (ସମିସ): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଜଙ୍ଗଲରେ କୋରାପୁଟ ଡିଭିଏଫ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଇ ବିପୁଳ ପରିମାଣର ଅସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି। ଏସପି ରୋହିତ ବର୍ମା ଏନେଇ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଡିଭିଏଫ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ଯବାନମାନେ ମାଓବାଦୀଙ୍କ ଅସ୍ତ୍ରାଗାର ଠାବ କରି ସେଠାରୁ ଏକ ଦେଶୀ ରିଭଲଭର, ୬ଟି ଦେଶୀ ବନ୍ଧୁକ, ୧୧ଟି ଟିଫିନ ବୋମା ଆଇଇଡି, ୨୦ ମିଟର କୋଡେକ୍ସ ୱାୟାର, ୨୫ଟି ଡିଟୋନେଟର,



୨ଟି କ୍ୟାମେରା ଫ୍ଲାଶ ଲାଇଟ, ୫୦ ଗ୍ରାମ ଗନପାଉଡର ଏବଂ ୬ ରାଉଣ୍ଡ.୩୮ ବୋର ଗୁଳି ଜବତ କରିଥିଲେ। ଜବତ ବିସ୍ଫୋରକ ଏବଂ ମାରଣାସ୍ତ୍ର ଆନ୍ଧ୍ର-ଓଡ଼ିଶା ସୀମା ସ୍ପେସାଲ ଜୋନାଲ କମିଟି ମାଓବାଦୀ ସଂଗଠନର ଥିଲା ଏବଂ ସୁରକ୍ଷା ବାହିନୀ ଓ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ପାଇଁ ଗଚ୍ଛିତ ରଖାଯାଇଥିବା ପୁଲିସ ସନ୍ଦେହ କରୁଛି। ସୂଚନା ଥାଉକି, ଦୁଇ ସପ୍ତାହ ପୂର୍ବରୁ ମଧ୍ୟ ବୈପାରୀଗୁଡା ବ୍ଲକର ବାଦୁଡି ଓ ପାହାଡ଼ରୁ ଇନସାସ ସମେତ ବନ୍ଧୁକ ଓ ବହୁ ବିସ୍ଫୋରକ ଡିଭିଏଫ ଦ୍ୱାରା ଉଦ୍ଧାର ହୋଇଥିଲା। ମାଓବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା ପାଇଁ ଜଙ୍ଗଲ ଅଞ୍ଚଳରେ କମ୍ବିଂ ଅପରେସନ ଜାରି ରହିବ ବୋଲି ଏସପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସପିଙ୍କ ସହ ଅତିରିକ୍ତ ଏସପି ମନୋଜ ପୂଜାରୀ ଏବଂ ଡିଭିଏଫ ଯବାନ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ ଆସନ୍ତା ୭ରେ ପୂର୍ବାଞ୍ଚଳ ଜୋନାଲ କାଉନସିଲ ବୈଠକ

ଭୁବନେଶ୍ୱର, ୩।୭ (ସମିସ): ଆସନ୍ତା ୭ ତାରିଖରେ ପୂର୍ବାଞ୍ଚଳ ଜୋନାଲ କାଉନସିଲର ଷ୍ଟାଣ୍ଡିଂ କମିଟି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ୧୫ତମ ଷ୍ଟାଣ୍ଡିଂ କମିଟି ବୈଠକରେ ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ପ୍ରତିନିଧିମାନଙ୍କ ସମେତ କେନ୍ଦ୍ର ସରକାରଙ୍କ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୮୭ଜଣ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି। ସୂଚନା ଅନୁସାରେ ଏହି ୧୫ତମ ଷ୍ଟାଣ୍ଡିଂ କମିଟି ବୈଠକରେ ମୁଖ୍ୟ ସଚିବ ଅନୁ ଗର୍ଗ ଅଧକ୍ଷତା କରିବେ। ବୈଠକରେ ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ମୁଖ୍ୟ ସଚିବମାନଙ୍କ ସମେତ ଗୃହ ସଚିବ ଓ ପୁଲିସ ଡିଜିମାନେ ଯୋଗ ଦେବେ।

### ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଅନିୟମିତତା ମାମଲା

## ୧୪ ଅଭିଯୁକ୍ତଙ୍କ ଜାମିନର ପୂର୍ଣ୍ଣାଙ୍ଗ ଶୁଣାଣି ୭ରେ

କଟକ,୩।୭ (ସମିସ): ହାଇକୋର୍ଟ ଏଏସଓ ପରୀକ୍ଷା କେଳେଙ୍କାରୀ ତଥା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଲାଲବାଗ ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ସିଲିକନ ଟେକ୍ ଲାବ୍‌ର ମୁଖ୍ୟ ସୁରେଶଚନ୍ଦ୍ର ନାୟକ ଓ ପଞ୍ଚସଫ୍ଟ ସଂସ୍ଥାର ଶଙ୍କର ପୃଷ୍ଟି ସମେତ ମୋଟ ୧୪ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟ। ଆସନ୍ତା ୭ତାରିଖରେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ହାଇକୋର୍ଟର ଏଏସ୍‌ଓ-୨୦୨୪ ପଦବୀରେ ନିଯୁକ୍ତି ପାଇଁ ମୁଖ୍ୟ ଲିଖିତ ପରୀକ୍ଷା ଏବଂ କମ୍ପ୍ୟୁଟର ଆବେଦନ ପରୀକ୍ଷା ପରିଚାଳନା କରିବାକୁ ସମ୍ପୃକ୍ତ ସଂସ୍ଥା ସିଲିକନ ଟେକ ଲାବ ପ୍ରାଇଭେଟ ଲିମିଟେଡକୁ ଅଧିକାର ଦିଆଯାଇଥିଲା। ସମ୍ପୃକ୍ତ ସଂସ୍ଥା ଗତବର୍ଷ ଜୁଲାଇ ୧୩ରେ ମୁଖ୍ୟ ଲିଖିତ ପରୀକ୍ଷା ନିରପେକ୍ଷ ଭାବେ ପରିଚାଳନା କରିନଥିବାରୁ ପରୀକ୍ଷା ବାତିଲ ହୋଇଥିଲା।

### ଏସ୍‌ଆଇଆର୍ କସରତ୍

## ୧୦ ବରିଷ୍ଠ ଆଇଏଏସ୍ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ପ୍ରକ୍ରିୟାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଓଡ଼ିଶାର ୧୦ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ 'ଭୋଟର ତାଲିକା ପର୍ଯ୍ୟବେକ୍ଷକ' ଭାବେ ନିଯୁକ୍ତ କରାଯାଇଛି। ଏହି ସଂଶୋଧନ ପ୍ରକ୍ରିୟା ପାଇଁ ଗତ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ରାଜେଶ ପ୍ରଭାକର ପାଟିଲଙ୍କୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିଛି। ସେହିପରି ଅରବିନ୍ଦ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟବେକ୍ଷକ, ବଳବନ୍ତ ସିଂହଙ୍କୁ କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଜିଲ୍ଲାର ଦାୟିତ୍ୱ ମିଳିଥିବା ବେଳେ ବି. ପରମେଶ୍ୱରନଙ୍କୁ ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ଡ. ବିଜୟ କେତନ ଉପାଧ୍ୟାୟଙ୍କୁ ଦେବଗଡ଼, ସମ୍ବଲପୁର, ବରଗଡ଼ ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ଡି. ପ୍ରସନ୍ନ କୁମାର ରେଡ୍ଡୀଙ୍କୁ ଗଞ୍ଜାମ, ଗଜପତି, ରାୟଗଡ଼ା, ସୁଧାଂଶୁ ମୋହନ ସାମଲଙ୍କୁ କଟକ, ଢେଙ୍କାନାଳ, ଅନୁଗୋଳ, ରଶ୍ମିତା ପଣ୍ଡାଙ୍କୁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱର ମହମ୍ମଦ ସାଦିକ ଆଲମଙ୍କୁ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସଂଗ୍ରାମ କେଶରୀ ମହାପାତ୍ରଙ୍କୁ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସମସ୍ତ ପର୍ଯ୍ୟବେକ୍ଷକ ଭୋଟର ତାଲିକା ସଂଶୋଧନ ଅବଧି ମଧ୍ୟରେ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲାକୁ ଅତିକମ୍‌ରେ ୩ ଥର ଗସ୍ତ କରି ସ୍ଥିତି ସମୀକ୍ଷା କରିବେ। ପର୍ଯ୍ୟବେକ୍ଷକମାନେ କେବଳ ଜିଲ୍ଲା ମୁଖ୍ୟାଳୟ ମଧ୍ୟରେ ନିଜର ଗସ୍ତକୁ ସୀମିତ ନ ରଖି, ବିଭିନ୍ନ ବିଧାନସଭାମଣ୍ଡଳୀର ମତଦାନ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବେ। ସେମାନେ ସେହି ଅଞ୍ଚଳର ସାଂସଦ, ବିଧାୟକ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ବୈଠକ କରିବେ।

ବୈଠକରେ ସେମାନଙ୍କର ଅଭିଯୋଗ ଓ ସମସ୍ୟା ଶୁଣିବା ସହ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ସହଯୋଗ ଲୋଡ଼ିବେ। କ୍ଷେତ୍ର ପରିଦର୍ଶନ ଏବଂ ସମୀକ୍ଷା ପରେ ସମସ୍ତ ପର୍ଯ୍ୟବେକ୍ଷକ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଏକ ବିସ୍ତୃତ ରିପୋର୍ଟ ପଠାଇବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

### ଦଳୀୟ ନେତାଙ୍କୁ ପିସିସି ପ୍ରଭାରୀଙ୍କ ସିଧା ଇଙ୍ଗିତ

# ସବୁଠୁ ଉପରେ ଅନୁଶାସନ

ଭୁବନେଶ୍ୱର,୩।୭ (ସମିସ): ଶୁକ୍ରବାର କଂଗ୍ରେସ ଭବନ ଠାରେ ଅଖିଳ ନବ ନିଯୁକ୍ତ ଓଡ଼ିଶା କଂଗ୍ରେସ ପ୍ରଭାରୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଛି ପ୍ରଦେଶ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକ। ଏହି ବୈଠକରେ ଯୋଗ ଦେଇ ରାଜ୍ୟ ପ୍ରଭାରୀ ଲାଲ୍‌ଜୀ ଦେଶାଇ ଦଳୀୟ ନେତାଙ୍କୁ ସିଧାସଳଖ ଅନୁଶାସନ ପାଠ ପଢାଇଛନ୍ତି। କଂଗ୍ରେସ ଦଳରେ ଅନୁଶାସନ ପ୍ରଥମ।ଯେତେ ବରିଷ୍ଠ ହେଲେ ମଧ୍ୟ ସଭାପତିଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କରିବେ। ଯେତେ ବଡ଼ ନେତା ହେଲେ ମଧ୍ୟ କ୍ଷେତ୍ରକୁ ଯିବାକୁ ହେବ ବୋଲି ଶ୍ରୀ ଦେଶାଇ ସିଧାସଳଖ କହିଛନ୍ତି।



କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଜେପି ଦେଶରେ ସବୁଠାରୁ ଦୁର୍ନୀତିଗ୍ରସ୍ତ।ଓଡ଼ିଶା ରାଜ୍ୟ ଖଣି ଖାଦାନରେ ପରିପୂର୍ଣ୍ଣ, କିନ୍ତୁ ବାହାର ରାଜ୍ୟରୁ କମ୍ପାନୀ ଆସି ଏଠାରେ ଲକ୍ଷ ଲକ୍ଷ କୋଟି ଉପାର୍ଜନ କରୁଥିବାବେଳେ ଓଡ଼ିଶାର ଯୁବକ ଯୁବତୀ ଗୁଜୁରାଟ ଓ ଅନ୍ୟାନ୍ୟ ରାଜ୍ୟରେ କାମ କରିବାକୁ ଯାଉଛନ୍ତି। ତେଣୁ ଆମକୁ ଓଡ଼ିଶାର ଗର୍ବ ଓ ଗୌରବ ପ୍ରତି ଦୃଷ୍ଟି ଦେବାକୁ ପଡିବ। କଂଗ୍ରେସ ଦଳକୁ ପ୍ରଥମେ ଓଡ଼ିଶାବାସୀଙ୍କ ହୃଦୟ ଜିତିବାକୁ ପଡିବ। ବିଜେପି ସରକାରର ପ୍ରତ୍ୟେକ ଦୁର୍ନୀତି ବିରୋଧରେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବିଭିନ୍ନ ପ୍ରସଙ୍ଗ ବିଷୟରେ ସୂଚନା ଦେଇଥିଲେ। ଦଳଠାରୁ ଉର୍ଦ୍ଧ୍ୱରେ କେହି ନୁହନ୍ତି, ତେଣୁ ଦଳର ଅନୁଶାସନ ସମସ୍ତଙ୍କ ପାଇଁ ଅଗ୍ରାଧିକାର ବୋଲି ସହପ୍ରଭାରୀ ଜେଟି କୁସୁମ କୁମାର କହିଥିଲେ। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଓଡ଼ିଶା ରାଜନୀତିରେ ସୃଷ୍ଟ ଶୂନ୍ୟସ୍ଥାନକୁ ପୂରଣ କରିବାକୁ ହେଲେ କଂଗ୍ରେସକୁ ବହୁତ ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ। ବ୍ଲକ୍ ସଭାପତିମାନଙ୍କୁ ନେଇ ଏକ ସମାବେଶ ଆୟୋଜନ କରିବାକୁ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। କେନ୍ଦୁଝରର

**ଯେତେ ବଡ଼ ନେତା ହେଲେ ମଧ୍ୟ କ୍ଷେତ୍ରକୁ ଯିବାକୁ ହେବ**

**ଯେତେ ବରିଷ୍ଠ ହେଲେ ମଧ୍ୟ ସଭାପତିଙ୍କ କଥା ମାନିବେ**

**ପ୍ରଥମେ ହୃଦୟ ଜିତିଲେ ନିର୍ବାଚନ ଜିତିପାରିବ କଂଗ୍ରେସ**

ଡିଏମ୍ଏଫ୍ ପାଣ୍ଠିରେ ଥିବା ୧୪,୦୦୦ କୋଟି ଟଙ୍କାର ଏକ ଅଂଶ ଜନଜାତିଙ୍କ ବିକାଶ ପାଇଁ ବିନିଯୋଗ କରିଥିଲେ ଦାଦନ ସମସ୍ୟା ଦୂର ହୋଇଥା'ନ୍ତା ଓ ତେଲକୋଇର ୧୪ ମହିଳାଙ୍କୁ ତାମିଲନାଡ଼ୁରେ ମରିବାକୁ ପଡ଼ି ନ ଥା'ନ୍ତା ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ। ବାହାରକୁ ଦାଦନ ଖଟିବାକୁ ଯାଇଥିବା ୧.୨୫ କୋଟି ଓଡ଼ିଆଙ୍କ ବିଷୟରେ ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଦାବି କରିଥିଲେ। ଓଡ଼ିଶାର ବିଦ୍ୟୁତ ଶୁଳ୍କ ନେଇ ଲବଣ ସତ୍ୟାଗ୍ରହ ପରି ଏକ ଆନ୍ଦୋଳନ ଆବଶ୍ୟକ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏକାଧିକ ପ୍ରସଙ୍ଗରେ କଂଗ୍ରେସର ସ୍ୱର ଆହୁରି ଶାଣିତ ହେବା ଦରକାର ବୋଲି ମତ ଦେଇଥିଲେ। ଦଳରେ ଅଧିକ ସଂଖ୍ୟକ ମହିଳା କାର୍ଯ୍ୟକର୍ତ୍ତା ଲୋଡ଼ା ବୋଲି କୋରାପୁଟ ସାଂସଦ ସପ୍ତଗିରି ଉଲାକା ମତ ଦେଇଥିଲେ। ଓଡ଼ିଶା କଂଗ୍ରେସରେ ଏକ ନବଚିନ୍ତନ ବୈଠକ କରିବାକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରସ୍ତାବ ଦେଇଥିଲେ। ରାଜ୍ୟର ଜନସଂଖ୍ୟାର ୯୦ ପ୍ରତିଶତ ଆଦିବାସୀ-ଦଳିତ-ଓବିସି; ସେମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଯୁକ୍ତି ବାଢ଼ିଥିଲେ।



ଭୁବନେଶ୍ୱର + କଟକ

**ବାଲିଅନ୍ତା ଭିଡ଼ହତ୍ୟା**

# ପୁଲିସର ସନ୍ଦେହ ଚକ୍ଷୁରେ ଓମ୍

ଭୁବନେଶ୍ୱର, ୩।୭ (ସମିସ)

ବାଲିଅନ୍ତା ଭିଡ଼ହତ୍ୟା ମାମଲାରେ ନୂଆ ମୋଡ଼ ଆସିଛି। ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ହତ୍ୟା ବେଳେ ଉପସ୍ଥିତ ଥିବା ତାଙ୍କ ସହଯୋଗୀ ଓମ୍ ଏବେ ସନ୍ଦେହଘେରରେ। ଓମ୍ ବାରମ୍ବର ବୟାନ ବଦଳାଉଛନ୍ତି।

- ଏସ୍ଏଫ୍ଏସ୍ଏଲ୍‌ରେ ହେଲା ଲାଏ ଡିଟେକ୍‌ସନ୍ ଟେଷ୍ଟ
- ବୟାନରେ ରହୁନି ତାଳମେଳ
- ଓମ୍ ମିଛ କହୁଥିବା କ୍ରାଇମ୍‌ବ୍ରାଞ୍ଚର ସନ୍ଦେହ

ଏଣୁ କ୍ରାଇମ୍‌ବ୍ରାଞ୍ଚର ବି ତାଙ୍କ ଉପରେ ଆଉ ଭରସା ପାଉନି। ସେ କିଛି ଲୁଚାଉଥିବା ତଦନ୍ତକାରୀ ସଂସ୍ଥା ମଧ୍ୟ ସନ୍ଦେହ କରିବାକୁ ଲାଗିଲାଣି। ତେଣୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଓମ୍‌ଙ୍କର ଶୁକ୍ରବାର ଲାଏ ଡିଟେକ୍‌ସନ୍ ଟେଷ୍ଟ କରାଯାଇଛି। ଡାକ୍ତର ଏବଂ ସାଇଣ୍ଟିଫିକ୍ ଟିମ୍ କର୍ମଚାରୀଙ୍କ ଉପସ୍ଥିତିରେ ୨୭ରୁ ଉର୍ଦ୍ଧ୍ୱ ପ୍ରଶ୍ନ କରାଯାଇଛି।





ଓମ୍ ଏହାର ଉତ୍ତର ରଖିଛନ୍ତି। ତେବେ ଓମ୍‌ଙ୍କ ଦ୍ୱାରା ପୂର୍ବରୁ ଦିଆଯାଇଥିବା ବୟାନ୍‌ରେ କେତେ ସତ୍ୟତା ରହିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି, ବାଲିଅନ୍ତା ଭିଡ଼ହତ୍ୟା ମାମଲାରେ ଓମ୍‌ଙ୍କୁ ପ୍ରାୟ ୨୭ରୁ ଉର୍ଦ୍ଧ୍ୱ ପ୍ରଶ୍ନ ପଚରାଯାଇଥିଲା। କେଉଁ ପରିସ୍ଥିତିରେ ସୌମ୍ୟଙ୍କୁ ଆକ୍ରମଣ କରାଗଲା, ସେତେବେଳେ ଓମ୍ କିଭଳି ସୌମ୍ୟଙ୍କୁ ସେଠାରୁ ମୁକାଳିବାକୁ ଚେଷ୍ଟା କରିଥିଲେ, ଏଥିପାଇଁ କ'ଣ କରିଥିଲେ, କାହାକୁ ଫୋନ୍ କରି ସାହାଯ୍ୟ ମାଗିଥିଲେ, ସାହାଯ୍ୟ କରିବାକୁ ଆସିଥିବା ବ୍ୟକ୍ତି ଜଣଙ୍କ କ'ଣ ପାଇଁ ପରବର୍ତ୍ତୀ ସମୟରେ ହିଂସ୍ର ହୋଇଯାଇ ସୌମ୍ୟଙ୍କୁ ଆକ୍ରମଣ କଲେ, ଜିମ୍‌ରେ ସୌମ୍ୟଙ୍କ ସହ କେଉଁ କାରଣରୁ ବିବାଦ ହୋଇଥିଲା, କ'ଣ ପାଇଁ ଓମ୍ ଏହି ମାମଲାରେ ବାରମ୍ବାର ବୟାନ୍ ବଦଳାଉଛନ୍ତି ବୋଲି ଏଭଳି ଅନେକ ଗୁଡ଼ିଏ ପ୍ରଶ୍ନ କରାଯାଇଥିଲା।

ଭିଡ଼ ହତ୍ୟା ବେଳେ ଓମ୍ ମୃତ ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟଙ୍କ ସହ ଥିଲେ। ଏହି ସମୟରେ ସେ ପ୍ରଥମେ କହିଥିଲେ ସୌମ୍ୟଙ୍କୁ ବାତ ମାରିଥିଲା। ହେଲେ ସୌମ୍ୟଙ୍କର ସେଭଳି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନଥିଲା ବୋଲି ପରିବାର ଲୋକେ କହିଥିଲେ। ଏହା ବ୍ୟତିତ ଜିମ୍‌କୁ ନେଇ ଓମ୍‌ଙ୍କ ସହ ତାଙ୍କର ପୂର୍ବରୁ ବିବାଦ ହୋଇଥିଲା। ଅନ୍ୟପକ୍ଷରେ ସୌମ୍ୟଙ୍କୁ ଭିଡ଼ରୁ ରକ୍ଷା କରିବାକୁ ଓମ୍ ଜଣେ ବ୍ୟକ୍ତିଙ୍କୁ ଫୋନ୍ କରି ଡକାଇଥିଲେ। ହେଲେ ସେହି ବ୍ୟକ୍ତି ଜଣଙ୍କ ପରବର୍ତ୍ତି ସମୟରେ ସୌମ୍ୟଙ୍କୁ ନିର୍ଘାତ ପିଟିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏଭଳି କଥା ସବୁ ସାମ୍ନାକୁ ଆସିବା ପରେ ପରିବାର ଲୋକେ ଦୀର୍ଘ ଦିନ ହେବ ଓମ୍ ଷଡ଼ଯନ୍ତ୍ରରେ ସାମିଲ ଥିବା ନେଇ ଅଭିଯୋଗ କରି ଆସୁଥିଲେ।

ପରିବାର ଲୋକଙ୍କ ଦାବି ପରେ ଏବେ କ୍ରାଇମ୍‌ବ୍ରାଞ୍ଚ ମଧ୍ୟ ଓମ୍‌ଙ୍କ ବୟାନ ଉପରେ ସନ୍ଦେହ ପ୍ରକାଶ କରିବାରେ ଲାଗିଛି। କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ରତ୍ନପ୍ରଭା ଶତପଥୀ କହିଛନ୍ତି ତଦନ୍ତରେ ଅନେକ କଥା ସାମ୍ନାକୁ ଆସିଛି। ଓମ୍ ମିଛ କହୁଥିବା ସନ୍ଦେହ କରାଯାଉଛି। ସେ ସ୍ପଷ୍ଟ ଭାବେ କହିଛନ୍ତି ଓମ୍‌ଙ୍କ ବୟାନରେ ତାଳମେଳ ରହୁନାହିଁ। ତେଣୁ ଲାଏ ଡିଟେକ୍‌ସନ୍ ଟେଷ୍ଟର ଆବଶ୍ୟକତା ପଡ଼ିଲା। ଅନ୍ୟପକ୍ଷରେ ସୌମ୍ୟଙ୍କ ମା' ଉପସ୍ଥିତ ଦୁଇ ଯୁବତୀଙ୍କର ମଧ୍ୟ ଲାଏ ଡିଟେକ୍‌ସନ୍ କରିବାକୁ ଦାବି କରିଛନ୍ତି।

## ଆପାର୍ଟମେଣ୍ଟରେ ୫୦ ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଆକ୍ରମଣ

ଭୁବନେଶ୍ୱର, ୩।୭ (ସମିସ): ରାଜଧାନୀରେ ପୁଣି ଆତଙ୍କରାଜ। ବୁଦ୍ଧ ବିହାର ଆପାର୍ଟମେଣ୍ଟ ପରିସରରେ ଗୁରୁବାର ରାତିରେ ରକ୍ତାକ୍ତ ସଂଘର୍ଷ ଘଟିଛି। ୫୦ରୁ ଅଧିକ ମୁଖାପିନ୍ଧା ଦୁର୍ବୃତ୍ତ ଖଣ୍ଡା, ଭୁଜାଲି ଧରି ଆକ୍ରମଣ କରିଛନ୍ତି। ବୁଦ୍ଧ ବିହାର ଆପାର୍ଟମେଣ୍ଟ ସମ୍ପାଦକ ଗୌରାଙ୍ଗ ଦାସଙ୍କ ପୁଅ ଚନ୍ଦନ ଦାସଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଇଶାଣେଶ୍ୱର ବସ୍ତିର ଚନ୍ଦନ ଗୁରୁତର ଭାବେ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି, ସରସ୍ୱତୀ ପୂଜା ସମୟରୁ ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ସେହି ଶତ୍ରୁତାର ପ୍ରତିଶୋଧ ନେବାକୁ ଯୋଜନାବଦ୍ଧ ଭାବେ ଏହି ଆକ୍ରମଣ କରାଯାଇଛି। ଗୁରୁବାର ରାତି ପ୍ରାୟ ୯ଟାରେ ୫୦ରୁ ଅଧିକ ଯୁବକ ମୁହଁରେ କଳା କପଡ଼ା ବାନ୍ଧି ଧାରୁଆ ଅସ୍ତ୍ର ଧରି ଆପାର୍ଟମେଣ୍ଟ ଭିତରେ ପଶିଥିଲେ। ସେମାନେ ସିଧା ଚନ୍ଦନଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରେ ମୁଖାପିନ୍ଧା ଦୁର୍ବୃତ୍ତମାନେ ଖଣ୍ଡା ଭୁଜାଲି ଧରି ଗୋଡ଼ାଉଥିବା ଏବଂ ଆପାର୍ଟମେଣ୍ଟ ଭିତରେ ଭଙ୍ଗାରୁଜା କରୁଥିବା ଦେଖିବାକୁ ମିଳୁଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଖବର ପାଇ ସ୍ଥାନୀୟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଭାଇରାଲ ଭିଡିଓକୁ ଆଧାର କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଆପାର୍ଟମେଣ୍ଟର ସିସିଟିଭି ଫୁଟେଜ ମଧ୍ୟ ଯାଞ୍ଚ କରାଯାଉଛି। ବୁଦ୍ଧ ବିହାର ଆପାର୍ଟମେଣ୍ଟ ବାସିନ୍ଦାମାନେ ସୁରକ୍ଷା ଦାବି କରିଛନ୍ତି। ବାରମ୍ବାର ଅପରାଧୀଙ୍କ ଆତଙ୍କରେ ସେମାନେ ଭୟଭୀତ ହୋଇ ପଡ଼ିଛନ୍ତି। ପୁଲିସ ପକ୍ଷରୁ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଇ ଦିଆଯାଇଛି।

**● ବାରଙ୍ଗ ଥାନା ହାଜତରେ ନିର୍ଯାତନା ମାମଲା**

## କଟକ ଡିସିପିଙ୍କୁ ମାନବାଧିକାର କମିସନଙ୍କ ରିପୋର୍ଟ ତଲବ

**କଟକ,୩।୭ (ସମିସ):** କମିସ ନରେଟ ପୁଲିସ ଅନ୍ତର୍ଗତ ବାରଙ୍ଗ ଥାନା ହାଜତରେ ଜଣେ ବ୍ୟକ୍ତିଙ୍କୁ ପୁଲିସ ନିର୍ଯାତନା ଦେଇଥିବା ସଂଗୀନ ଅଭିଯୋଗକୁ ଓଡ଼ିଶା ମାନବାଧିକାର କମିସନ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଆଧାର କରି ମନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ କରିଥିବା ଅଭିଯୋଗ ଉପରେ ଶୁଣାଣି କରି କଟକ ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି କମିସନ। ଏହି ସମ୍ବେଦନଶୀଳ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କମିଶନଙ୍କ ପକ୍ଷରୁ ମୂଳ ଅଭିଯୋଗ ପତ୍ର ସହ ସମସ୍ତ ନଥିପତ୍ରକୁ କଟକ ଡିସିପିଙ୍କ ପାଖକୁ ପଠାଯାଇଛି। ଘଟଣାର ସମ୍ପୂର୍ଣ୍ଣ ବାସ୍ତବ ସ୍ଥିତି ଏବଂ ସତ୍ୟତା ସମ୍ପର୍କରେ ଏକ ସବିଶେଷ ତଥ୍ୟଭିତ୍ତିକ ରିପୋର୍ଟ ଦାଖଲ କରିବାକୁ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସର ରିପୋର୍ଟ ଆସିବା ପରେ କମିସନ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବେ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, କାଠଯୋଡି କୂଳରୁ ଏକ ମହିଳାଙ୍କ ଗଳିତ ଶବ ମିଳିବା ଘଟଣାରେ ବାରଙ୍ଗ ଥାନା ପୁଲିସ ଦ୍ୱାରା ସ୍ଥାନୀୟ ଅଞ୍ଚଳର ୩୨ ବର୍ଷୀୟ ଯୁବକ ରାକେଶ ବେହେରାଙ୍କୁ ଗତ ମେ ୨୧ତାରିଖ ଦିନ ଥାନା ହାଜତରେ ଅଟକ ରଖାଯାଇ ଥାର୍ଡ ଡିଗ୍ରୀ ନିର୍ଯାତନା ଦିଆଯାଇଥିଲା। ଏଥିରେ ରାକେଶ ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଘଟଣାରେ ଥାନା ଅଧିକାରୀଙ୍କୁ ବଦଳି କରାଯାଇଥିଲା। ଏହି ମାମଲାରେ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୀଡିତଙ୍କୁ ୫୦ଲକ୍ଷ କ୍ଷତିପୂରଣ ସହ କମିସନଙ୍କ ତଦାରଖରେ ତଦନ୍ତ ପାଇଁ ପ୍ରାର୍ଥନା କରି ଆବେଦନକାରୀ ମନବାଧିକାର କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ।

**● ଡିଜିଟାଲ ଆରେଷ୍ଟ ଠକେଇ ମାମଲା**

## ସିବିଆଇ ଚଢ଼ଉ; ୩ ଗିରଫ

ଭୁବନେଶ୍ୱର, ୩।୭ (ସମିସ): ଡିଜିଟାଲ ଆରେଷ୍ଟ ନାମରେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଠାରୁ ୨.୦୭ କୋଟି ଟଙ୍କା ଠକେଇ ମାମଲାରେ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଓଡ଼ିଶା ଓ ରାଜସ୍ଥାନରେ ଏକକାଳୀନ ଚଢ଼ଉ କରି ସିବିଆଇ ଏହି ମାମଲାରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସିବିଆଇ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତି ଅନୁସାରେ, ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାର ତଦନ୍ତ କରାଯାଉଛି। ୨୫ ମାର୍ଚ୍ଚ ୨୦୨୬ରେ ସିବିଆଇ ଏହି ମାମଲା ରୁଜୁ କରିଥିଲା। ପୀଡ଼ିତ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଡିଜିଟାଲ ଆରେଷ୍ଟର ଧମକ ଦେଇ ଠକମାନେ ୨.୦୭ କୋଟି ଟଙ୍କା ଟ୍ରାନ୍ସଫର କରାଇ ନେଇଥିଲେ।

ତଦନ୍ତରୁ ଜଣାପଡ଼ିଛି ଯେ ଠକେଇରୁ ମିଳିଥିବା ଟଙ୍କାକୁ ଏକ ଟ୍ରଷ୍ଟ ନାମରେ ଖୋଲାଯାଇଥିବା ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିଲା। ପରେ ଅଭିଯୁକ୍ତମାନେ ଏହି ଅପରାଧରୁ ମିଳିଥିବା ଅର୍ଥକୁ ବିଭିନ୍ନ ଆକାଉଣ୍ଟ ମାଧ୍ୟମରେ ଲେୟାରିଂ ଓ ଟ୍ରାନ୍ସଫର କରିବାରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ।

ଏହି ଆଧାରରେ ସିବିଆଇ ୩୦ ଜୁନ୍ ୨୦୨୬ ତାରିଖରେ ଓଡ଼ିଶା ଓ ରାଜସ୍ଥାନର ୭ଟି ସ୍ଥାନରେ ଏକାସାଙ୍ଗରେ ଚଢ଼ଉ କରିଥିଲା। ଚଢ଼ଉ ପରେ ଓଡ଼ିଶାର ବାଲେଶ୍ୱରରୁ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିବେକାନନ୍ଦ ଦୀକ୍ଷିତ ଓ ଜୟନ୍ତ କୁମାର ଆଚାର୍ଯ୍ୟ। ସେହିପରି ରାଜସ୍ଥାନର ନାଗୌରରୁ ତୃତୀୟ ଅଭିଯୁକ୍ତ କହ୍ନୈୟା ଲାଲଙ୍କୁ ଗିରଫ କରାଯାଇଛି। ଚଢ଼ଉ ସମୟରେ ଅଭିଯୁକ୍ତମାନଙ୍କ ଘରୁ ଅନେକ ଆପତ୍ତିଜନକ ଦସ୍ତାବିଜ ଓ ଇଲେକ୍‌ଟ୍ରୋନିକ ଉପକରଣ ଜବତ ହୋଇଛି। ଜବତ ହୋଇଥିବା ଡିଭାଇସ୍ ଓ କାଗଜପତ୍ରକୁ ଅଧିକ ତଦନ୍ତ ପାଇଁ ଫୋରେନ୍ସିକ ଯାଞ୍ଚ କରାଯାଉଛି। ଏହି ରାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଟଙ୍କା ଆଉ କେଉଁ ଆକାଉଣ୍ଟକୁ ଯାଇଛି, ସେ ସମ୍ପର୍କରେ ସିବିଆଇ ଅନୁସନ୍ଧାନ ଜାରି ରଖିଛି। ଉଲ୍ଲେଖଯୋଗ୍ୟ, 'ଡିଜିଟାଲ ଆରେଷ୍ଟ' ଏକ ନୂଆ ପ୍ରକାର ସାଇବର ଠକେଇ। ଏଥିରେ ଠକମାନେ ନିଜକୁ ପୁଲିସ, ସିବିଆଇ, ଇଡି ବା କୋର୍ଟ ଅଧିକାରୀ ଭାବେ ପରିଚୟ ଦେଇ ଭିଡିଓ କଲ୍ କରନ୍ତି। ପୀଡ଼ିତଙ୍କ ନାମରେ ମନି ଲଣ୍ଡରିଂ ବା ଅପରାଧିକ ମାମଲା ଥିବା କହି ଡରାଇ 'ଡିଜିଟାଲ ଆରେଷ୍ଟ'ରେ ରଖିଥିବା କହି ଟଙ୍କା ମାଗନ୍ତି। ଭୟଭୀତ ହୋଇ ଅନେକ ଲୋକ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ବର୍ତ୍ତମାନ ତିନି ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରି ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରାଯିବ। ଏହି ମାମଲାର ଅନ୍ତର୍ଜାତୀୟ ଲିଙ୍କ୍ ଅଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଉଛି।

## ବର୍ଷା ପାଇଁ ଖାଁ ଖାଁ ଲିଙ୍ଗରାଜ ମନ୍ଦିର

ଭୁବନେଶ୍ୱର, ୩।୭ (ସମିସ): ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହି ବର୍ଷାର ପ୍ରଭାବ ରାଜଧାନୀରେ ମଧ୍ୟ ଦେଖିବାକୁ ମିଳିଛି। ଫଳରେ ବର୍ଷା ପାଇଁ ଲିଙ୍ଗରାଜ ମନ୍ଦିର ସମେତ ପୁରୁଣା ଭୁବନେଶ୍ୱରର ଅନ୍ୟ ପ୍ରମୁଖ ଅନନ୍ତ ବାସୁଦେବ ଓ ରାଜାରାଣୀ ମନ୍ଦିର, କେଦାର ଗୌରୀ, କପିଳନାଥ ଆଦି ଏହି ମନ୍ଦିରଗୁଡ଼ିକରେ ଭକ୍ତଙ୍କ ସଂଖ୍ୟା କମି ଯାଇଥିବାର ଦେଖାଦେଇଛି।

ସାଧାରଣତଃ ପ୍ରତିଦିନ ସକାଳୁ ରାତି ପର୍ଯ୍ୟନ୍ତ ହଜାର ହଜାର ଭକ୍ତଙ୍କ ସମାଗମରେ ଚଳଚଞ୍ଚଳ ରହୁଥିବା ଲିଙ୍ଗରାଜ ମନ୍ଦିର ପରିସର ବର୍ଷା ଯୋଗୁଁ ପ୍ରାୟ ଖାଁ ଖାଁ ଦେଖିବାକୁ ମିଳିଛି। ସକାଳୁ ଲାଗିରହିଥିବା ଏହି ବର୍ଷା ପାଇଁ ଦୂର ଦୂରାନ୍ତରୁ ଆସୁଥିବା ଅନେକ ଭକ୍ତ ମନ୍ଦିରକୁ ଆସିପାରିନଥିଲେ। ବିଶେଷ କରି ରାଜ୍ୟ ତଥା ରାଜ୍ୟ ବାହାରୁ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ବହୁତ କମିଯାଇଥିବାର ଦେଖିବାକୁ ମିଳିଥିଲା। ମନ୍ଦିର ବାହାରେ ପୂଜା ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀମାନଙ୍କ ବେପାର ମଧ୍ୟ ଏହି ବର୍ଷା ପାଇଁ ପ୍ରଭାବିତ ହୋଇଛି।

ତେବେ ଭକ୍ତଙ୍କ ସଂଖ୍ୟା କମ୍ ଥିଲେ ମଧ୍ୟ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ନୀତିକାନ୍ତି ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ତେବେ ପାଗ ଅନୁକୂଳ ହେବା ପରେ କିମ୍ବା ବର୍ଷା କମିବା ପରେ ପୁଣିଥରେ ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ଭିଡ଼ ବଢ଼ିବ ବୋଲି ସେବାୟତଙ୍କ ସମେତ ପୂଜା ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀମାନେ ଆଶା ପ୍ରକାଶ କରିଛନ୍ତି।

ଜଣେ ସେବାୟତ କୁହନ୍ତି କି ସବୁଦିନ ମନ୍ଦିରରେ ଭକ୍ତଙ୍କ ଭୀଡ଼ ଲାଗି ରୁହେ। ହେଲେ ଏହି ବର୍ଷା ପାଇଁ ଆଜି ଭକ୍ତଙ୍କ ସଂଖ୍ୟା କମିଥିଲେ ମଧ୍ୟ ଭକ୍ତି ଓ ଆଧାତ୍ମିକ ପରିବେଶରେ କୌଣସି ପ୍ରଭାବ ପଡ଼ିନାହିଁ। ଯେଉଁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଦିଅଁଙ୍କ ଦର୍ଶନ ପାଇଁ ଆସିଥିଲେ ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ ବୋଲି ସେ କହିଛନ୍ତି।

## ପଞ୍ଚୁଦୋଳ ମେଳନରେ ବଡ଼ରଘୁନାଥପୁର ସାମିଲ

ବଡ଼ରଘୁନାଥପୁର, ୩।୭ (ସମିସ): ଆସନ୍ତାବର୍ଷଠାରୁ ପଞ୍ଚୁମେଳନ, ଭଗବତ ମେଳନ ଓ ଦଶଦୋଳ ମେଳନରେ ସାମିଲ ହେବେ ବଡ଼ରଘୁନାଥପୁର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ। ଏ ନେଇ ଆଜି ୫୪ଟି ଗ୍ରାମର କର୍ମକର୍ତ୍ତାଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବଡ଼ରଘୁନାଥପୁର ନୀଳକଣ୍ଠେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଛତାବର, ଅନ୍ଧାରୁଆ, କଣ୍ଟାବାଡ଼, ଦାରୁଠେଙ୍ଗ, ବିନ୍ଧ୍ୟଗିରି, କାଟେଣୀ, ଭଗବାନପୁର, ପାତ୍ରପଡ଼ା, ଘାଟିକିଆ, ମଳିପଡ଼ା, ପାଇକରାପୁର, ଯାଁଳା ଆଦି ୫୪ ଗ୍ରାମର ଦୋଳମେଳନ କମିଟିର କର୍ମକର୍ତ୍ତାମାନେ ସାମିଲ ହୋଇ ନୀଳକଣ୍ଠେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାକୁ ହରିହର ଭେଟ ଓ ଦୋଳ ମେଳନରେ ସାମିଲ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ୫୪ଟି ଗ୍ରାମ ଭଳି ବଡ଼ରଘୁନାଥପୁରର ଶ୍ର ନୀଳକଣ୍ଠେଶ୍ୱର ଦେବ ମଧ୍ୟ ବିଭିନ୍ନ ଗ୍ରାମର ମେଲଣରେ ସାମିଲ ହୋଇ ହରିହର ଭେଟରେ ଭାଗ ନେବେ। ଅପରପକ୍ଷେ ଅନ୍ୟ ସମସ୍ତ ଗ୍ରାମର ଦୋଳ ମଧ୍ୟ ବଡ଼ରଘୁନାଥପୁର ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ ମେଲରେ ସାମିଲ ହେବେ।

**● ମହାପ୍ରଭୁଙ୍କ ଆପତ୍ତିଜନକ କଣ୍ଟେଣ୍ଟ**

## ୯୭ ପୋଷ୍ଟ, ଆକାଉଣ୍ଟ ହଟିଲା

ପୁରୀ, ୩।୭ (ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଅନସର ସମୟ ଆରମ୍ଭ ହେବା ପରଠାରୁ ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟଫର୍ମରେ ମହାପ୍ରଭୁଙ୍କୁ ନେଇ କିଛି ଆପତ୍ତିଜନକ ଅନୁଚିତ ଭାବେ ଏଡିଟ ଫଟୋ, ଭିଡିଓ ଏବଂ ପୋଷ୍ଟ ପ୍ରଚାର ହେଉଥିବା ପୁରୀ ପୋଲିସର ନଜରକୁ ଆସିଥିଲା। ଏପରି କଣ୍ଟେଣ୍ଟ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇ ଥାଏ। ଏହାକୁ ଗୁରୁତ୍ୱର ସହ ନେଇ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ପୁରୀ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅନଲାଇନ ମନିଟରିଂ ଓ ଡ୍ରାଇଭ ଆରମ୍ଭ କରାଯାଇଥିଲା। ପୁରୀ ପୋଲିସର ଏକ ବିଶେଷ ଟିମ୍ ଦ୍ୱାରା ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଉପରେ ନିରନ୍ତର ନଜର ରଖାଯାଇ ସନ୍ଦିଗ୍ଧ ଏବଂ ଆପତ୍ତିଜନକ କଣ୍ଟେଣ୍ଟ ଚିହ୍ନଟ କରାଯାଇଥିଲା। ଏହି ଡ୍ରାଇଭ ମାଧ୍ୟମରେ ଗତ ୩ ଦିନ ମଧ୍ୟରେ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ପ୍ରଚାରିତ ମୋଟ ୯୭ଟି ଆପତ୍ତିଜନକ ପୋଷ୍ଟ ଓ ଆକାଉଣ୍ଟ ଚିହ୍ନଟ କରାଯାଇ ସଫଳତାର ସହିତ ହଟାଇ ଦିଆଯାଇଛି। ପୁରୀ ପୋଲିସ ପକ୍ଷରୁ ସମସ୍ତ ନାଗରିକଙ୍କୁ ବିନମ୍ର ଅନୁରୋଧ କରାଯାଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଜଡିତ କୌଣସି ଫଟୋ, ଭିଡିଓ କିମ୍ବା ଅନ୍ୟାନ୍ୟ କଣ୍ଟେଣ୍ଟକୁ ଅନୁଚିତ ଭାବେ ଏଡିଟ୍, ଡିଷ୍ଟର୍ଟ କିମ୍ବା ସେୟାର କରନ୍ତୁ ନାହିଁ। ସୋସିଆଲ ମିଡିଆରେ କୌଣସି କଣ୍ଟେଣ୍ଟ ପୋଷ୍ଟ କରିବା ପୂର୍ବରୁ ତାହାର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ପ୍ରଭାବକୁ ନିଶ୍ଚିତ ଭାବେ ବିଚାର କରନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ନୁହେଁ, ସମଗ୍ର ବିଶ୍ୱର କୋଟି କୋଟି ଭକ୍ତଙ୍କର ଆସ୍ଥା ଓ ଭାବନାର କେନ୍ଦ୍ରବିନ୍ଦୁ। ଆମ ପରମ୍ପରା, ସଂସ୍କୃତି ଓ ଆଧାତ୍ମିକ ମୂଲ୍ୟବୋଧକୁ ସମ୍ମାନ ଜଣାଇବା ଏବଂ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଆଗାମୀ ଦିନରେ ଏପରି ଆପତ୍ତିଜନକ କଣ୍ଟେଣ୍ଟ ବିରୋଧରେ ପୁରୀ ପୋଲିସର ନଜର ରହିଛି।

## ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ, ଅଭିଯୁକ୍ତ ଗିରଫ

ପୁରୀ, ୩।୭ (ସମିସ): ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା, ଅଶ୍ଳୀଳ ଫଟୋ ଦେଖାଇ ବ୍ଲାକମେଲ୍ କରିବା ଓ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ନୟାଗଡ଼ ରଣପୁରର ପୀତବାସ ସେଠୀ। ଗତ ୨ ତାରିଖରେ ପୀଡ଼ିତା ଯୁବତୀ ଥାନାରେ ଅଭିଯୋଗ କରିଥିଲେ ଯେ, ଅଭିଯୁକ୍ତ ପୀତବାସ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଗତବର୍ଷ ନଭେମ୍ବର ୮ ତାରିଖରେ ଏକ ହୋଟେଲରେ ତାଙ୍କ ଇଚ୍ଛା ବିରୋଧରେ ଜୋରଜବରଦସ୍ତ ଦୁଷ୍କର୍ମ ଓ ଯୌନ ନିର୍ଯାତନା ଦେଇଥିଲେ।

## ଲଘୁଚାପଜନିତ ବର୍ଷା: ଓଡ଼ିଶା ଅଗ୍ନିଶମ ବିଭାଗ ହାଇ-ଆଲର୍ଟ; ୩୨୪ ବୋଟ୍ ମୁତୟନ

ଭୁବନେଶ୍ୱର, ୩।୭ (ସମିସ): ଲଘୁଚାପ ପ୍ରଭାବରେ ରାଜ୍ୟରେ ଲାଗି ରହିଥିବା ବର୍ଷା ଆଗକୁ ଆହୁରି ବଢ଼ିବ। ଭାରତୀୟ ପାଣିପାଗ ବିଭାଗ ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ସତର୍କ କରିବା ପରେ ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ରାଜ୍ୟବ୍ୟାପୀ ହାଇ-ଆଲର୍ଟ ଜାରି କରିଛି। ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ଅଗ୍ନିଶମ କେନ୍ଦ୍ରକୁ ୨୪ ଘଣ୍ଟିଆ ସତର୍କ ଅବସ୍ଥାରେ ରଖାଯାଇଛି। କଟକ କେନ୍ଦ୍ରାଞ୍ଚଳ ରେଞ୍ଜ, ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରେଞ୍ଜ ଓ ସମ୍ବଲପୁର ଉତ୍ତରାଞ୍ଚଳ ରେଞ୍ଜରେ ସ୍ୱତନ୍ତ୍ର ଉଦ୍ଧାରକାରୀ ଟିମ୍ ମୁତୟନ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ଜରୁରୀ ସମୟରେ ତୁରନ୍ତ ସହାୟତା ପହଞ୍ଚାଇବାକୁ ବ୍ୟବସ୍ଥା କରାଯାଇଛି ବୋଲି ବିଭାଗ ପକ୍ଷରୁ ପ୍ରେସ ରିଲିଜରେ କୁହାଯାଇଛି।

ବନ୍ୟା ଓ ଜଳବନ୍ଦୀ ସ୍ଥିତିର ମୁକାବିଲା ପାଇଁ ରାଜ୍ୟରେ ମୋଟ୍ ୩୨୪ଟି ମୋଟରଚାଳିତ ଇନଫ୍‌ଲେଟେବଲ୍ ରବର ବୋଟ୍ ପ୍ରସ୍ତୁତ ରଖାଯାଇଛି। ସେଥିରୁ କେନ୍ଦ୍ରାଞ୍ଚଳରେ ୧୫୯ଟି, ଦକ୍ଷିଣାଞ୍ଚଳରେ ୮୪ଟି ଏବଂ ଉତ୍ତରାଞ୍ଚଳରେ ୮୧ଟି ବୋଟ୍ ରହିଛି। ଉଦ୍ଧାର କାର୍ଯ୍ୟ ପାଇଁ ୩, ୧୪୩ଟି ଲାଇଫ୍ ଜ୍ୟାକେଟ୍ ଓ ୨, ୭୧୨ଟି ଲାଇଫବୟ ମହଜୁଦ ଅଛି। ଗଭୀର ପାଣିରେ ଉଦ୍ଧାର ପାଇଁ ୧୪୫ଟି ଅଣ୍ଡରୱାଟର ବ୍ରିଦିଂ ସେଟ୍ ଏବଂ ୧୬୧ଟି ସର୍ଫେସ୍ ବ୍ରିଦିଂ ସେଟ୍ ମଧ୍ୟ ପ୍ରସ୍ତୁତ ରଖାଯାଇଛି।

ତଳିଆ ଅଞ୍ଚଳ ଓ ଜଳମଗ୍ନ ରାସ୍ତାରୁ ପାଣି ନିଷ୍କାସନ ପାଇଁ ୯୫୨ଟି ପମ୍ପ ବ୍ୟବସ୍ଥା କରାଯାଇଛି। ଏଥିରେ ୫୧ଟି ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ, ୪୭୭ଟି ଟ୍ରେଲର ପମ୍ପ, ୪୦୯ଟି ପୋର୍ଟେବଲ୍ ପମ୍ପ ଏବଂ ୧୫ଟି ଫ୍ଲୋଟିଙ୍ଗ୍ ପମ୍ପ ସାମିଲ ଅଛି। ରାତ୍ରିକାଳୀନ ଉଦ୍ଧାର କାର୍ଯ୍ୟ ପାଇଁ ୬୨୮ଟି ଟାୱାର ଲାଇଟ୍ ଓ ୧୭୩ଟି ସର୍ଚ୍ଚଲାଇଟ୍ ମୁତୟନ ହୋଇଛି। ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ଆଇଜି ଉମାଶଙ୍କର ଦାଶ ଗତକାଲି ବର୍ଷା ଓ ବନ୍ୟା ମୁକାବିଲା ନେଇ ସମୀକ୍ଷା ବୈଠକ କରିଥିଲେ। ସମସ୍ତ କର୍ମଚାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଠକକୁ ୩ ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର, ୩।୭ (ସମିସ): ଠକକୁ ୩ ବର୍ଷ ଜେଲ ଦଣ୍ଡାଦେଶ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ ଶୁକ୍ରବାର ଏକ ଠକେଇ ମାମଲାର ବିଚାରକରି ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଗିରିଶ ଚନ୍ଦ୍ର ପାଣିକୁ ୩୦ ହଜାର ଟଙ୍କାର ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତ ଜଣଙ୍କ ଅଧିକ ୬ ମାସ ଜେଲରେ ରହିବେ ବୋଲି କୋର୍ଟ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। ୨୦୨୫ ମସିହା ସେପ୍ଟେମ୍ବର ମାସରେ ବଡ଼ଗଡ଼ ଥାନାରେ ଏନେଇ ମାମଲା ରୁଜୁ କରାଯାଇଥିଲା। ଠକ ଗିରିଶ ଚନ୍ଦ୍ର ପାଣି ପେଶାରେ ଜଣେ ପ୍ରାଥମିକ ଶିକ୍ଷକ। ସେ ଗଣେଶ ଦାସ ଏବଂ ମଦନ ଦାସଙ୍କୁ ଓୟୁଏଟିରେ ଜୁନିୟର୍ ଆସିଷ୍ଟାଣ୍ଟ ପଦବୀରେ ଚାକିରି କରାଇଦେବେ ବୋଲି କହି ଅଭିଯୋଗକାରୀଙ୍କ ମନରେ ପ୍ରଥମେ ବିଶ୍ୱାସ ଜନ୍ମାଇଥିଲେ। ପ୍ରତ୍ୟେକ ପ୍ରାର୍ଥୀଙ୍କ ପାଇଁ ୨୩ ଲକ୍ଷ ଟଙ୍କା ହିସାବରେ ମୋଟ ୪୬ ଲକ୍ଷ ଟଙ୍କା ନେଇଥିଲେ। ଓୟୁଏଟିର ଭାଇସ ଚାନସେଲରଙ୍କ ନକଲି ସ୍ୱାକ୍ଷର ଓ ସିଲ୍ ଥିବା ଜାଲ ନିଯୁକ୍ତିପତ୍ର ଏବଂ କମ୍ପ୍ୟୁଟର ପ୍ରସ୍ତୁତ ଅନ୍ୟାନ୍ୟ ଜାଲ ଦସ୍ତାବିଜ ଅଭିଯୋଗକାରୀଙ୍କୁ ଦେଇଥିଲେ। ଅଭିଯୁକ୍ତ ୬ ମାସର ଟ୍ରେନିଂ ହେବା ଦର୍ଶାଇ ଦୁହିଁଙ୍କୁ ଭୁବନେଶ୍ୱରରେ ରହିବାକୁ ପରାମର୍ଶ ଦେଇଥିଲେ। ସେମାନେ ନିଜ ଖର୍ଚ୍ଚରେ ରହି ପ୍ରତିଦିନ ଓୟୁଏଟି ପରିସରକୁ ଯାଉଥିଲେ। ସେଠାରେ ବିଦ୍ୟାଧର ସାହୁ ଓ ଅନ୍ୟ ଜଣେ ଡ୍ରାଇଭର ସେମାନଙ୍କୁ କାର୍‌ରେ ବସାଇ ଏକ ରେଜିଷ୍ଟରରେ ସ୍ୱାକ୍ଷର କରାଇ ପୁଣି ଫେରାଇ ଦେଉଥିଲେ। ଏପରି ପ୍ରକ୍ରିୟା ଦୀର୍ଘ ୬ମାସ ଧରି ଚାଲିଥିଲା। ପରେ ଉଭୟଙ୍କ ଚାକିରି କାର୍ଯ୍ୟାଳୟ ଫୁଲବାଣୀକୁ ସ୍ଥାନାନ୍ତର ହୋଇଛି ବୋଲି କହି ସେମାନଙ୍କୁ ସେଠାକୁ ନିଆଯାଇଥିଲା। ତା'ପରେ ବଲାଙ୍ଗୀରରେ ନିଯୁକ୍ତି ହେବ ବୋଲି କହି ସେଠାକୁ ମଧ୍ୟ ନିଆଯାଇଥିଲା। ପରେ ପୁଣି ଭୁବନେଶ୍ୱରରେ ଚାକିରି ହେବ ବୋଲି କହି ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ କୌଣସି ସ୍ଥାନରେ ବି ଉଭୟଙ୍କୁ ଚାକିରି ନମିଳିବାରୁ ଶେଷରେ ନିରାଶ ହୋଇ ଘରକୁ ଫେରିଥିଲେ। ଏହି ପ୍ରକ୍ରିୟା ମଧ୍ୟରେ ଅଭିଯୁକ୍ତ ଗିରିଶ ଚନ୍ଦ୍ର ପାଣି ୧୫ ଦିନ ମଧ୍ୟରେ ଚାକିରି ନହେଲେ ସମସ୍ତ ଟଙ୍କା ଫେରସ୍ତ କରିଦେବେ ବୋଲି ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେ ଚାକିରି ଦେଇ ପାରିନଥିଲେ କି ଟଙ୍କା ମଧ୍ୟ ଫେରସ୍ତ ଦେଇନଥିଲେ। ଏହିପରି ଭାବେ ଜାଲ ଦସ୍ତାବିଜ ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀଙ୍କ ଠାରୁ ମୋଟ ୪୬ ଲକ୍ଷ ଟଙ୍କା ଠକେଇ କରି ଆତ୍ମସାତ୍ କରିଥିଲେ। ପରିଶେଷରେ ଅଭିଯୋଗକାରୀ ଏନେଇ ଥାନା ଦ୍ୱାରସ୍ଥ ହୋଇଥିଲେ। ମାମଲାର ତଦନ୍ତ କରି ଏସ୍‌ଆଇ ରାଜେଶ କୁମାର ଗୌଡ଼ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ ଦାଖଲ କରିଥିଲେ। ବିଚାର ସମୟରେ ଅଦାଲତ ମୋଟ ୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଏବଂ ୨୩ଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି ବିଚାର କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସଫଳତାର ସହ ପରିଚାଳନା କରିଥିଲେ।

## ବଢ଼ିବ ବସ୍ ସଂଖ୍ୟା, ଧାର୍ଯ୍ୟଠାରୁ ଅଧିକ ଭଡ଼ା ନେଲେ କାର୍ଯ୍ୟାନୁଷ୍ଠାନ

କଟକ, ୩।୭ (ସମିସ)

- ଶ୍ରଦ୍ଧାଳୁଙ୍କ ସୁଗମ ଓ ସୁରକ୍ଷିତ ଯାତାୟାତକୁ ପ୍ରାଥମିକତା
- ବରିଷ୍ଠ ଅଧିକାରୀଙ୍କ ନିରନ୍ତର କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ସୁଗମ ପରିବହନ, ସୁରକ୍ଷିତ ଯାତାୟାତ ଏବଂ ଟ୍ରାଫିକ୍‌ର ସୁପରିଚାଳନା ନିମନ୍ତେ ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ.ବି.ଏସ. ରାଜପୁତ, ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ବରିଷ୍ଠ ଆଇପିଏସ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହିତ ଭର୍ଚ୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ, ଏସ୍‌ପି, କଟକ ଓ ଭୁବନେଶ୍ୱରର ଡିସିପି, କ୍ରୁଟ୍, ଜାତୀୟ ରାଜପଥ ପ୍ରାଧିକରଣର ପ୍ରତିନିଧିମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

ପ୍ରତିଟି ପଦକ୍ଷେପରେ ଶ୍ରଦ୍ଧାଳୁଙ୍କ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଏହି ଅବସରରେ ସମସ୍ତ ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି। ମହାପ୍ରଭୁଙ୍କ ନିକଟରେ ପୂର୍ଣ୍ଣ ସମର୍ପଣ ସହ ସମସ୍ତ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରଶାସନ, ପୋଲିସ ଓ ପରିବହନ ବିଭାଗ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ କହିଛନ୍ତି। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ପରିବହନ ଦୃଷ୍ଟିରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ବୈଠକରେ ଆଲୋଚନା ହୋଇଥିଲା। ବିଶେଷକରି, ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ପୁରୀ ରୁଟରେ ବସ୍ ସଂଖ୍ୟା ବୃଦ୍ଧି କରାଯିବ ଏବଂ ଅସ୍ଥାୟୀ ପରମିଟ୍ ପ୍ରଦାନ ବ୍ୟବସ୍ଥାକୁ ସରଳ ଓ ତ୍ୱରାନ୍ୱିତ କରାଯିବ। ଧାର୍ଯ୍ୟ ଭଡ଼ାଠାରୁ ଯେଉଁଭଳି କୌଣସି ବସ୍ ଅଧିକ ଭଡ଼ା ନ ନିଅନ୍ତି ଏହା ସୁନିଶ୍ଚିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସବୁ ବସରେ ଭଡ଼ା ଚାର୍ଟ ରହିବ ଏବଂ ଏହା ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ଯାତ୍ରୀଙ୍କଠାରୁ ଭଡ଼ା ଆଦାୟ ହେବ। ବିପଜ୍ଜନକ ଯାତ୍ରା ରୋକିବାକୁ ଓଭରଲୋଡ୍ ଓ ଓଭରସ୍ପିଡ୍ ବିରୋଧରେ ବ୍ୟାପକ ଏନଫୋର୍ସମେଣ୍ଟ କରିବାକୁ ମନ୍ତ୍ରୀ କହିଛନ୍ତି। ସେହିଭଳି ଅଟୋ ଭଡ଼ାରେ ବି ଯେଉଁଭଳି ଯାତ୍ରୀଙ୍କୁ ଶୋଷଣ ନ ହୁଏ ଏଥିପାଇଁ ଦୃଷ୍ଟି ଦେବାକୁ ସେ କହିଛନ୍ତି। ଚଳିତବର୍ଷ, ପୁରୀର ସମସ୍ତ ପାର୍କିଂ ସ୍ଥଳରୁ ନିର୍ଦ୍ଧାରିତ ସ୍ଥାନ ଯାଏଁ ନିଃଶୁଳ୍କ ଅଟୋ ସେବା ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ପ୍ରଦାନ କରାଯିବ। ଏହାସହ ମାଳତୀପାଟପୁରରୁ ନିଃଶୁଳ୍କ ସଟଲ୍ ସେବା ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ ହୋଇଛି। ତାଳବଣିଆରେ ସମସ୍ତ ମୌଳିକ ସୁବିଧା ଥାଇ ଅସ୍ଥାୟୀ ବିଶ୍ରାମାଗାର, ରଥଯାତ୍ରା ଓ ବାହୁଡ଼ାରେ ନିଃଶୁଳ୍କ ରନ୍ଧାଖାଦ୍ୟ ବିତରଣ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଆଦିର ସୁବନ୍ଦୋବସ୍ତ କରାଯିବ। ସେହିଭଳି ମାଳତୀପାଟପୁରରେ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯିବ। ଯାତ୍ରୀଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ହେବ ଏବଂ ସୁରକ୍ଷା ଦୃଷ୍ଟିରୁ ପ୍ରବେଶ ଓ ପ୍ରସ୍ଥାନରେ ସିସିଟିଭି ଲଗାଯିବ। ସେହିଭଳି ଟ୍ରାଫିକ ନିୟନ୍ତ୍ରଣ ପାଇଁ ଭୁବନେଶ୍ୱରରୁ ରଣନୀତି ଭିତ୍ତିରେ ସମନ୍ୱୟ ରକ୍ଷା କରି ପଦକ୍ଷେପ ଗ୍ରହଣ ହେବ। ପରିବହନ ବିଭାଗ ପକ୍ଷରୁ ତାଳବଣିଆରେ ସୂଚନା କେନ୍ଦ୍ର, ହେଲ୍ପଡେସ୍କ କାର୍ଯ୍ୟକ୍ଷମ ହେବ। ଶ୍ରଦ୍ଧାଳୁଙ୍କ ଅବଗତି ନିମନ୍ତେ ଏହି ସୁବିଧା ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ ଦ୍ୱାରା ବ୍ୟାପକ ପ୍ରଚାର ପ୍ରସାର କରାଯିବ।

ଅନ୍ୟପକ୍ଷରେ, ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ସଡ଼କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ପଦକ୍ଷେପ ସମୟ ମଧ୍ୟରେ ଶେଷ କରିବାକୁ ଜାତୀୟ ରାଜପଥ ପ୍ରତିନିଧିଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯେପରିକି, ଆବଶ୍ୟକ ସ୍ଥାନରେ ରାସ୍ତା ମରାମତି, ଷ୍ଟ୍ରିଟ୍‌ଲାଇଟ୍, ଲେନ୍ ମାର୍କିଂ, ସାଇନେଜ୍‌କୁ ପ୍ରାଧାନ୍ୟ ଦେବ ଏନ୍‌ଏଚଏଆଇ। ସେହିଭଳି ରାଜପଥରେ ଗୋରୁଗାଈଜନିତ ଦୁର୍ଘଟଣା ରୋକିବାକୁ ପଦକ୍ଷେପ ନେବାକୁ ବୈଠକରେ ଆଲୋଚନା ହୋଇଛି।

ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ଓ ସୁଗମ ଯାତାୟାତ ହିଁ ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ପ୍ରଶାସନ, ପୋଲିସ ଏବଂ ପରିବହନ ବିଭାଗ ଉତ୍ତମ ସମନ୍ୱୟ ରଖି ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।



## ସିଏମ୍‌ସିର ଜଳ ନିଷ୍କାସନ ଯୋଜନା ଫେଲ୍

# ବର୍ଷାରେ ଭାସୁଛି କଟକ



















**କଟକ,୩।୭(ସମିସ)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ସହିତ ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଯୋଗୁଁ କଟକ ସହରରେ ଦିନ ତମାମ ପ୍ରବଳ ବର୍ଷା ହୋଇଛି। ସିଏମ୍‌ସିର ଜଳ ନିଷ୍କାସନ ଯୋଜନା ଫେଲ୍ ମାରିଥିବାରୁ ବର୍ଷା ଜଳରେ ଭାସୁଛି ରୌପ୍ୟନଗରୀ। ସକାଳୁ ଆରମ୍ଭ ହୋଇଥିବା ବର୍ଷା ଦିନସାରା ଜାରି ରହିବା ଫଳରେ ସମଗ୍ର କଟକ ସହରରେ ପାଣି ପଶିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ସହରର ମୁଖ୍ୟ ଜନଗହଳିପୂର୍ଣ୍ଣ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦିରେ ଆଣ୍ଠୁଏ ଆଣ୍ଠୁଏ ବର୍ଷା ପାଣି ଜମି ରହିଛି। ସହରର ୨ଟି ବଡ଼ ନାଳ ଏବଂ ସବ୍‌ଡ୍ରେନଗୁଡ଼ିକ ଜାମ୍ ହୋଇ ଉଛୁଳିବା ଯୋଗୁଁ ବର୍ଷା ପାଣି ସହିତ ଡ୍ରେନର ଦୂଷିତ ପାଣି ଓ ଅଳିଆ ଆବର୍ଜନା ଲୋକଙ୍କ ଘରେ ପଶିଛି। କେତେକ ସ୍ଥାନରେ ଦୋକାନ ଭିତରେ ପଶିଯାଇଛି। ଫଳରେ ଜନଜୀବନ ସମ୍ପୂର୍ଣ୍ଣ ଭାବେ ଅସ୍ତବ୍ୟସ୍ତ ହୋଇପଡ଼ିଛି।

ସହରର ପ୍ରାୟ ସମସ୍ତ ପ୍ରମୁଖ ଅଞ୍ଚଳ ଯଥା ବାଲୁବଜାର, କାଜିବଜାର, ଓଡ଼ିଆ ବଜାର, ସୁତାହାଟ, ତନ୍ତିସାହି, ମେରିଆ ବଜାର, ପିଠାପୁର, ଝୋଲାସାହି, କେଶରପୁର, ମଙ୍ଗଳାବାଗ, କଲେଜ ଛକ, ବାଦାମବାଡ଼ି, ଖପୁରିଆ ଏବଂ ମଧୁପାଟଣା ଆଦି ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ତଳିଆ ବସ୍ତି ଅଞ୍ଚଳ ଏବଂ ଜନବସତିରେ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ସେହିପରି ତୁଳସୀପୁର, ବିଡ଼ାନାସୀ ଏବଂ ସିଡିଏ ଭଳି ଉଚ୍ଚା ସ୍ଥାନଗୁଡ଼ିକରେ ମଧ ମୌସୁମୀ ବର୍ଷା ଯୋଗୁଁ ନାହିଁ ନଥିବା ସମସ୍ୟା ଦେଖାଦେଇଛି। ପଟ୍ଟାପୋଲ ଏବଂ ସୂତାହାଟ ଭଳି ଖାଲୁଆ ସାହିରେ ରାସ୍ତାରେ ଛିଡ଼ା ହୋଇଥିବା ବାଇକ୍ ଏବଂ ସ୍କୁଟର ଗୁଡ଼ିକ ଅଧା ବୁଡ଼ି ରହିଥିବା ଦେଖିବାକୁ ମିଳିଛି। ସକାଳେ ଅଫିସ୍ ଏବଂ ବିଦ୍ୟାଳୟ ଖୋଲିବା ସମୟରେ ବର୍ଷାର ପ୍ରକୋପ ଅଧିକ ଥିବାରୁ ଯାତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗିଛନ୍ତି। ଅନେକ ମୋଟରସାଇକଲ ଆରୋହୀ ବର୍ଷା ଆଶ୍ରୟ ପାଇଁ ବିଭିନ୍ନ ଦୋକାନ ବାରଣ୍ଡା, ଓଭରବ୍ରିଜ୍ ଏବଂ ଫ୍ଲାଇଓଭର ତଳେ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲେ। ଏହି ଦୁର୍ଦ୍ଦଶାକୁ ନେଇ କଟକ ସହରବାସୀଙ୍କ ମଧ୍ୟରେ କଟକ ମହାନଗର ନିଗମ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ ପକ୍ଷରୁ ବର୍ଷା ଦିନ ପୂର୍ବରୁ ଯେଉଁ ଡ୍ରେନ୍ ସଫା ଏବଂ ପଙ୍କୋଦ୍ଧାର କାର୍ଯ୍ୟ କରାଯିବାର ଦାବି କରାଯାଉଥିଲା, ତାହା କେବଳ କାଗଜପତ୍ରରେ ସୀମିତ ଥିଲା। ସହରର ବ୍ରାଞ୍ଚ୍ ଡ୍ରେନଗୁଡ଼ିକରେ ପ୍ଲାଷ୍ଟିକ, ପଲିଥିନ ଏବଂ ଅନ୍ୟାନ୍ୟ କଠିନ ବର୍ଜ୍ୟବସ୍ତୁ ଜମି ରହି ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଛି। ଫଳରେ ବର୍ଷା ପାଣି ନାଳ ଦେଇ ନିଷ୍କାସିତ ହେବା ପରିବର୍ତ୍ତେ ଓଭରଫ୍ଲୋ ହୋଇ ରାସ୍ତାକୁ ଭସାଉଛି। ପ୍ରତିବର୍ଷ ବର୍ଷା ଦିନ ଆସିଲେ କଟକ ସହରର ଏହି ଦେଖଣାହାରୀ ରୂପ ସାମ୍ନାକୁ ଆସୁଥିଲେ ମଧ ପ୍ରଶାସନର ଆନ୍ତରିକତା ଅଭାବରୁ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ ବୋଲି ସହରବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ, ସହରରେ ବର୍ଷା ଜଳ ଯୋଗୁଁ ସ୍ଥିତି ଅଣାୟତ୍ତ ହେବା ପରେ କଟକ ମହାନଗର ନିଗମ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ତତ୍ପରତା ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ତଳିଆ ଏବଂ ସବୁଠାରୁ ଅଧିକ ଜଳମଗ୍ନ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ବହୁ ସଂଖ୍ୟାରେ ହାଇ-ପାୱାର ମୋଟର ପମ୍ପ ବ୍ୟବହାର କରାଯାଉଛି। ମୁଖ୍ୟ ଡ୍ରେନଗୁଡ଼ିକରେ ସୃଷ୍ଟି ହୋଇଥିବା ଜାମ୍‌କୁ ହଟାଇବା ପାଇଁ ବିଭିନ୍ନ ସ୍ଥାନରେ ଜେସିବି ମେସିନ୍ ଲଗାଯାଇ ଆବର୍ଜନା ସଫା କରାଯାଉଛି। ସେହିପରି ସିଏମ୍‌ସିର କଣ୍ଟ୍ରୋଲ ରୁମ୍ ମଧ ସକ୍ରିୟ ରହି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।

## ୬ ଲେନ୍ ରାସ୍ତା ଓ ଗାର୍ଡୱାଲ ଭୁଶୁଡ଼ିବା ଘଟଣା

# ଠିକାଦାରଙ୍କୁ କଳା ତାଲିକାଭୁକ୍ତ କର

**କଟକ,୩।୭(ସମିସ):** ଗତକାଲି ବର୍ଷାରେ ଚହଟା ଛକରୁ ମଧୁ ସେତୁ ପର୍ଯ୍ୟନ୍ତ ନିର୍ମାଣାଧୀନ ୬ ଲେନ ବିଶିଷ୍ଟ ରାସ୍ତା ସହ କଂକ୍ରିଟ ଗାର୍ଡୱାଲ ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ ଆଜି କଟକ ନଗର ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଦଳର ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ କଟକ ଆରଆଣ୍ଡବି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ମହମ୍ମଦ

### ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଓଜେସିର ଦାବି

ସେହେବାଜଙ୍କୁ ଭେଟି ଏକ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ବେହେରା କହିଛନ୍ତି ଯେ ବହୁ ଦିନରୁ ଏହି ପ୍ରକଳ୍ପଟି ଆହେତୁକ ବିଳମ୍ବରେ ଚାଲିଥିବା ବେଳେ, ପ୍ରଥମ ବର୍ଷାରେ ହିଁ ପାଚେରି ଭୁଶୁଡ଼ିବା ଉକ୍ତ ରାସ୍ତା ନିର୍ମାଣରେ ଅତି ନିମ୍ନମାନର କାର୍ଯ୍ୟକୁ ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି। ଏହି ନିର୍ମାଣ ବିଫଳତାର ପ୍ରକୃତ କାରଣ ଖୋଜିବା ପାଇଁ ତୁରନ୍ତ ଏକ ନିରପେକ୍ଷ ଉଚ୍ଚସ୍ତରୀୟ କମିଟି ଗଠନ, ନିମ୍ନମାନର କାମ ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ସଙ୍ଗେ ସଙ୍ଗେ କଳା ତାଲିକାଭୁକ୍ତ କରିବା, ଉକ୍ତ ପ୍ରକଳ୍ପର ବୈଷୟିକ ଡିଜାଇନର ପୁଙ୍ଖାନୁପୁଙ୍ଖ ସମୀକ୍ଷା ଓ ସରକାରୀ ଅର୍ଥର ଅପବ୍ୟୟ କରିଥିବା ସମ୍ପୃକ୍ତ ସମସ୍ତ ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି; ନଚେତ୍ ଆଗାମୀ ଦିନରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବ ବୋଲି ଦଳ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି। ଏହି ପ୍ରତନିଧି ଦଳରେ ରାଜ୍ୟ ଓଜେସି ମହିଳା ସଭାନେତ୍ରୀ ଶୈଳବାଳା ଜେନା, ରାଜ୍ୟ ଓଜେସି ଯୁବ ସଭାପତି ଆର୍ଯ୍ୟବୀର ଲେଙ୍କା, ଇଶରତ ଜାହାନ, ସନ୍ତୋଷ କୁମାର ପାତ୍ର, ସୁରଜିତ ସାହୁ, ସେକ ଗୁଲାମ ମୋଇଉଦ୍ଦୀନ, ରାକେଶ ମହାରଣା, ପ୍ରଭାତୀ ପଟ୍ଟନାୟକ, ସିଲା ସାହା, ମନୋରମା ପଣ୍ଡା, ରାଜଶ୍ରୀ ରାୟ, ଅନିତା ବେହେରା, ସ୍ୱାଗତିକା ମହାପାତ୍ର, ବିକ୍ରମ ବିଶ୍ୱାଳ, ବିଶ୍ୱରଞ୍ଜନ, କୁଣା ପୁଲାର ପ୍ରମୁଖ ଉପସ୍ଥିତ ଥିଲେ।



# କୃଷକ ବଜାର ଦେଇ ଭାରୀ ଯାନ ଚଳାଚଳ ନିଷେଧ

**କଟକ,୩।୭(ସମିସ):** କୃଷକବଜାର ଦେଇ ସେକ୍ଟର-୬ ଓ ରିଙ୍ଗରୋଡ଼କୁ ସଂଯୋଗ କରୁଥିବା ରାସ୍ତାରେ ନିୟମିତ ଭାବେ ଭାରୀ ଯାନ ଚଳାଚଳ କରୁଥିବାରୁ ବଜାରର ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ନିକଟରେ ଏହି କାରଣରୁ ନୂଆ କରି ଲଗାଯାଇଥିବା କାଓ କ୍ୟାଚର ମଧ ଭାଙ୍ଗିଯାଇଛି। ଆରଏମସି ଅଧକ୍ଷ ତଥା ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଆସନ୍ତା ଜୁଲାଇ ୧୫ ସୁଦ୍ଧା ଏହି ରାସ୍ତାରେ ଭାରୀ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏହାସହ ବ୍ୟବସାୟୀ ଏବଂ ସାଧାରଣ ଜନତା ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେନେଇ ଏକ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ କେ.ଆର.ମହାପାତ୍ର ଓ ଜଷ୍ଟିସ ଭି ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି କୃଷକ ବଜାରର ସାମଗ୍ରିକ ବିକାଶ ପାଇଁ

### ଅଧିକ ସଫେଇ କର୍ମଚାରୀ ନିଯୁକ୍ତ ହେବେ

ପ୍ରସ୍ତୁତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଉପରେ ଆରଏମସି, ୱାଟକୋ ଏବଂ ସିଏମ୍‌ସି ମଧ୍ୟରେ ଆଲୋଚନା ହୋଇଥିଲେ ସୁଦ୍ଧା ଏହାର କୌଣସି ବିଧିବଦ୍ଧ ବିବରଣୀ ପ୍ରସ୍ତୁତ ହୋଇନାହିଁ। ଏଣୁ ଆସନ୍ତା ୧୦ ଦିନ ମଧ୍ୟରେ ଏକ ମିଳିତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଗତ ମେ ୨୧ରୁ ସିଏମସି ସଫେଇ କାମ ବନ୍ଦ କରିଦେବା ପରେ ମାତ୍ର ଦୁଇ ଜଣ ସ୍ୱିପରଙ୍କୁ ନେଇ ଆରଏମସି କାମ ଚଳାଉଛି, ଯାହାକି ଆଦୌ ଯଥେଷ୍ଟ ନୁହେଁ। ଏହାକୁ ଦୃଷ୍ଟିରେ ରଖି ଉପଜିଲ୍ଲାପାଳ କୃଷକବଜାରରେ ଅଧିକ ସଫେଇ କର୍ମଚାରୀ ନିୟୋଜିତ କରିବା ସହ ଆଉଟସୋର୍ସିଂ ମାଧ୍ୟମରେ ସଫେଇ କାର୍ଯ୍ୟ ତୁଲାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ପେଟାନାଳ ସମସ୍ୟାର ସମାଧାନ ପାଇଁ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା ଓ ଏହାର ଷ୍ଟାଟସ ରିପୋର୍ଟ କୋର୍ଟରେ ଦାଖଲ କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୩୦ରେ ହେବ।

## ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ



**କଟକ, ୩।୭(ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଅବସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱରାଜ ଆଶ୍ରମଠାରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କଟକ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରାଙ୍କ ସମେତ ବିଚାରକ ଭାବେ ରାଜା ଅର୍ଦ୍ଧ?ନ୍ଦୁ ଶେଖର ମହାନ୍ତି, ରାଜୀବ ଷଡଙ୍ଗୀ, ବିଶ୍ୱନାଥ ମିଶ୍ର, ରଞ୍ଜନ ଲେଙ୍କା, ଜଗନ୍ନାଥ ପଣ୍ଡା, ସରୋଜିନୀ ମିଶ୍ର ଓ ଅଭିମନ୍ୟୁ ରଥ ପ୍ରମୁଖ ଯୋଗ ଦେଇଥିଲେ।

# ରଥଯାତ୍ରା ପ୍ରସ୍ତୁତିର ସ୍ଥିତି ପରଖିଲେ ମେୟର ଓ କମିସନର

**କଟକ,୩।୭(ସମିସ)**



ଆସନ୍ତା ପବିତ୍ର ରଥଯାତ୍ରାକୁ ସୁରକ୍ଷିତ, ସୁଶୃଙ୍ଖଳ ଏବଂ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ଆୟୋଜନ କରିବା ଲକ୍ଷ୍ୟରେ ଆଜି କଟକ ମହାନଗର ନିଗମର ମେୟର ସୁବାସଚନ୍ଦ୍ର ସିଂହ ଓ କଟକ ମହାନଗର ନିଗମର କମିଶନର ସ୍ଥାନୀୟ କର୍ପୋରେଟରମାନେ, ସ୍ଥାନୀୟ ପୂଜା କମିଟି ମେମ୍ବର ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ରଥଯାତ୍ରା ଆୟୋଜନସ୍ଥଳ ଓ ପାରିପାର୍ଶ୍ୱିକ ଅଞ୍ଚଳ ପରିଦର୍ଶନ କରି ପ୍ରସ୍ତୁତିର ସ୍ଥିତି ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ରଥଯାତ୍ରା ମାର୍ଗର ରାସ୍ତାଘାଟର ଅବସ୍ଥା, ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଆଲୋକୀକରଣ, ଅସ୍ଥାୟୀ ଶୌଚାଳୟ, ବର୍ଷାଜଳ ନିଷ୍କାସନ, ବ୍ୟାରିକେଡିଂ, ଟ୍ରାଫିକ୍ ପରିଚାଳନା, ଅଗ୍ନିଶମ ଓ ଜରୁରୀକାଳୀନ ସେବା, ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ସମେତ ସମସ୍ତ ମୌଳିକ ବ୍ୟବସ୍ଥାର ଯାଞ୍ଚ କରାଯାଇଥିଲା।

ମେୟର ଶ୍ରୀ ସିଂହ କହିଥିଲେ ଯେ ରଥଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ କଟକ ସହରର ଗୌରବ ଓ ପରମ୍ପରାର ପ୍ରତୀକ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥାକୁ ସମୟ ପୂର୍ବରୁ ସଂପୂର୍ଣ୍ଣ କରିବା ସହ କୌଣସି ପ୍ରକାର ଅବହେଳା ବରଦାସ୍ତ କରାଯିବ ନାହିଁ। ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କମିଶନର ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅବଶିଷ୍ଟ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମାପ୍ତ କରିବା, ରଥଯାତ୍ରା ସମୟରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ ରଖିବା, ପାନୀୟ ଜଳ ଓ ବିଦ୍ୟୁତ ସେବାରେ କୌଣସି ବ୍ୟାଘାତ ନ ଘଟିବା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଟିମ୍‌କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ କର୍ପୋରେଟରମାନେ ନିଜ ନିଜ ୱାର୍ଡର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମେୟର ଓ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସ୍ଥଳରେ ହିଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। କଟକ ମହାନଗର ନିଗମ ପକ୍ଷରୁ ରଥଯାତ୍ରାର ସମସ୍ତ ପ୍ରସ୍ତୁତିକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଥିବା ବେଳେ, ସହରବାସୀ ଓ ଭକ୍ତମାନଙ୍କ ସହଯୋଗରେ ଏହି ମହାନ ପର୍ବକୁ ସୁରକ୍ଷିତ, ସୁଶୃଙ୍ଖଳ ଓ ସଫଳତାର ସହିତ ସମ୍ପନ୍ନ କରିବାକୁ ମହାନଗର ନିଗମ ଆଶା ପ୍ରକାଶ କରିଛି।

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

ସକାଳ
THE SAKALA

## ଏଆଇର ଆତଙ୍କ

ନ୍ୟାୟିକ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପସ୍ଥିତି ଅଦୃଶ୍ୟ ହେଲେ ହେଁ ଭୟଙ୍କର ବୋଲି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଟିପ୍ପଣୀ ଦେଇଛନ୍ତି। କୌଣସି ମାମଲାର ଶୁଣାଣି ବେଳେ ଏଆଇ ସାହାରାରେ କରାଯାଉଥିବା ବିଭିନ୍ନ ରାୟର ଉଦ୍ଧୃତି କିଭଳି ବିଭ୍ରାନ୍ତିକର ଓ ତ୍ରୁଟିପୂର୍ଣ୍ଣ ତାହାର ଉଦାହରଣ ଭାବେ ବମ୍ବେ ଉଚ୍ଚ ନ୍ୟାୟାଳୟ ଦେଇଥିବା ଏକ ରାୟକୁ ସର୍ବୋଚ୍ଚ ନ୍ୟାୟାଳୟ ଗ୍ରହଣ କରିଛନ୍ତି। ଏଆଇର ପ୍ରୟୋଗ ବିଚାର ବ୍ୟବସ୍ଥାକୁ ସ୍ୱରାନ୍ୱିତ କରିପାରେ; କିନ୍ତୁ ପାଦେ ପାଦେ ଏହାର ବିପଦ ରହିଛି - ଏହି ମର୍ମରେ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିବା ସର୍ବାଦୌ ସମୟୋପଯୋଗୀ ଓ ଗ୍ରହଣୀୟ। ଏଆଇର ଏହି ସମ୍ଭାବ୍ୟ ବିପଦ କେବଳ ନ୍ୟାୟିକ ବା ବିଚାର ବ୍ୟବସ୍ଥାରେ ସୀମିତ ନାହିଁ। ଧୀରେ ଧୀରେ ଏହା ଜନଜୀବନ ଓ ପ୍ରକୃତି-ପରିବେଶକୁ ଗ୍ରାସିବାକୁ ଆରମ୍ଭ କଲାଣି - ଏ ସମ୍ପର୍କରେ ଯେତେ ଆଲୋଚନା ହେବା କଥା ତାହା ହେଉନାହିଁ।

ଏଆଇ କେବଳ ଏକ ଯାନ୍ତ୍ରିକ ପ୍ରକ୍ରିୟା; ଏହା ମାନବୀୟ ଚିନ୍ତା ଚେତନା, ବିଶେଷକରି ସୃଜନଶୀଳତାର ସ୍ଥାନ ନେଇପାରିବ ନାହିଁ ବୋଲି କିଛିଦିନ ପୂର୍ବରୁ ଯେଉଁ ଦମ୍ଭୋକ୍ତି ପ୍ରକାଶ ପାଉଥିଲା, ତାହା ଭୁଲ୍ ବୋଲି 'କମନ୍‌ୱେଲ୍‌ଥ ଲିଟେରାରି ପ୍ରାଇଜ୍' ବିବାଦ ସହିତ ନିମିଷକେ ଧୂଳିସାତ୍ ହୋଇଗଲା। ଗତ ମେ' ମାସରେ ଏହି ପୁରସ୍କାର ଜିତିଥିବା ତ୍ରିନିଦାଦ୍ ଲେଖକ ଜମିର ନାଜିରଙ୍କ ପୁସ୍ତକର କଥାବସ୍ତୁ ତାଙ୍କ ନିଜସ୍ୱ ସୃଜନ ନୁହେଁ, ବରଂ ଏଆଇ ଦ୍ୱାରା ପ୍ରସ୍ତୁତ ବୋଲି ଜଣାପଡ଼ିଲା ପରେ ପୁରସ୍କାର ପ୍ରତ୍ୟାହୃତ ହେଲା ସତ; କିନ୍ତୁ ଏହାପରେ ଅସଂଖ୍ୟ ସୃଜନକୃତିଗୁଡ଼ିକର ମୌଳିକତା ଉପରେ ଏକ ସନ୍ଦେହ ବିଜଡ଼ିତ ପ୍ରଶ୍ନଚିହ୍ନ ଛାଡ଼ିଦେଇ ଗଲା।

ଏହା ଅନସ୍ୱୀକାର୍ଯ୍ୟ ଯେ ଏଆଇ ଚାଟ୍‌ବଟ୍‌ର ବିକାଶ ପ୍ରକ୍ରିୟା ଯେତେ ତ୍ୱରାନ୍ୱିତ ହେଉଛି ଲେଖକ ସଂଖ୍ୟା ସେତେ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଚାଟ୍‌ବଟ୍‌କୁ କୌଣସି ନିର୍ଦ୍ଦେଶ ଦେବାର ମାତ୍ର କିଛିସମୟ ଭିତରେ ଏଆଇ କାହାଣୀଟିଏ ଲେଖି ସମର୍ପି ଦେଉଛି ଏବଂ ନିର୍ଦ୍ଦେଶକ ତାହାକୁ ନିଜ ନାମ ଦେଇ ପ୍ରକାଶ କରିବାରେ କୌଣସି କୁଣ୍ଠା ପ୍ରକାଶ କରୁନାହିଁ। ଏଭଳି ଦ୍ରୁତ କ୍ରମବର୍ଦ୍ଧିଷ୍ଣୁ ଲେଖକମାନଙ୍କ ଆବିର୍ଭାବ ପରେ ଏକ ଆନ୍ତର୍ଜାତିକ ପ୍ରକାଶନୀ ସଂସ୍ଥା ବାଧ୍ୟ ହୋଇ କିଛିମାସ ପାଇଁ ପ୍ରକାଶନ କାର୍ଯ୍ୟକୁ ସ୍ଥଗିତ ରଖିଥିଲା। କମନ୍‌ୱେଲ୍‌ଥ ଲିଟେରାରୀ ପ୍ରାଇଜ୍‌ରେ ଏଆଇର ପ୍ରାଦୁର୍ଭାବ ଧରାପଡ଼ିବା ପରେ ଆଉ କେତେକ ସ୍ୱନାମଧନ୍ୟ ପୁରସ୍କାର ପ୍ରଦାନକାରୀ ସଂସ୍ଥା ଲେଖକମାନଙ୍କ ପାଇଁ କଠୋର ସର୍ତ୍ତ ଜାରି କରିଛନ୍ତି ଏବଂ ତାହା ଏଆଇ ଦ୍ୱାରା ସମ୍ଭୂତ କି ନୁହେଁ ତାହା ନିଶ୍ଚିତ କରିବା ପାଇଁ ପରୀକ୍ଷଣ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଏହି ପରୀକ୍ଷଣ ବା ଯାଞ୍ଚ ପ୍ରକ୍ରିୟା କେତେ ତ୍ରୁଟିଶୂନ୍ୟ ତାହାକୁ ନେଇ ପୁଣି ଏକ ପ୍ରଶ୍ନ ଉଠିଛି। ଏଆଇ ଦ୍ୱାରା ହେବାକୁ ଥିବା ଏହି ପରୀକ୍ଷଣ ଯଦି ତ୍ରୁଟିପୂର୍ଣ୍ଣ ହୁଏ ତେବେ ଜଣେ ମୌଳିକ ଲେଖକ ଲାଞ୍ଛିତ ଓ ପୁରସ୍କାରରୁ ବଞ୍ଚିତ ହେବା ଅବଧାର୍ଯ୍ୟ। ତେଣୁ ଏହା ନୈତିକତା ପ୍ରସଙ୍ଗକୁ ଜନ୍ମ ଦେଇଛି।

ଏଆଇ ଦ୍ୱାରା ଆଉ ଯେଉଁକେତେକ ସାଂଘାତିକ ଚିନ୍ତାଜନକ ସମସ୍ୟା ମାନବ ସଭ୍ୟତାକୁ କବଳିତ କରିବାକୁ ଯାଉଛି ସେ ବିଷୟରେ କିଞ୍ଚିତ ଆଲୋଚନା କରାଯାଉ। ଏଆଇର ପ୍ରାଣକେନ୍ଦ୍ର ରୂପେ ବିଦିତ ଗୋଟିଏ ଗୋଟିଏ ଡାଟା ସେଣ୍ଟର ଯେତିକି ପରିମାଣର ପାଣି ଶୋଷି ନେବେ ତାହାର ପ୍ରଭାବରେ ଶହଶହ ଏକର ଜମି ଶୁଷ୍କମରୁରେ ପରିଣତ ହୋଇଯିବ। ଚାଷବାସ ଦୂରେ ଥାଉ ବୃକ୍ଷଲତା ମଧ୍ୟ ବଞ୍ଚିପାରିବେ ନାହିଁ। ଏହାଦ୍ୱାରା ପିଇବା ପାଣିର ଯେଉଁ ଉତ୍କଟ ସଙ୍କଟ ସୃଷ୍ଟି ହେବ ତାହା କିଛିଟା ଅନୁମାନ କରାଯାଇପାରେ। କିନ୍ତୁ ଡାଟା ସେଣ୍ଟର ଯୋଗୁଁ ସବୁଜ ବନାନୀ ନିଶ୍ଚିହ୍ନ ହେବା ଫଳରେ ଜଳବାୟୁର ବ୍ୟାପକ ଅସ୍ୱାଭାବିକତା ମାନବ ସଭ୍ୟତାକୁ କେଉଁସ୍ଥିତିକୁ ନେଇଯିବ ତାହା ଅକଳନୀୟ। ପରିସ୍ଥିତି ଏଭଳି ହେବ ଯେ ମଣିଷ ଯନ୍ତ୍ରଘେରରେ ରହିଥିବ ଅଥଚ ବଞ୍ଚିବା ପାଇଁ ଖାଦ୍ୟ କିମ୍ବା ପାଣି ନଥିବ। ଏ ସମ୍ପର୍କରେ ଯେ ଆମ ଦେଶର ବିଜ୍ଞ ନୀତି ନିର୍ଦ୍ଧାରକମାନେ ଅବଗତ ନ ଥିବେ ତାହା ନୁହେଁ। ଅଥଚ ନିକଟରେ ଅନୁଷ୍ଠିତ ଏଆଇ ଶିଖର ସମ୍ମିଳନୀରେ ଭାରତ ଏଆଇ ଡାଟା ସେଣ୍ଟର ହବ୍ ହେବା ପାଇଁ ଘୋଷଣା କରିଛି। ଅର୍ଥାତ୍ ଭାରତ କେବଳ ଏକ ଉପଭୋକ୍ତା ଦେଶ ହୋଇ ଯାବତୀୟ ଆନୁଷଙ୍ଗିକ ବିପଦ ବରଣ କରିବ ଏବଂ ଭାରତର ଏହି କେନ୍ଦ୍ରମାନଙ୍କୁ ଉପଯୋଗ କରି ବିକଶିତ ଦେଶମାନେ ସାରା ପୃଥିବୀରେ ରାଜତ୍ୱ କରିବେ।

ଯେଉଁ ସଫ୍ଟସ୍କିଲ୍(ମେଧାଶକ୍ତି)କୁ ନେଇ ଭାରତ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ବିଶ୍ୱବିଦିତ ହୋଇଥିଲା ତାହା ହିଁ ଏବେ ଏଆଇର ପ୍ରବଳ ଆହ୍ୱାନର ସମ୍ମୁଖୀନ ହେବାରେ ଲାଗିଛି। ଗୋଟିଏ ପ୍ରୋଗ୍ରାମ୍‌ର କୋଡିଂ କରିବା ପାଇଁ ଆମ ଦେଶର ମେଧାବୀମାନେ ହାରାହାରି ଦୁଇମାସ ସମୟ ନେଉଥିବା ବେଳେ ତାହା ଏଆଇ ମାତ୍ର କିଛି ମିନିଟ୍ ମଧ୍ୟରେ ସମାପନ କରିଦେଉଛି। ତେଣୁ ଆଉ ମେଧାଶକ୍ତିର ଆବଶ୍ୟକ ହିଁ ନାହିଁ। ଏହି କାରଣରୁ ଲକ୍ଷ ଲକ୍ଷ ପ୍ରତିଭାଧାରୀ ଛଟେଇ ହେଉଛନ୍ତି। କମ୍ପାନୀମାନେ ନିଯୁକ୍ତିରେ ଅଭିଜ୍ଞତାକୁ ପରିହାର କରି ସୁଲଭତା ବା କମ୍ ଦରମାରେ କାମ କରିବାକୁ ଇଚ୍ଛୁକ ଥିବା ନବୀନ ପେସାଦାରମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି, ତାହା ମଧ୍ୟ ମାତ୍ର କିଛିବର୍ଷ ପାଇଁ। ସମସ୍ୟା କେବଳ ଏତିକିରେ ସରିଯାଇନାହିଁ। ଏଆଇର ପ୍ରଭାବରେ ଆଗାମୀ ଦିନରେ ବୃତ୍ତିଧାରୀ ଡାକ୍ତର, ଇଞ୍ଜିନିୟର, ଡ୍ରାଇଭର, ଝାଡୁଦାର ପର୍ଯ୍ୟନ୍ତ ବେକାର ହୋଇଯିବେ। କେବଳ ବଞ୍ଚିବା ପାଇଁ ଗଣ୍ଡେ ଖାଇବା ଯୋଗାଡ଼ କରିବା ମଧ୍ୟ ସେତେବେଳେ କଷ୍ଟକର ହୋଇଯିବ; କାରଣ ସେତେବେଳକୁ ଆଉ ଚାଷ ପାଇଁ ପାଣି ନ ଥିବ।

ଏବେ ସମୟ ଆସିଛି ମଣିଷ ଓ ଯନ୍ତ୍ର ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ। ନିଜକୁ ଡାଟା ସେଣ୍ଟର ହବ୍ ଘୋଷଣା କରି ଗର୍ବିତ ଅନୁଭବ କରୁଥିବା ଭାରତ ଏ ପର୍ଯ୍ୟନ୍ତ ଏଆଇର ପାର୍ଶ୍ୱପ୍ରତିକ୍ରିୟାରୁ ଭାରତବାସୀଙ୍କୁ ସୁରକ୍ଷା ଦେବା ପାଇଁ ଦୂରଦର୍ଶୀ ଯୋଜନା କିମ୍ବା ନୀତି ସ୍ପଷ୍ଟ କରିନାହିଁ। ଏହି ପୃଷ୍ଠଭୂମିର ଏଆଇର ରୂପ କିଭଳି ଭୟଙ୍କର ହେବାକୁ ଯାଉଛି ତାହା ଅନୁମେୟ। ●

# ମାଗଣା ଶିକ୍ଷା ବ୍ୟବସ୍ଥା

**ବୃହସ୍ପତି ସାମଲ**

କେଜିରୁ ପିଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦେୟମୁକ୍ତ ଶିକ୍ଷା ଅର୍ଥାତ୍ ମାଗଣା ପାଠପଢ଼ା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। କିନ୍ତୁ ବାସ୍ତବରେ ଏଭଳି ଘୋଷଣା କେତେଦୂର ସଫଳତାର ସହ କାର୍ଯ୍ୟକାରୀ ହେବ ସେସବୁ ଆଲୋଚନା କରିବା ପୂର୍ବରୁ କିଛି ସାଧାରଣ ମୌଳିକ ପ୍ରଶ୍ନ ଉଙ୍କିମାରିବା ସ୍ୱାଭାବିକ। ଓଡ଼ିଶାରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାଡ଼ିଦେଲେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଯେତେବେଳେ ଏଲକେଜି, ୟୁକେଜି ଭଳି ପାରମ୍ପରିକ କେଜି ବ୍ୟବସ୍ଥା ନାହିଁ, ସେତେବେଳେ 'କେଜିରୁ ପିଜି' ଶବ୍ଦ ପ୍ରୟୋଗର ଅର୍ଥ କ'ଣ? ଆର୍ଥିକ ଭାବେ ଦୁର୍ବଳ ପରିବାରର ଛାତ୍ରଛାତ୍ରୀମାନେ ପ୍ରକୃତରେ କେତେ ଉପକୃତ ହେବେ? ଅଧିକନ୍ତୁ, ସାମ୍ପ୍ରତିକ ପରିସ୍ଥିତିରେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ନିମ୍ନମାନର ଶିକ୍ଷାଦାନ ବ୍ୟବସ୍ଥା ଓ ପରିଚାଳନାରେ କ୍ଷୁବ୍ଧ ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଘରୋଇ ଶିକ୍ଷାନୁଷ୍ଠାନରେ ଦାଖଲ କରିବାକୁ ଉଚିତ୍ ମନେକରୁଛନ୍ତି। ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡ଼ିଥିବା ସହ ପାଠାଗାର, ପରୀକ୍ଷାଗାର, ଖେଳ ପଡ଼ିଆ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମିର ଅଭାବ ରହିଛି। ତେଣୁ କେବଳ ମାଗଣା ଶିକ୍ଷା ଘୋଷଣା କରିଦେଲେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ ହୋଇଯିବ କି?

ଏଭଳି ଅନେକ ପ୍ରଶ୍ନର ଉତ୍ତର ଖୋଜିବା ପୂର୍ବରୁ ନିକଟ ଅତୀତରେ ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥାର ଗଭୀର କ୍ଷତକୁ ସ୍ପଷ୍ଟ କରିଥିବା କନ୍ଧମାଳର ତୁମୁଡ଼ିବନ୍ଧ ବ୍ଲକ ଅଧୀନସ୍ଥ ସିମିଳିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେହି ଭୟଙ୍କର ଅବ୍ୟବସ୍ଥା କଥା ମନେ ପକେଇବା ଜରୁରୀ, ଯାହା ଶିଶୁ କଲ୍ୟାଣ ଯୋଜନାରେ ଦାୟିତ୍ୱବୋଧର ପତନ ଏବଂ ଶିକ୍ଷକମାନଙ୍କୁ ତାଙ୍କର ମୂଳ ଶିକ୍ଷାଦାନ କାର୍ଯ୍ୟରୁ ବିଚ୍ୟୁତ କରାଯାଉଥିବା ଏକ ପ୍ରତିଷ୍ଠାନଗତ ଅନ୍ୟାୟ ଭଳି ଦୁଇଟି ଗୁରୁତର ସତ୍ୟକୁ ନିର୍ମମ ଭାବରେ ସାମ୍ନାକୁ ଆଣିଛି। ମଧ୍ୟାହ୍ନ ଭୋଜନ ଯୋଜନାରେ ପିଲାମାନଙ୍କୁ କେବଳ ଲୁଣ ସହିତ ଭାତ ଦିଆଯାଇଥିବା ଖବର କୌଣସି ସଭ୍ୟ ସମାଜ ପାଇଁ ଲଜ୍ଜାଜନକ। ସୂଚନା ଅନୁସାରେ, ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କର ଘୋର ଅଭାବ, ଖାଲିପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକର ପୂରଣ କରିବାରେ ସରକାରଙ୍କ କାଳକ୍ଷେପଣ ନୀତି, ଆସୁଥିବା ଶିକ୍ଷକମାନଙ୍କୁ ବିଭିନ୍ନ ଅଣଶିକ୍ଷାଦାନ କାର୍ଯ୍ୟରେ ନିୟୋଜନ ଯୋଗୁଁ ବିଦ୍ୟାଳୟରେ ଶିକ୍ଷକଙ୍କ କୃତ୍ରିମ ଅନୁପସ୍ଥିତି, ପ୍ରଶାସନିକ ଅବହେଳା, ଗୋଟିଏ ପଟେ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ବିଶେଷ କର୍ମଚାରୀ ନିଯୁକ୍ତ ନଥିବା ଏବଂ ଅନ୍ୟ ପଟେ ସୀମିତ ଶିକ୍ଷକଙ୍କ ଉପରେ ନିର୍ଭରଶୀଳତା ଯୋଗୁଁ ମଧ୍ୟାହ୍ନ ଭୋଜନ ପରିଚାଳନାରେ ଅନିୟମିତତା, ନିରୀକ୍ଷଣ ବ୍ୟବସ୍ଥାର ଦୁର୍ବଳତା ପରି ଗୁରୁତର ସମସ୍ୟା ସାମ୍ନାକୁ ଆସିଥିଲା। ଏହା କେବଳ ଗୋଟିଏ ବିଦ୍ୟାଳୟର ସମସ୍ୟା ନୁହେଁ, ବରଂ ଦୁର୍ଗମ ଓ ଆଦିବାସୀ ଅଞ୍ଚଳର ଶିକ୍ଷା ପରିଚାଳନାରେ ଥିବା ଗଠନାତ୍ମକ ତ୍ରୁଟିର ଏକ ଉଦାହରଣ ଭାବେ ଦେଖାଯାଉଛି। ସଂକ୍ଷେପରେ, ସିମିଳିପଦର ଘଟଣା ଏକ ସତର୍କ ଘଣ୍ଟି ଭାବରେ ସ୍ପଷ୍ଟ କରିଛି ଯେ କେବଳ ନୂଆ ଯୋଜନା ଘୋଷଣା କଲେ ଶିକ୍ଷାର ମାନ ବଢ଼ିବ ନାହିଁ; ବରଂ ବିଶେଷ ଯୋଜନା ପାଇଁ ବିଶେଷ କର୍ମଚାରୀ ନିଯୁକ୍ତି, ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ସହ ଶିକ୍ଷକଙ୍କ ଉତ୍ତରଦାୟିତ୍ୱ, ସ୍ଥାନୀୟ ସମୁଦାୟର ଭାଗୀଦାରୀ, ନିୟମିତ ନିରୀକ୍ଷଣ ଏବଂ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସରକାରୀ ବିଦ୍ୟାଳୟ ଉପରେ ଲୋକଙ୍କ ବିଶ୍ୱାସ ପୁନଃସ୍ଥାପିତ ହୋଇପାରିବ।

ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସବୁଠୁ ବଡ଼ ସଙ୍କଟ ଶିକ୍ଷକ ଅଭାବ। ଯେଉଁକେତେକ ଶିକ୍ଷକ ଉପସ୍ଥିତ ରହୁଛନ୍ତି ସେମାନଙ୍କୁ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜନ କରାଯାଉଛି। ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକମାନେ ପାଠ ପଢ଼ାଇବା ବ୍ୟତୀତ ନିର୍ବାଚନ, ଜନଗଣନା, ବିଭିନ୍ନ ସର୍ଭେ, ମଧ୍ୟାହ୍ନ ଭୋଜନ ପରିଚାଳନା, ଛାତ୍ରବୃତ୍ତି ବଣ୍ଟନ, ଅନଲାଇନ୍ ତଥ୍ୟ ଅପଲୋଡ୍, ସ୍ୱାସ୍ଥ୍ୟ ଓ ଟିକାକରଣ କାର୍ଯ୍ୟକ୍ରମ, ପରୀକ୍ଷା ପରିଚାଳନା ଏବଂ ବିଭିନ୍ନ ସରକାରୀ ସଚେତନତା ଅଭିଯାନରେ ନିୟୋଜିତ ଥିବା ବେଳେ ଅନେକ ବିଦ୍ୟାଳୟରେ ଜଣେ ଜଣେ ସହକାରୀ ଶିକ୍ଷକଙ୍କ ଉପରେ ସମଗ୍ର ବିଦ୍ୟାଳୟର ଶିକ୍ଷା ଓ ପ୍ରଶାସନିକ ଦାୟିତ୍ୱ ଲଦିଦେବା ଏକ ନିର୍ମମ ପ୍ରତିଷ୍ଠାନଗତ ବିଫଳତା। ଶିକ୍ଷକମାନେ କିରାଣୀ, ଗଣନାକାରୀ କିମ୍ବା ଯୋଜନା ପରିଚାଳକ ନୁହନ୍ତି; ସେମାନେ ଦେଶର ଭବିଷ୍ୟତ ଗଢ଼ନ୍ତି।

ଓଡ଼ିଶା ବିଧାନସଭାରେ ସରକାର ନିଜେ ସ୍ୱୀକାର କରିଛନ୍ତି ଯେ ରାଜ୍ୟର ୪୧, ୪୦୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୭, ୦୦୦ରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ରାଜ୍ୟରେ ୧, ୩୫, ୬୫୬ ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦବୀ ଥିବା ସତ୍ତ୍ୱେ ଏତେସଂଖ୍ୟକ ପଦବୀ ଖାଲି ପଡ଼ିବା ଶିକ୍ଷା ବ୍ୟବସ୍ଥାର ପ୍ରଶାସନିକ ବିଫଳତାକୁ ପ୍ରମାଣ କରେ।

ଭାରତୀୟ ସଂବିଧାନର ଅନୁଚ୍ଛେଦ ୨୧ (କ) ଅନୁସାରେ ୬ରୁ ୧୪ ବର୍ଷ ବୟସର ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଦେବା ରାଷ୍ଟ୍ରର ସାମ୍ବିଧାନିକ ଦାୟିତ୍ୱ। ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ପ୍ରତ୍ୟେକ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା, ପର୍ଯ୍ୟାପ୍ତ ଶିକ୍ଷକ, ଭଲ ପରିବେଶ ଓ ମୌଳିକ ସୁବିଧା ଦେବା ଆବଶ୍ୟକ। କିନ୍ତୁ ଅନେକ ସ୍କୁଲରେ ଆଜି ବି ଶୌଚାଳୟ ଓ ପାନୀୟ ଜଳର ଅଭାବ, ଶ୍ରେଣୀକକ୍ଷ ଭଙ୍ଗାରୁଜା ଓ ଶିକ୍ଷକ ସଂଖ୍ୟା ଅତ୍ୟନ୍ତ କମ। ଅନେକ ପିଲା ପଞ୍ଚମ ଶ୍ରେଣୀକୁ ପହଞ୍ଚି ମଧ୍ୟ ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିପାରୁନାହାନ୍ତି। ଏହା ଶିକ୍ଷାର ପରିମାଣ ଓ ଗୁଣବତ୍ତା ମଧ୍ୟରେ ଥିବା ଗଭୀର ଅନ୍ତରକୁ ଦର୍ଶାଏ। ନୂତନ ଶିକ୍ଷା ନୀତି ୨୦୨୦ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଜୋର ଦେଇଥିଲେ ମଧ୍ୟ ବାସ୍ତବରେ ଗ୍ରାମାଞ୍ଚଳରେ ମୌଳିକ ଶିକ୍ଷା ଅବସ୍ଥା ଅତ୍ୟନ୍ତ ଦୁର୍ବଳ। ଶିକ୍ଷାର ଅଧିକାର କାଗଜରେ ରହିଛି, କିନ୍ତୁ ଗୁଣାତ୍ମକ ଶିକ୍ଷା ଆଜିବି ଗରିବ ପିଲାଙ୍କ ପାଇଁ ଏକ ସ୍ୱପ୍ନ।

ପିଏମ୍ ପୋଷଣ ଯୋଜନା ଅଧୀନରେ ପ୍ରାଥମିକ ସ୍ତରରେ ପ୍ରତି ଛାତ୍ର ପିଛା ଦୈନିକ ୧୧.୧୫ ଟଙ୍କା ଓ ଉଚ୍ଚ ପ୍ରାଥମିକ ସ୍ତରରେ ୧୪.୭୪ ଟଙ୍କା ଖର୍ଚ୍ଚ ନିର୍ଦ୍ଧାରଣ କରାଯାଇଛି। ସପ୍ତାହକୁ ତିନୋଟି ଅଣ୍ଡା ଓ ଲଡୁ ଦେବାକୁ ମଧ୍ୟ ସରକାର ଘୋଷଣା କରିଛନ୍ତି। କିନ୍ତୁ ଯେତେବେଳେ ତୃଣମୂଳ ସ୍ତରରେ ଲୁଣ ଭାତ ପରିବେଷଣ ହେଉଛି, ସେତେବେଳେ ଏହି ବଜେଟ ଓ ଘୋଷଣାଗୁଡ଼ିକ କେଉଁଠିନା କେଉଁଠି ତା'ର ସତ୍ତା ହାରାଇଦେଉଛି। ଓଡ଼ିଶାରେ ବିଦ୍ୟାଳୟ ସଂଖ୍ୟା ଓ ଛାତ୍ର ନାମଲେଖାରେ ହ୍ରାସ ଘଟିଥିବା ତଥ୍ୟ ଗ୍ରାମାଞ୍ଚଳରେ ସରକାରୀ ଶିକ୍ଷା ପ୍ରତି ଆସ୍ଥା କମିବାର ଏକ ଗୁରୁତର ସଙ୍କେତ। ସତ୍ୟ ହେଉଛି ଆଜି ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥାରେ 'ପ୍ରଚାର' ଶିକ୍ଷାଠାରୁ ବଡ଼ ହୋଇଯାଇଛି। ସ୍କୁଲର ରଙ୍ଗ ବଦଳାଯାଉଛି, ଗେଟ୍ ନିର୍ମାଣ ହେଉଛି, ସେଲଫି ପଏଣ୍ଟ ତିଆରି ହେଉଛି; କିନ୍ତୁ ଭିତରେ ଶିକ୍ଷକ ନାହାନ୍ତି। ସ୍ମାର୍ଟ କ୍ଲାସରୁମ ଘୋଷଣା ହେଉଛି; କିନ୍ତୁ ଅନେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ସ୍ଥିର ନୁହେଁ। ଡିଜିଟାଲ ଶିକ୍ଷାର ପ୍ରଚାର ହେଉଛି; କିନ୍ତୁ ଅନେକ ଛାତ୍ରଙ୍କ ପାଖରେ ସ୍ମାର୍ଟଫୋନ ନାହିଁ। ଏହା ହେଉଛି ନୀତିଗତ ବିରୋଧାଭାସ। ସହରର ଶିଶୁ ଡିଜିଟାଲ ଲ୍ୟାବରେ ପଢୁଥିବା ବେଳେ ଗ୍ରାମାଞ୍ଚଳର ଶିଶୁ ଆଜି ବି ଶିକ୍ଷକ ଅପେକ୍ଷାରେ ବସିରହିଛି। ଓଡ଼ିଶାର ଆଦିବାସୀ ଓ ଦୁର୍ଗମ ଅଞ୍ଚଳରେ ପରିସ୍ଥିତି ଆହୁରି ଦୟନୀୟ। କନ୍ଧମାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ପରି ଜିଲ୍ଲାରେ ଅନେକ ସ୍କୁଲ ଏବେବି ଏକକ ଶିକ୍ଷକରେ ଚାଲୁଛି। ଏହା କେବଳ ପ୍ରଶାସନିକ ତ୍ରୁଟି ନୁହେଁ; ଏହା ସାମାଜିକ ଅସମାନତାର ଏକ ନୂତନ ରୂପ।

ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ଏକ ଗଠନାତ୍ମକ ସଂସ୍କାର ଆବଶ୍ୟକ। ପ୍ରଥମତଃ, ଶିକ୍ଷକମାନଙ୍କୁ ସମସ୍ତ ଅଣଶିକ୍ଷାଦାନ କାର୍ଯ୍ୟରୁ ସଂପୂର୍ଣ୍ଣ ମୁକ୍ତ କରି ଜନଗଣନା, ନିର୍ବାଚନ, ସର୍ଭେ, ଡାଟା ଏଣ୍ଟ୍ରି, ଯୋଜନା ନିରୀକ୍ଷଣ ଇତ୍ୟାଦି ପାଇଁ ଅଲଗା ପ୍ରଶାସନିକ କ୍ୟାଡର ଗଠନ ହେବା ଆବଶ୍ୟକ। ଦ୍ୱିତୀୟତଃ, ମଧ୍ୟାହ୍ନ ଭୋଜନ ଯୋଜନାର ନିରୀକ୍ଷଣ ପାଇଁ ସ୍ୱାଧୀନ ଓ ପେଶାଦାର ମନିଟରିଂ ବ୍ୟବସ୍ଥା ଗଠନ ସହ ପ୍ରତ୍ୟେକ ବ୍ଲକରେ ନିୟମିତ ଅକସ୍ମାତ ଯାଞ୍ଚ, ଖାଦ୍ୟର ଗୁଣବତ୍ତା ପରୀକ୍ଷା ଓ ସାମୁଦାୟିକ ନିରୀକ୍ଷଣ ଅନିବାର୍ଯ୍ୟ ହେବା ବାଞ୍ଛନୀୟ। ତୃତୀୟତଃ, କେବଳ ନିଯୁକ୍ତି ଘୋଷଣା ନକରି ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ସହ ଦୁର୍ଗମ ଅଞ୍ଚଳରେ ସ୍ଥାୟୀ ପୋଷ୍ଟିଂ ଓ ନିରୀକ୍ଷଣ ବ୍ୟବସ୍ଥା କଡ଼ାକଡ଼ି କରିବା ଆବଶ୍ୟକ। ଚତୁର୍ଥତଃ, ସରକାରୀ ସ୍କୁଲର ମୂଲ୍ୟାୟନ କେବଳ ଭବନର ରଙ୍ଗ କିମ୍ବା ଡିଜିଟାଲ ପୋର୍ଟାଲ ଆଧାରରେ ନୁହେଁ, ବରଂ ପିଲାମାନଙ୍କର ପ୍ରକୃତ ଶିକ୍ଷାଗତ କ୍ଷମତା, ପଢ଼ିବା ଦକ୍ଷତା, ଗଣିତ ଜ୍ଞାନ ଓ ଚିନ୍ତନଶକ୍ତି ଆଧାରରେ କରାଯିବା ଉଚିତ। ଲୋକେ ଦେଖୁଛନ୍ତି, ପିଲାମାନେ ଭୋଗୁଛନ୍ତି ଏବଂ ଭବିଷ୍ୟତ ଧୀରେ ଧୀରେ ଅନ୍ଧକାରକୁ ଠେଲି ହେଇଯାଉଛି।

ଏବେ ନିର୍ଣ୍ଣାୟକ ସମୟ ଉପନୀତ। ଶିକ୍ଷାକୁ ରାଜନୈତିକ ପ୍ରଚାରର ମାଧ୍ୟମ ନୁହେଁ, ରାଷ୍ଟ୍ର ଗଠନର ଆଧାର ଭାବେ ଦେଖାଯିବା ଦରକାର। ନଚେତ ଇତିହାସ କ୍ଷମା କରିବ ନାହିଁ। ଶିକ୍ଷା କେବଳ ମାଗଣା ହେଲେ ହେବ ନାହିଁ, ତାହା ଗୁଣାତ୍ମକ, ସୁଲଭ ଏବଂ ସର୍ବସମାବେଶୀ ହେବା ଜରୁରୀ। ଆଶା କରାଯାଏ, ପୂର୍ବ ସରକାର ଉପରେ ପ୍ରତ୍ୟେକ କଥାରେ ଦୋଷ ନ ଲଦି, ସରକାର ଶିକ୍ଷାର ଭିତ୍ତିଭୂମି ଓ ମାନବ ସମ୍ବଳ ସୁଦୃଢ଼ କରିବା ଦିଗରେ ସମାନ ଗୁରୁତ୍ୱ ଦେବେ। ●

ପଦ୍ମପୁର(କେନ୍ଦୁଝର), ମୋ: ୯୪୩୭୦୨୨୬୬୯

# ଯାନ୍ତ୍ରିକରଣରେ ହିଁ କୃଷିର ସମୃଦ୍ଧି

**ଡ. ପ୍ରେରଣା ପ୍ରିୟଦର୍ଶିନୀ**

ନିକଟ ଅତୀତରେ ଆମ ଦେଶ ପୃଥିବୀର ସର୍ବାଧିକ ଚାଉଳ ଉତ୍ପାଦନକାରୀ ରାଷ୍ଟ୍ରର ମାନ୍ୟତା ପାଇଛି, ବହୁ ରାଷ୍ଟ୍ରକୁ ଚାଉଳ ରପ୍ତାନି କରିଛି। କେବଳ ଚାଉଳ ନୁହେଁ ଗହମ, ପନିପରିବା, ଫଳ, ଦୁଗ୍ଧ, ମାଛ, ଅଣ୍ଡା ଉତ୍ପାଦନରେ ଉତ୍କର୍ଷ ପ୍ରତିପାଦନ କରିଛି। ଖାଦ୍ୟ ଶସ୍ୟ ଉତ୍ପାଦନରେ ଏକଦା ନିର୍ଭରଶୀଳ ଭାରତକୁ ସ୍ୱାବଲମ୍ବୀ କରାଇବାରେ କୃଷି ଯାନ୍ତ୍ରିକରଣର କିଛି କମ୍ ଭୂମିକା ନାହିଁ। ନୂତନ ପ୍ରକାରର ଯନ୍ତ୍ରର ବ୍ୟବହାର ବିନା ଚିରନ୍ତନ କୃଷି, ଖାଦ୍ୟ ନିରାପତ୍ତା ଏକ ଦିବାସ୍ୱପ୍ନ କୁହାଯାଇପାରେ। ଅପରପକ୍ଷରେ ଭାରତୀୟ କୃଷିରେ ଯାନ୍ତ୍ରିକରଣର ପରିମାଣ ବିକଶିତ ରାଷ୍ଟ୍ରଙ୍କ ତୁଳନାରେ ବହୁତ କମ।

ସମ୍ପ୍ରତି ଭାରତୀୟ କୃଷି ଏକ ଦୋଛକିରେ ଛିଡ଼ା ହୋଇଛି। ଗୋଟିଏ ପାର୍ଶ୍ୱରେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଥିବା ବେଳେ କୃଷି କ୍ଷେତ୍ର ପ୍ରତି ବିମୁଖତା ଏହି କ୍ଷେତ୍ରରେ ବିନିଯୋଗ ଶ୍ରମ ଶକ୍ତିର ଆବଶ୍ୟକତା ପ୍ରତି ଏକ ସମସ୍ୟା ସୃଷ୍ଟି କରିଛି। ଭାରତୀୟ ଚାଷୀଙ୍କର ହାରାହାରି ଆୟୁଷ ପଚାଶ ବର୍ଷ। ଯୁବ ଚାଷୀ ଚାଷ କାମ ପ୍ରତି ବିମୁଖ। ସେମାନେ ଗାଁ ଛାଡ଼ି ସହରାଭିମୁଖୀ। ଅଣକୃଷି କାର୍ଯ୍ୟରେ ରୋଜଗାର ଅଧିକ, ଅପେକ୍ଷାକୃତ ନିଶ୍ଚିତ ଆୟ, ସାମାଜିକ ପ୍ରତିଷ୍ଠା ଏବଂ କମ କଷ୍ଟଦାୟୀ। ସେଥିପାଇଁ ଏବେ କୃଷି ସବୁଠାରୁ କଷ୍ଟଦାୟକ ଜୀବିକା ବୋଲି ଧାରଣା ସୃଷ୍ଟି ହୋଇଛି। ଏହି ପୃଷ୍ଠଭୂମିରେ ଯାନ୍ତ୍ରିକ କୃଷି ଆହୁରି ଅଧିକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଯାଇଛି।

ଫସଲ ଉତ୍ପାଦନର ବିଭିନ୍ନ ପର୍ଯ୍ୟାୟରେ ନିୟୋଜିତ ଶ୍ରମ ଶକ୍ତିର ଆବଶ୍ୟକତାକୁ ଏଡ଼ାଇବା ପାଇଁ ଯନ୍ତ୍ରର ବ୍ୟବହାର ଜରୁରୀ। ବହୁ କଷ୍ଟଦାୟୀ କାମରେ ମହିଳାମାନଙ୍କ ସମ୍ପୃକ୍ତି ପୁରୁଷମାନଙ୍କଠାରୁ ବହୁ ଆଗରେ। ଏକ ଗବେଷଣାରୁ ଜଣାଯାଏ ଯେ ଜଣେ ମହିଳା ଏକ ଏକର ଧାନ ରୋଇବା ପାଇଁ ଏକ ଲକ୍ଷରୁ ଅଧିକ ଥର ଅଣ୍ଟା ନୁଆଇଁ ଥାଏ। ସେହିପରି ଘାସ ବାଛିବା, ଧାନ କାଟିବା ଆଦି କଷ୍ଟଦାୟକ କାର୍ଯ୍ୟ ମହିଳାମାନେ ହିଁ କରିଥା'ନ୍ତି। ଅମଳ ପରବର୍ତ୍ତୀ ଯତ୍ନ ଓ ପରିଚାଳନାର ଦାୟିତ୍ୱ ତ ପ୍ରାୟ ମହିଳାମାନଙ୍କର। ସେବା ଓ ଶିଳ୍ପକୁ ପ୍ରାଧାନ୍ୟ ଦେଇ ଚାଲିଥିବା ଅର୍ଥନୀତି ଅନୁସାରେ ଏବେ ଚାଷ କାମରେ ମହିଳାଙ୍କ ସମ୍ପୃକ୍ତି ଦିନକୁ ଦିନ ବଢ଼ି ଚାଲିଛି। ବିଭିନ୍ନ ସାମାଜିକ ବର୍ଗୀକରଣ ଅନୁସାରେ ସ୍ୱଳ୍ପ ଆୟକାରୀ ଗୋଷ୍ଠୀ, ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗମାନଙ୍କ ଦାୟିତ୍ୱ ଆହୁରି ଅଧିକ। ତେଣୁ କୃଷିକ୍ଷେତ୍ରରେ ଯନ୍ତ୍ର ବ୍ୟବହାର ନ ହେବାର ଅଧିକ କଷ୍ଟ ଏହି ଶ୍ରେଣୀର ଲୋକମାନେ ହିଁ ପାଉଛନ୍ତି।

ଯନ୍ତ୍ରର ବ୍ୟବହାର ନ ହେଲେ କୃଷି କାର୍ଯ୍ୟ ଧିମେଇ ଯାଏ। ଚାରା ପକେଇବାଠାରୁ ଆରମ୍ଭ କରି ଅମଳ କରିବା କ୍ଷେତ୍ରରେ ସବୁଠି ଯନ୍ତ୍ର ବ୍ୟବହାର ନ ହେଲେ କେବଳ ଯେ କାମ ଅଧିକ ସମୟ ନିଏ ତାହା ନୁହେଁ, ଖର୍ଚ୍ଚ ଅଧିକ ହୁଏ ଏବଂ ଅମଳ ପରବର୍ତ୍ତୀ ନଷ୍ଟ ମଧ୍ୟ ଅଧିକ ହୁଏ। ଫସଲ କୃଷି ଏକ ଜଳବାୟୁ ସମ୍ବେଦନଶୀଳ ଜୀବିକା। ଆଜିକାଲିର ଜଳବାୟୁ ଅବସ୍ଥା ଯେମିତି ହେଲାଣି ସେଥିରେ ଯନ୍ତ୍ରର ବ୍ୟବହାରକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଏକକାଳୀନ ବର୍ଷା, ତା'ପରେ ସ୍ୱଳ୍ପ ବୃଷ୍ଟି, ଏମିତି ଅବସ୍ଥାରେ ଆବଶ୍ୟକୀୟ ମାନବ ସମ୍ବଳର ଅଭାବକୁ କେବଳ ଧାନ ରୁଆ ଯନ୍ତ୍ର, ଅମଳ କରିବା ଯନ୍ତ୍ର, ଉଡ଼େଇବା ଯନ୍ତ୍ର, ପ୍ୟାକିଂ କରାଇବା ଯନ୍ତ୍ର ଆଦି ପୂରଣ କରିପାରିବ। ଯନ୍ତ୍ରର ସମୟ ଅନୁସାରେ ବ୍ୟବହାର କୃଷିକ୍ଷେତ୍ରରେ ଅମଳ ବଢ଼ାଇବାକୁ ଉପଯୋଗୀ ସାବ୍ୟସ୍ତ ହୋଇପାରିବ।

ଯାନ୍ତ୍ରିକ କୃଷିର ମୁଖ୍ୟ ସମସ୍ୟାଟି ହେଉଛି ଭାରତୀୟ କୃଷକମାନଙ୍କ ମଧ୍ୟରୁ ଛୟାଅଶୀ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଶ୍ରେଣୀର। ଓଡ଼ିଶାରେ ସେମାନଙ୍କ ସଂଖ୍ୟା ତେୟାନବେ ପ୍ରତିଶତ। ଛୋଟ ଛୋଟ, ଉଚ୍ଚାନୀଚା ଭୂମିରୂପ ଥିବା ଜମିରେ ବଡ଼ ବଡ଼ ଯନ୍ତ୍ରରେ କୃଷି କାର୍ଯ୍ୟ କରାଇବା ଖର୍ଚ୍ଚବହୁଳ ଓ ପ୍ରଯୁଜ୍ୟ ନୁହେଁ। ଏହା ହିଁ ଆମ ଓଡ଼ିଶା ପରି ରାଜ୍ୟରେ କୃଷି ଯାନ୍ତ୍ରିକରଣରେ ମୁଖ୍ୟ ସମସ୍ୟା। କୃଷିକ୍ଷେତ୍ରରେ ନିୟୋଜିତ ବିଭିନ୍ନ ଯାନ୍ତ୍ରିକ ଉପକରଣର ବିକ୍ରୟମୂଲ୍ୟ ଓ ଭଡ଼ା ମଧ୍ୟ କମ ନୁହେଁ। ଏହି ପରିପ୍ରେକ୍ଷୀରେ ଆମ ସରକାର ଗାଁ ମାନଙ୍କରେ କଷ୍ଟମ ହାୟାରିଂ ସେଣ୍ଟର କରାଇ ବା କୃଷକ ଉତ୍ପାଦକ ସଂଘ ମାଧ୍ୟମରେ ଯନ୍ତ୍ର ରଖି ତା'ର ବ୍ୟବହାରିତାକୁ ଆଦୃତ କରାଇବାକୁ ଚେଷ୍ଟା କରୁଛନ୍ତି। କୃଷି ଯାନ୍ତ୍ରିକରଣରେ କୃଷକମାନଙ୍କୁ ରିହାତି ପ୍ରଦାନ କରିବାରେ ଓଡ଼ିଶା ଆଗୁଆ। କୃଷକମାନଙ୍କୁ କଷ୍ଟମ ହାୟାରିଂ ସେଣ୍ଟର ପ୍ରତିଷ୍ଠା କରାଇବାରେ ସହଯୋଗ କରିବା, ରିହାତି ଯୋଗାଇବା, ଆବଶ୍ୟକ ପ୍ରଶିକ୍ଷଣ ଦେବା ପାଇଁ ସରକାରଙ୍କର କୃଷି ଯାନ୍ତ୍ରିକରଣ ବିଭାଗ କାମ କରୁଛି। 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ମଧ୍ୟ ଏହା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ଯାହାର ଫଳସ୍ୱରୂପ ଏବେ ପ୍ରତ୍ୟେକ ଗ୍ରାମରେ ଟ୍ରାକ୍ଟର, ପାୱାର ଟିଲର, ଅମଳ ଯନ୍ତ୍ର ପରି ବଡ଼ ଯନ୍ତ୍ର ସହ ବହୁ ଛୋଟ ଛୋଟ ଯନ୍ତ୍ର ରହୁଛି। ଏବେ ମଞ୍ଜି ବୁଣା ଯନ୍ତ୍ର, ଘାସ ବଛା ଯନ୍ତ୍ର, ପାଛୁଡ଼ିବା ଯନ୍ତ୍ର, ବର୍ଗୀକରଣ ଯନ୍ତ୍ର ମିଳିଲାଣି। ଏହାବ୍ୟତୀତ ସରକାର ସୌର ଶକ୍ତି ବିନିଯୋଗୀ ଯନ୍ତ୍ରକୁ ପ୍ରୋତ୍ସାହିତ କଲେଣି।

ସରକାର ଜଳ ଦ୍ରବୀଭୂତ ଚାରା ଓ ଔଷଧ ସିଞ୍ଚନ ପାଇଁ ଡ୍ରୋନ୍ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ 'ଡ୍ରୋନ ଦିଦି' ଯୋଜନା ଆରମ୍ଭ କରିଛନ୍ତି। ଏହା ସମୟ ଓ ସମ୍ବଳର ଉଚିତ ବିନିଯୋଗ। ଡିଜିଟାଲ କୃଷି, ସେନ୍ସର ଲଗାଇ ଜଳସେଚନ, ରୋବଟ ମାଧ୍ୟମରେ କଷ୍ଟ କାମ ସାଧନ, କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗରେ ଅନୁପ୍ରାଣିତ କୃଷି ଭବିଷ୍ୟତର କୃଷିକୁ ଆହୁରି ଯନ୍ତ୍ରାଭିମୁଖୀ, ସହଜ ଓ ସରଳ କରିବ। ଏହା ବିକଶିତ ଭାରତ ୨୦୪୭ ଯୋଜନା ପାଇଁ ବେଶ ଫଳପ୍ରଦ ହେବ। ●

(ସହକାରୀ କୃଷି ଯନ୍ତ୍ରୀ, ଜଳଛାୟା ବିଭାଗ)
ଖୋର୍ଦ୍ଧା, ମୋ: ୬୩୭୦୨୪୫୬୨୬

# ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନଲୀଳା

**ଚନ୍ଦନ ସୁବୁଦ୍ଧି**

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

*(ପୂର୍ବପ୍ରକାଶିତ ଉତ୍ତାରୁ...)*

ମନ୍ଦିର ଲୁଣ୍ଠନ କରି ସେ ଓଡ଼ିଆମାନଙ୍କ ହୃଦୟର କୋମଳ ତନ୍ତ୍ରୀକୁ ଖିନ୍ଭିନ କରି ଛିଡ଼େଇବା ପାଇଁ ମୁହାଁଇ ଥିଲା ଚିଲିକାର ହାତୀପଡ଼ା ଆଡ଼େ। କେଉଁଠାରୁ ଖବର ପାଇ ସେ ସନ୍ଧାନ କରିଥିଲା ଦାରୁବ୍ରହ୍ମଙ୍କ ପାତାଳି ସ୍ଥାନ। ମାଟି ତଳୁ ଦିଅଁଙ୍କୁ ବାହାର କରି ହାତୀପିଠିରେ ଚମଡ଼ା ଦଉଡ଼ିରେ ବାନ୍ଧି ବୋହିନେଲା ଧାନ ଓଳିଆ ପରି। ପ୍ରତିବାଦ-ପ୍ରତିରୋଧ-ଶୂନ୍ୟ ଜନତା ଦେଖୁଥିଲେ ନିଜ କଳାଶ୍ରୀମୁଖଙ୍କୁ ଶେଷଥର ପାଇଁ। ଏହାପରେ ସେ ବୋହିନେଲା ଦିଅଁମାନଙ୍କୁ ଗଙ୍ଗାନଦୀକୂଳକୁ। ସେଠାରେ ଅଗ୍ନିରେ ଦାହ କଲା ଚତୁର୍ଦ୍ଧାମୂର୍ତ୍ତିଙ୍କୁ। ପୋଡ଼ି ନପାରି ଶେଷରେ ଫିଙ୍ଗିଦେଲା ଗଙ୍ଗାନଦୀ ଭିତରକୁ। କିଏ ବା ତାଙ୍କ ଅସ୍ତିତ୍ୱକୁ ଲିଭେଇ ପାରିଲାଣି? ଅଗ୍ନି ତାଙ୍କୁ ଦଗ୍ଧ କରିପାରେନା, ଜଳ ତାଙ୍କୁ ନିମଜ୍ଜିତ କରିପାରେନା, ସେ ନିଗୂହିତ ଓଡ଼ିଆର ଅପରାଜେୟ ଆତ୍ମା।...

...ନିଖିଳ ବିଶ୍ୱର ଅକ୍ଷୟ ଅବ୍ୟୟ ଆତ୍ମା ଜଗନ୍ନାଥ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ପଡ଼ି ରହିଲେ ଜାଳେଣି କାଠ ସଦୃଶ। ଏସବୁ ଦୃଶ୍ୟର ଏକମାତ୍ର ସାକ୍ଷୀ ଭାବେ ମହାପ୍ରଭୁଙ୍କ ପରମ ଭକ୍ତ ବିଶର ମହାନ୍ତି ଉଦ୍ଧାର କଲେ ବ୍ରହ୍ମଙ୍କୁ। ଅନୁରୋଧ କରି ମୃଦଙ୍ଗ ତିଆରି ପାଇଁ ଅପୋଡ଼ା ବିଗ୍ରହଙ୍କୁ ମାଗିଆଣିଲେ ଉପରୋକ୍ତ ବ୍ୟକ୍ତିଙ୍କଠାରୁ। କୋଟି ଓଡ଼ିଆଙ୍କ ପ୍ରାଣଶକ୍ତିର ପ୍ରେରଣା ଜଗନ୍ନାଥ ଆଶ୍ରୟ ନେଲେ ମୃଦଙ୍ଗ ଭିତରେ। କୋଟି ଓଡ଼ିଆଙ୍କ ହୃଦୟ ସ୍ପନ୍ଦନକୁ ମୃଦଙ୍ଗରେ ଧରି ଗୋଟିଏ ମାଛ ଧରା ଡଙ୍ଗା ସାହାଯ୍ୟରେ ବିଶର ମହାନ୍ତି ପହଁଚିଥିଲେ କୁଜଙ୍ଗ ଗଡ଼ରେ। ମହାବାହୁଙ୍କୁ କୁଜଙ୍ଗ ଜାବୁଡ଼ି ଧରିଲା ଦୀର୍ଘ ୮ ବର୍ଷ ପର୍ଯ୍ୟନ୍ତ। ଦାରୁର କମନୀୟ କଳେବର ତ୍ୟାଗ କରି ମହାବାହୁ ଆପଣେଇଥିଲେ ମୃଦଙ୍ଗ ଅବତାର। ସତରେ କିଏ ବା ତାଙ୍କ କଳେବରର ବାଖ୍ୟା କରିପାରିବ! ଯଜୁର୍ବେଦ କହେ 'ନ ତସ୍ୟ ପ୍ରତିମା ଅସ୍ତି'। ବୋଧେ ମୃଦଙ୍ଗର କଳେବର ସେହି ଉକ୍ତିକୁ ସାର୍ଥକ କରିଥିଲା।...

...ଭୟଙ୍କର ରାତିର ଅବସାନ ଘଟି ଉତ୍କଳ ଆକାଶରେ ସେଦିନ ନୂତନ ଭାନୁଦୋୟ ହୋଇଥିଲା ଯେଉଁଦିନ ଉତ୍କଳର ଗଜପତି ଭାବେ ଭୋଇ ବଂଶ କେଶରୀ ପ୍ରଥମ ରାମଚନ୍ଦ୍ର ଦେବ ଗଜପତି ଆସନ ଅଳଙ୍କୃତ କଲେ। ସ୍ୱପ୍ନାଦେଶ ପାଇ ବ୍ରହ୍ମଙ୍କ ସନ୍ଧାନ କଲେ। ବହୁ ଆଡ଼ମ୍ବର ସହ ଖୋର୍ଦ୍ଧାର ଗୋପାଳ ମନ୍ଦିରରେ ବ୍ରହ୍ମଙ୍କୁ ବିଜେ କରାଇଲେ। ସେଠାରେ ମହାପ୍ରଭୁଙ୍କ ନବକଳେବର କରି ମହାପ୍ରଭୁଙ୍କୁ ଶ୍ରୀବସ୍ତ୍ରଖଣ୍ଡଶାଳରେ ପୁନଃପ୍ରତିଷ୍ଠା କଲେ। ଆଜି ବି ଉତ୍କଳୀୟ ଇତିହାସ ରାମଚନ୍ଦ୍ର ଦେବଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି ସମ୍ବୋଧନ କରେ।



ପୁରୁଷୋତ୍ତମ ଦେବ (ଦ୍ୱିତୀୟ): ଦ୍ୱିତୀୟ ପୁରୁଷୋତ୍ତମ ଦେବଙ୍କ ଅଷ୍ଟମ ଅଙ୍କରେ ଖୁରୁମ (ମୋଗଲ ସୁବେଦାର) ଶ୍ରୀମନ୍ଦିର ଆକ୍ରମଣ ଯୋଜନା କଲା। ଖବର ପାଇ ଗଜପତି ପୁରୁଷୋତ୍ତମଦେବ ଦିଅଁମାନଙ୍କୁ ଚଉଦୋଳରେ ପୁରୀ ସନ୍ନିକଟ ବ୍ରହ୍ମଗିରି ଅଞ୍ଚଳର କପିଳେଶ୍ୱରପୁର ଶାସନ ଅନ୍ତର୍ଗତ ପଞ୍ଚମୁଖୀ ଗୋସାଣୀଙ୍କ ପୀଠରେ ଲୁଚେଇ ରଖିଲେ। କିଛିଦିନ ପରେ ଶ୍ରୀଜୀଉମାନେ ଫେରିଆସିଲେ। ଏହାଙ୍କ ୯ଅଙ୍କ (୧୬୦୭)ରେ ହାସୀମ ଖାଁ ଆକ୍ରମଣ କରିବାରୁ ଠାକୁରମାନଙ୍କୁ ପୁଣି ଖୋର୍ଦ୍ଧାର ଗୋପାଳ ମନ୍ଦିରକୁ ସ୍ଥାନାନ୍ତର କରାଯାଇଥିଲା। ପୁରୁଷୋତ୍ତମ ଦେବଙ୍କ ୧୨ଅଙ୍କ (୧୬୧୦) ରଥଯାତ୍ରା ସମୟରେ କେଶୋଦାସ ମାରୁ ଶ୍ରୀମନ୍ଦିର ଆକ୍ରମଣ କଲା। ସେସମୟରେ ପୁରୁଷୋତ୍ତମଦେବ ଶ୍ରୀକ୍ଷେତ୍ରରେ ନଥିଲେ। ଗଜପତିଙ୍କ ଅନୁପସ୍ଥିତି ତଥା ଶ୍ରୀମନ୍ଦିର ଖାଲି ଥିବା ଦେଖି ସେ ମନ୍ଦିର ଲୁଣ୍ଠନ କଲା। ପ୍ରାୟ ତିନି କୋଟି ଟଙ୍କାର ଅଳଙ୍କାର ଲୁଟିନେଲା। ଏହା ସହ ଆଉ ଏକ ବର୍ବର କାଣ୍ଡ ରଚିଲା। ହିନ୍ଦୁ ବିଦ୍ୱେଷ ନୀତି ରଖି ମହାପ୍ରଭୁଙ୍କ ତିନିରଥ ଜାଳିଦେଲା। ଦୀର୍ଘ ୮ମାସ ଦିଅଁ ଦରବନ୍ଧାରେ ରହିଲେ। ଏହାପରେ ଶ୍ରୀମନ୍ଦିର ଚଉଦୋଳରେ ଫେରିଲେ। ପୁରୁଷୋତ୍ତମଦେବଙ୍କ ୧୭ଅଙ୍କରେ କଲ୍ୟାଣ ମଲ୍ଲ ଆକ୍ରମଣ କଲା। ଦିଅଁ ଚାପରେ ଯାଇ ଚିଲିକା ଗର୍ଭରେ ଥିବା ମହିଷାନାସି ଦ୍ୱୀପରେ ରହିଲେ। କଲ୍ୟାଣ ମଲ୍ଲ ପୁଣିଥରେ ଆକ୍ରମଣ କଲା। ଦିଅଁ ମହିଷାନାଶିରୁ ସିପିନାସି ହୋଇ ଗୁରୁବାଇ ଦ୍ୱୀପରେ ରହିଲେ। କିଛିଦିନ ଚାପରେ ରହିଲେ।

ପୁରୁଷୋତ୍ତମଦେବଙ୍କ ୨୧ଅଙ୍କରେ (୧୬୧୭) ମକରମ ଖାଁ ଶ୍ରୀକ୍ଷେତ୍ର ଆକ୍ରମଣ କଲା। ସାକ୍ଷୀଗୋପାଳ ମନ୍ଦିର ଭାଙ୍ଗିଲା। ସେବକମାନେ ମହାପ୍ରଭୁଙ୍କୁ ଗୁରୁବାଇ ଦ୍ୱୀପରୁ ନେଇ ବାଣପୁର ସୀମାରେ ଥିବା ଗବପଦର ଠାଇ ନଈରେ ଚାପ ଭିତରେ ଲୁଚେଇ ରଖିଲେ। ଷାଠିଏ ପଉଟି ଛପନ ଭୋଗୀ କାଳିଆ ସାଆନ୍ତେ ଚାପରେ ଶୀତଳ ଭୋଗ ଖାଇ ରହିଲେ। ପୁରୁଷୋତ୍ତମଦେବଙ୍କ ୨୩ଅଙ୍କରେ ମକରମ ଖାଁ କ୍ଷେତ୍ର ଛାଡ଼ି ଯିବାରୁ ଦିଅଁମାନେ ଦେଉଳକୁ ଫେରିଲେ। ପୁରୁଷୋତ୍ତମଦେବଙ୍କ ଶେଷ ସମୟ ଆଡ଼କୁ ତାଙ୍କ ୨୫ଅଙ୍କରେ ଅହମ୍ମଦ ବେଗ ଶ୍ରୀକ୍ଷେତ୍ର ଆକ୍ରମଣ କଲା। ରାଜା ପ୍ରତିରୋଧ ନ କରିପାରି ଖୋର୍ଦ୍ଧା ଛାଡ଼ି ଗଡ଼ମାଣିତ୍ରୀରେ ଆତ୍ମଗୋପନ କଲେ। ପୁଣିଥରେ ଗଜପତି ତଥା ଉତ୍କଳର ମାନ ରକ୍ଷା ପାଇଁ ମହାପ୍ରଭୁ ପୁରୋସ୍ତମ ଛାଡ଼ି ବାଣପୁର ଓ ରଣପୁର ସୀମାନ୍ତ ଅନ୍ଧାରି ଗଡ଼କୁ ବିଜେ କରିଥିଲେ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୯୮୫୩୪୫୪୪୯୩



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ‘ଦି ଲାନ୍‌ସେଟ୍’ରେ ସ୍ଥାନ ପାଇଲା କିଟ୍ ଗବେଷକଙ୍କ ନିବନ୍ଧ

ଭୁବନେଶ୍ୱର,୩।୭ (ସମିସ): କିଟ୍ ଗବେଷକମାନଙ୍କ ଦ୍ୱାରା ଲିଖିତ ଏକ ନିବନ୍ଧ ‘ଦି ଲାନସେଟ୍’ରେ ପ୍ରକାଶିତ ହୋଇଛି। ଏଥିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ସ୍ତନ କର୍କଟ ସ୍କ୍ରିନିଂ ମୂଲ୍ୟାଙ୍କନ କରିବା ସମୟରେ ବୟସ-ସମ୍ବନ୍ଧୀୟ ଟ୍ୟୁମର ଜୀବବିଜ୍ଞାନକୁ ବିଚାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଜୈବିକ ପାଥର୍କ୍ୟଗୁଡିକୁ ସାମିଲ କରିବା ଦ୍ୱାରା ଏଆଇ-ଆଧାରିତ ମାମୋଗ୍ରାଫି କାର୍ଯ୍ୟକ୍ରମଗୁଡିକର ମୂଲ୍ୟାଙ୍କନ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ଏହା ଉପରେ ମତ ଦେଇ କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ନିର୍ଦ୍ଦେଶକ ଡ. ରମ୍ୟା ପିନ୍ନାମାନେନି, ଆସୋସିଏଟ୍ ପ୍ରଫେସର ଡ. ପ୍ରତାପ କୁମାର ଜେନା ଏବଂ ପିଏଚଡି ଗବେଷକ ସବ୍ୟସାଚୀ ଶୁକ୍ଳା କହିଛନ୍ତି,କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ମାମୋଗ୍ରାଫି ଉପକରଣଗୁଡିକୁ କେବଳ ସେମାନଙ୍କର ବୈଷୟିକ କାର୍ଯ୍ୟଦକ୍ଷତା ଉପରେ ଆଧାର କରି ମୂଲ୍ୟାଙ୍କନ କରିବା ଉଚିତ୍ ନୁହେଁ, ବରଂ ସ୍ତନ କର୍କଟ ସ୍କ୍ରିନିଂର ପ୍ରଭାବଶାଳୀତା ସମ୍ପର୍କରେ ଅଧିକ ନିର୍ଭରଯୋଗ୍ୟ ପ୍ରମାଣ ପାଇଁ ବିଭିନ୍ନ ବୟସ ଗୋଷ୍ଠୀ ମଧ୍ୟରେ ଟ୍ୟୁମର ବୃଦ୍ଧିରେ ଥିବା ଜୈବିକ ପାଥର୍କ୍ୟକୁ ବିଚାର କରିବା ଆବଶ୍ୟକ। ସ୍ୱିଡେନରେ ହୋଇଥିବା ଏମ୍‌ଏଏସଏଆଇ ପରୀକ୍ଷଣ ନିଷ୍କର୍ଷ ଆଧାରରେ ସ୍ତନ କର୍କଟ ଚିହ୍ନଟରେ ଏଆଇର ପ୍ରଭାବ ମୂଲ୍ୟାଙ୍କନ କରୁଥିବା ବିଶ୍ୱର ସବର୍ବୃହତ ଅଧ୍ୟୟନ ମଧ୍ୟରୁ ଏହା ଅନ୍ୟତମ। ପରୀକ୍ଷଣରେ ଦର୍ଶାଯାଇଥିଲା ଯେ ଏଆଇ-ସହାୟତାପ୍ରାପ୍ତ ସ୍କ୍ରିନିଂ ଅଧିକ କର୍କଟ ଚିହ୍ନଟ କରିଛି ଏବଂ ରେଡିଓଲୋଜିଷ୍ଟମାନଙ୍କ ଦ୍ୱାରା ବ୍ୟବହୃତ ପାରମ୍ପରିକ ‘ଡବଲ-ରିଡିଂ’ ପଦ୍ଧତି ଅପେକ୍ଷା ଭଲ ପ୍ରଦର୍ଶନ କରିଛି। ଡ. ପ୍ରତାପ ଜେନା ଉଲ୍ଲେଖ କରିଛନ୍ତି ଯେ ଏଆଇ ମୂଲ୍ୟାଙ୍କନ ଢାଞ୍ଚାରେ ଜୈବିକ କାରକଗୁଡିକୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା ପୂର୍ବାନୁମାନ ସଠିକତା ବୃଦ୍ଧି ପାଇପାରେ ଏବଂ ଏଆଇ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନରେ ତ୍ରୁଟି ହ୍ରାସ ପାଇପାରେ। ଏହାକୁ ଦୃଷ୍ଟିରେ ରଖି ଗବେଷକମାନେ ପରାମର୍ଶ ଦେଇଛନ୍ତି ଯେ ଏଆଇ-ସହାୟତାପ୍ରାପ୍ତ ମାମୋଗ୍ରାଫି ଉପରେ ଭବିଷ୍ୟତର ଅଧ୍ୟୟନରେ ଗାଣିତିକ ମଡେଲଗୁଡିକୁ ଅନ୍ତର୍ଭୁକ୍ତ କରିବା ଉଚିତ ଯାହା କର୍କଟ ପ୍ରଗତିରେ ବୟସ-ସମ୍ବନ୍ଧୀୟ ପରିବର୍ତ୍ତନ ଜଣାପଡିବ।

# ଡ. ଅଜିତ ଶାସନୀ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ନିଯୁକ୍ତ



ଭୁବନେଶ୍ୱର, ୩।୭ (ସମିସ): କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଡ. ଅଜିତ କୁମାର ଶାସନୀ ନିଯୁକ୍ତି ପାଇଛନ୍ତି। ସମ୍ପ୍ରତି ଡ. ଶାସନୀ ଲକ୍ଷ୍ନୌର ସିଏସ୍‌ଆଇଆର୍-ନ୍ୟାସନାଲ୍ ବୋଟାନିକାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏନ୍‌ବିଆର୍‌ଆଇ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ କାର୍ଯ୍ୟକାଳ ୫ ବର୍ଷ କିମ୍ବା ତାଙ୍କୁ ୭୦ ବର୍ଷ ବୟସ ହେଲା ପର୍ଯ୍ୟନ୍ତ ରହିବ। ଯେଉଁଟି ପ୍ରଥମେ ଆସିବ ତାହାକୁ ବିଚାରକୁ ନିଆଯିବ। ରାଷ୍ଟ୍ରପତି ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଏହି ନିଯୁକ୍ତି ପ୍ରଦାନ କରିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ଭାବେ ଡ. ଶାସନୀ ସିଏସ୍‌ଆଇଆର୍-ଏନ୍‌ବିଆର୍‌ଆଇରେ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହା ପୂର୍ବରୁ ସେ ଆଇସିଏଆର୍-ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ପ୍ଲାଣ୍ଟ ବାୟୋଟେକ୍ନୋଲୋଜି, ନୂଆଦିଲ୍ଲୀର ନିର୍ଦ୍ଦେଶକ ଏବଂ ସିଏସ୍‌ଆଇଆର୍-ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିସିନାଲ୍ ଆଣ୍ଡ ଆରୋମେଟିକ୍ ପ୍ଲାଣ୍ଟସ୍, ଲକ୍ଷ୍ନୌର ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଛନ୍ତି। ଏସବୁ କ୍ଷେତ୍ରରେ ସେ ଅନେକ ସଫଳତା ହାସଲ କରିଥିବାବେଳେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଏହା ପ୍ରତିଫଳିତ ହେବ ବୋଲି ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷାବିତ୍‌ମାନେ ଆଶାବ୍ୟକ୍ତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ...

ପ୍ରଶଂସା କରି କହିଥିଲେ ଯେ ଓଡ଼ିଶାରେ ଶକ୍ତି କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ସହଯୋଗ ଓ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଶକ୍ତି ନୀତି ବେଶ୍ ପ୍ରଶଂସନୀୟ। ଜାପାନ ପାଇଁ ସବୁଜ ଶକ୍ତି (ଗ୍ରୀନ୍ ଏନର୍ଜି) କ୍ଷେତ୍ରରେ ବୃହତ ପୁଞ୍ଜିନିବେଶ କରିବା ନିମନ୍ତେ ଓଡ଼ିଶା ଏକ ସର୍ବୋତ୍ତମ ଏବଂ ସୁଦୃଢ଼ ମାଧ୍ୟମ ସାଜିଛି ବୋଲି ସେ କହିଥିଲେ। ଏସିଏମଇ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡିରେକ୍ଟର ମନୋଜ କୁମାର ଉପାଧ୍ୟାୟ ଓଡ଼ିଶାର ଶିଳ୍ପାନୁକୂଳ ପରିବେଶକୁ ପୁଞ୍ଜିନିବେଶର ଶ୍ରେଷ୍ଠ ଗନ୍ତବ୍ୟସ୍ଥଳ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଜାପାନୀ ପ୍ରତିନିଧିମଣ୍ଡଳ ସମେତ ଟି.ଆର୍.ଏଲ୍. କ୍ରୋସାକି, ଟି.ୱାଇ.କେ. କର୍ପୋରେସନ୍, ଇଣ୍ଡୋ ନିସିନ୍, ଏ.ସି.ଏମ୍.ଇ. ଗ୍ରୁପ୍, ଆଇ.ଏଚ୍.ଆଇ. କର୍ପୋରେସନ୍ ଓ ମିତ୍‌ସୁବିଶିର ପ୍ରତିନିଧିବୃନ୍ଦ ଏବଂ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତୀୟ ଅର୍ଥ ନିଗମ ଓ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କର ପ୍ରତିନିଧିମାନେ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇଥିଲେ।

### ବିଦ୍ରୋହୀଙ୍କ କବଜାରେ...

ଚୁକ୍ତିନାମା କରାଯାଇଛି। ଆଜିଠାରୁ ସେମାନେ ଏହି ବିଲଡିଂରୁ କାର୍ଯ୍ୟ କରିବେ।

ନିର୍ବାଚନ କମିସନ ନିକଟରେ ଟିଏମ୍‌ସିର ନାମ ଏବଂ ଚିହ୍ନ ଉପରେ ନିଜର ଦାବି ଉପସ୍ଥାପନ କରିଥିବା ବିଦ୍ରୋହୀ ଗୋଷ୍ଠୀ ଆଜି ଏଭଳି ଅଫିସ କବଜା କରି ଦଳ ଉପରେ ନିଜର ସାଂଗଠନିକ ଅଧିକାର ସାବ୍ୟସ୍ତ କରିବାକୁ ଚେଷ୍ଟା କରିଛନ୍ତି। ଅଫିସ ସମ୍ମୁଖରେ ସେମାନେ ଏକ ବ୍ୟାନର ଲଗାଇଛନ୍ତି, ଯେଉଁଥିରେ ଅରୁପ ରାୟଙ୍କୁ ଟିଏମ୍‌ସି ଅଧ୍ୟକ୍ଷ ଦର୍ଶାଯାଇଛି।

ସୂଚନାଯୋଗ୍ୟ ଯେ ଟିଏମ୍‌ସିର ମୁଖ୍ୟାଳୟ ଇଏମ୍ ବାଇପାସରେ ରହିଛି। ତେବେ ସେଠାରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ୨୦୨୨ରୁ ଅଫିସକୁ ମେଟ୍ରୋପୋଲିଟାନ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଏକ ଭଡ଼ା ଘରେ ଅଫିସ କାମ ହେଉଛି ଏବଂ ଏହି ଅଫିସକୁ ବିଦ୍ରୋହୀ ଗୋଷ୍ଠୀ ଆଜି କବଜା କରିନେଇଛନ୍ତି।

### ୧୨ ଜିଲ୍ଲାରେ...

ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଲଘୁଚାପ ଆହୁରି ଘନୀଭୂତ ହେଉଥିବାରୁ ମୌସୁମୀ ସକ୍ରିୟ ରହିଛି। ଏହା ପ୍ରଭାବରେ ବର୍ଷାର ପ୍ରଭାବ ଅଧିକ ବଢ଼ିବା ନେଇ ମଧ୍ୟ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଶୁକ୍ରବାର ସକାଳୁ ସନ୍ଧ୍ୟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଛତ୍ରପୁରରେ ସର୍ବାଧିକ ୮୩ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଗୋପାଳପୁରରେ ୬୭, ନୟାଗଡ଼ରେ ୫୩, ଖୋର୍ଦ୍ଧା ୪୫, ଜଗତସିଂହପୁର ୪୫, ବରଗଡ଼ ୫୪, କଟକ ୪୪.୪, ଚାନ୍ଦବାଲି ୩୧, କଟକ ୪୪ ଓ ଭୁବନେଶ୍ୱର ୨୮ ମିମି ବର୍ଷା ରେକର୍ଡ ହୋଇଛି। ପାଗକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛି।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଘଣ୍ଟା ପ୍ରତି ୪୦-୫୦ କିମି ବେଗରେ ପବନ ସହିତ ଝଡ଼ବର୍ଷା ହୋଇପାରେ ଏବଂ ପବନର ବେଗ ବଢ଼ି ଘଣ୍ଟା ପ୍ରତି ୬୦ କିଲୋମିଟର ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ୪ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

### ସନ୍ଦେହ ଘେରରେ...

କେତେକ ସମ୍ପର୍କୀୟ ମଧ୍ୟ ସାମିଲ ଅଛନ୍ତି। ଚାକିରି କରାଇଦେବା ବଦଳରେ ସେ ମୋଟା ଅଙ୍କର କମିସନ ନେଉଥିବା ଜଣାପଡ଼ିଛି। ଟ୍ରଷ୍ଟି ହେବା ପରେ ତାଙ୍କ ସମ୍ପତ୍ତିରେ ମଧ୍ୟ ବେଆଇନ ବୃଦ୍ଧି ଘଟିଛି। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସିସିଟିଭି କ୍ୟାମେରାରୁ ବଞ୍ଚିବା ପାଇଁ ଏମାନେ ସଂଘବଦ୍ଧ ଭାବେ ଟଙ୍କା ଲୁଚାଉଥିଲେ। ଅନିଲ ମିଶ୍ରଙ୍କ ସହ ନିବିଡ଼ ସମ୍ପର୍କ ଥିବାରୁ କେହି ସେମାନଙ୍କୁ ସନ୍ଦେହ କିମ୍ବା ଯାଞ୍ଚ କରୁନଥିଲେ।

ଇତିମଧ୍ୟରେ ଟ୍ରଷ୍ଟର ଗତ ୫ ବର୍ଷର ଆକାଉଣ୍ଟର ପୁନଃ ଯାଞ୍ଚ କରିବ ଏସଆଇଟି। ପ୍ରାଥମିକ ତଦନ୍ତରୁ ବଡ଼ଧରଣର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପୁନଃଯାଞ୍ଚ ପ୍ରକ୍ରିୟାରେ ମନ୍ଦିର ନିର୍ମାଣ ସମ୍ପର୍କିତ ସମସ୍ତ ଖର୍ଚ୍ଚ ସହିତ ଦାନ ଆକାରରେ ମିଳିଥିବା ସୁନା, ରୁପା ଏବଂ ଅଳଙ୍କାରଗୁଡ଼ିକର ପୁଙ୍ଖାନୁପୁଙ୍ଖ ହିସାବ କରାଯିବ। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଆସନ୍ତା ଜୁଲାଇ ୬ ତାରିଖରେ ବସିବାକୁ ଥିବା ଟ୍ରଷ୍ଟ ବୈଠକରେ ଏହି ଇସ୍ତଫା ପତ୍ର ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ପୁଲିସ ଏପର୍ଯ୍ୟନ୍ତ ବିଭିନ୍ନ ଅଭିଯୁକ୍ତଙ୍କଠାରୁ ପ୍ରଚୁର ମାତ୍ରାରେ ଟଙ୍କା ଏବଂ ସାମଗ୍ରୀ ଓ ବିପୁଳ ପରିମାଣର ନଗଦ ଅର୍ଥ ସହ ବିଦେଶୀ ମୁଦ୍ରା ଜବତ କରିଛି। ଅବିନାଶ ଶୁକ୍ଲାଠାରୁ ୨୦.୩୯ ଲକ୍ଷ, କରୁଣେଶ ପାଣ୍ଡେଠାରୁ ୧୮.୦୭ ଲକ୍ଷ, ଅନୁକଳ୍ପ ମିଶ୍ରଠାରୁ ୧୬.୮୨ ଲକ୍ଷ ଏବଂ ଲବକୁଶ ମିଶ୍ରଠାରୁ ୧୪.୨୫ ଲକ୍ଷ ଟଙ୍କା ଜବତ ହୋଇଛି। ଏହା ସହିତ ୧୧ ଗ୍ରାମ ସୁନା, ୩୭୫ ଗ୍ରାମ ରୁପା ଏବଂ ୧, ୧୨୧ ଆମେରିକୀୟ ଡଲାର ମଧ୍ୟ ମିଳିଛି। ଏପରିକି ଅଭିଯୁକ୍ତ ରହୁଥିବା ସ୍ଥାନରୁ ଏକ ନକଲି ଦାନ ବାକ୍ସ ଏବଂ ଅନଲାଇନ୍ ପେମେଣ୍ଟ କରିବା ପାଇଁ ବାରକୋଡ୍ ମଧ୍ୟ ଜବତ କରାଯାଇଛି।

### ଦାନ ଚୋରି ‘ଅତ୍ୟନ୍ତ ଯନ୍ତ୍ରଣାଦାୟକ’: ଆରଏସ୍‌ଏସ୍

ରାମ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଚୋରି ଓ ଆତ୍ମସାତ ଘଟଣାକୁ ନେଇ ଆରଏସ୍‌ଏସ୍ ପ୍ରଥମ ଥର ପାଇଁ ନିଜର ପ୍ରତିକ୍ରିୟା ପ୍ରକାଶ କରିଛି। ଆରଏସଏସର ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସବାଲେ ଏହି ଘଟଣାକୁ ‘ଅତ୍ୟନ୍ତ ଦୁଃଖଦାୟକ ଓ କଷ୍ଟଦାୟକ’ ବୋଲି କହିବା ସହ ମନ୍ଦିର ପ୍ରଶାସନରେ ସ୍ୱଚ୍ଛତା ଏବଂ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ‘ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ’କୁ ଏହି ସମସ୍ୟାକୁ ଏକ ସ୍ୱତନ୍ତ୍ର ଏବଂ ଗମ୍ଭୀର ମାମଲା ଭାବେ ଗ୍ରହଣ କରିବାକୁ କୁହାଯାଇଛି। ମନ୍ଦିର ପରିଚାଳନା ଓ ଆର୍ଥିକ ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକୁ ସୁଧାରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବାକୁ ସଂଘ ଅପିଲ୍ କରିଛି, ଯାହାଦ୍ୱାରା କୋଟି କୋଟି ଭକ୍ତଙ୍କ ବିଶ୍ୱାସ ଅକ୍ଷୁର୍ଣ୍ଣ ରହିବ।

### ଅସ୍ମିତାକୁ ‘ପଖାଳ’...

ଯୋଶୀ, ଦେ, ହରିଦାଶ, ଶିରୱାଇକର, ଡ଼ଙ୍ଗରିକର ଆଦି ସାଙ୍ଗିଆ କୌଣସି ଓଡ଼ିଆଙ୍କର ହୋଇଥିବା ସମ୍ଭବତଃ କେହି ଜାଣି ନଥିବେ। ତେଣୁ ଏମାନେ ପଖାଳ ଦିବସରେ କ’ଣ କରୁଥିଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଅନ୍ୟ ରାଜ୍ୟରୁ ସେଫ୍, ଫୁଡ୍ ବ୍ଲଗରମାନଙ୍କୁ ଓଡ଼ିଶା ଆଣିବା ପାଇଁ ବିମାନ ଟିକେଟ ବାବଦରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ବିଭିନ୍ନ ହୋଟେଲରେ ସେମାନଙ୍କ ଆଖି ଖୋସି ହେବା ପରି ରହଣି ବ୍ୟୟକୁ ପର୍ଯ୍ୟଟନ ବିଭାଗ ବହନ କଲା। ବିଭାଗୀୟ ସଚିବ ଏମାନଙ୍କୁ ନିମନ୍ତ୍ରଣ ଦାୟିତ୍ୱ ନେଇଥିବା କୁହାଯାଉଥିବାରୁ ଏମାନଙ୍କ ଦ୍ୱାରା ସାଧାରଣ ଓଡ଼ିଆ କି ପ୍ରକାର ଲାଭବାନ ହୋଇଛନ୍ତି, ତାହା ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି।

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1006, dated 30.06.2026, I, DEEPIKA MAJHI, Daughter of - Padman Majhi, permanent resident of Village - Udayapur, PO - Tentulikhunti, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from DEEPA MAJHI to DEEPIKA MAJHI. Henceforth, I shall be known as **DEEPIKA MAJHI** for all purposes.

**Sd/- Deepika Majhi**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 999, dated 29.06.2026, I, SABITA CHANDAL, Daughter of - Laxminath Chandal, permanent resident of Village - Baragaon, PO - Bhatigam, PS - Kodinga, Dist - Nabarangpur, Odisha, Pin - 764058, declare that I have changed my name from SABITA TANTI to SABITA CHANDAL. Henceforth, I shall be known as **SABITA CHANDAL** for all purposes.

**Sd/- Sabita Chandal**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1021, dated 02.07.2026, I, DIPANJALI XAXA, Daughter of - Binod Xaxa, permanent resident of Village - Bandadhipa, PO - Hutupani, PS - Talsara, Dist - Sundargarh, Odisha, Pin - 779074, declare that I have changed my name from MEERA XAXA to DIPANJALI XAXA. Henceforth, I shall be known as **DIPANJALI XAXA** for all purposes.

**Sd/- Dipanjali Xaxa**

## LOST

**I, Rankanath Sethy,** S/o.: Late Sukadev Sethy, resident of At/PO: Andhari, Dist.: Jajpur presently residing At: Qtr No.: E-23/06, Upper Police Colony, Tulasipur, PS: Bidanasi, Dist.: Cuttack presently serving as ASI of Police in office of the Supdt. of Police, CID CB, Cuttack, on date 18.05.2026, at about 08.15PM, hereby inform that while I was in Marketing in Deulasahi Market area Sale Deed No.: 1050/2002/1 of office of Registrar, Raghunathpur which was received from the owner Mrs. Aruna Mohanty, W/o: Bijay Kumar Mohanty, Vill: Tendakuda, PS: Patakura, Dist.: Kendrapara after purchase of the land, lost somewhere in Deulasahi Area. With my best effort it couldn't yet traceable. If anyone found, please contact- 8249225877.

## LOST

ମୁଁ ବବିତା ବିଶ୍ୱାଳ, ସ୍ୱାମୀ- ୰ରଶ୍ମିରଞ୍ଜନ ବିଶ୍ୱାଳ, ଗ୍ରାମ- କାଶୀପୁର, ପୋ- ସୁଜନପୁର, ଥାନା- ଯାଜପୁର ସଦର, ଜିଲ୍ଲା- ଯାଜପୁର, ମୋର ସବୁ କାଗଜପତ୍ର ଧରି ଜେରକ୍ସ ଦୋକାନକୁ ଗଲାବେଳେ ବାଟରେ ମୋର କରିଥିବା କବଲା ଭିତରୁ ଗୋଟିଏ କବଲା ଯାହାର ନଂ- **10801100899** ତା- **15/07/2011** ର ହଜିବା ତାରିଖ- **01/06/2026** ରେ । ଯଦି କେହି ସହୃଦୟ ବ୍ୟକ୍ତି ମୋର ଏହି କବଲା ପାଇବେ ଉକ୍ତ ମୋବାଇଲ ନଂ- **9777779257** ରେ ଯୋଗାଯୋଗ କରିବାକୁ ଅନୁରୋଧ ।

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 693, dated 29.06.2026, I, DRAUPADI MAJHI, Daughter of - Kodi Majhi, permanent resident of Village - Chatrabar, PO - Papadahandi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from DURPUTA MAJHI to DRAUPADI MAJHI. Henceforth, I shall be known as **DRAUPADI MAJHI** for all purposes.

**Sd/- Draupadi Majhi**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1016, dated 02.07.2026, I, KAMALI HARIJAN, Wife of- Kamalu Harijan, permanent resident of Village- Chamuriaguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha,Pin - 764059, declare that I have changed my name from RAMA HARIJAN to KAMALI HARIJAN. Henceforth, I shall be known as **KAMALI HARIJAN** for all purposes.

**Sd/- Kamali Harijan**

## AFFIDAVIT

By virtue of an affidavit sworn before the Executive Magistrate Jaleswar, Baleswar, Odisha vide Sl. no. 2986 dated 03/07/2026, I Sujay Kumar Patra, S/o- Ananta Patra, At. Jhadeswarpur, P.O./P.S. Jaleswar, Dist. Balasore, Odisha, declare that my father's name is recorded as "Ananta Patra" in my Aadhaar Card No. 826981397247. That in my BSE, Odisha Certificate (Roll No. 239CA0194), my father's name is recorded as "Ananta Kumar Patra". That "Ananta Patra" and "Ananta Kumar Patra" are one and the same person. Henceforth, he will be known as **Ananta patra** for all purposes.

**Sd/- Sujay Kumar Patra**

## ହଜିଛି

ମୁଁ ସନ୍ତୋଷ କୁମାର ଦାଶ, ପିତା: ହୃଷିକେଶ ଦାଶ, ବୟସ ୪୬ ବର୍ଷ, ବାସସ୍ଥାନ ପ୍ଲଟ୍ ନଂ.: ୧୭୦୮/୩୦୩୪/୩୩୩୯, ନହରକଣ୍ଟା, ଥାନା: ପାହାଳ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା ଏତଦ୍ଦ୍ୱାରା ମୁଁ ସର୍ବସାଧାରଣଙ୍କୁ ଜଣାଇ ଦେଉଛି କି, ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୧୦୮୧୩୦୮୬୬୬ ଏବଂ ଆଇଡି ନଂ.: ୧୦୮୧୩୦୮୯୯୩, ତାରିଖ: ୧୮.୦୫.୨୦୧୩ ଯାହାକି **ଶ୍ରୀ ପ୍ରଶାନ୍ତ କୁମାର ନାୟକ,** ପିତା: ସୁଧାକର ନାୟକ ଏବଂ **ଶ୍ରୀ ବ୍ରଜ ବିହାରୀ ନାୟକ,** ପିତା: ଭ୍ରମରବର ନାୟକ ସେମାନଙ୍କର ଆଟର୍ଣ୍ଣି ହୋଲ୍ଡର, **ମେସର୍ସ ଓମଶ୍ରୀ ଇନଫ୍ରାଟେକ୍ ପ୍ରା. ଲିମିଟେଡ୍,** ଏହାର ପରିଚାଳନା ନିର୍ଦ୍ଦେଶକ: **ଶ୍ରୀ କେଶବ ଚନ୍ଦ୍ର ପ୍ରଧାନ,** ପିତା: ୰ ଅନାଦି ଚରଣ ପ୍ରଧାନଙ୍କ ମାଧ୍ୟମରେ **ଶ୍ରୀ ସର୍ବେଶ୍ୱର ରାଉତ,** ପିତା: ଖଗେଶ୍ୱର ରାଉତଙ୍କ ସପକ୍ଷରେ ସମ୍ପାଦିତ ହୋଇଥିଲା। ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୧୦୮୧୫୦୦୫୧୦ ଏବଂ ଆଇଡି ନଂ.: ୧୦୮୧୫୦୦୦୪୫, ତାରିଖ: ୦୫.୦୧.୨୦୧୫ ଯାହାକି **ଶ୍ରୀ ସର୍ବେଶ୍ୱର ରାଉତ,** ପିତା: ଖଗେଶ୍ୱର ରାଉତଙ୍କ ମାଧ୍ୟମରେ **ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ,** ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ସପକ୍ଷରେ ସମ୍ପାଦିତ ହୋଇଥିଲା। **ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ,** ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ମ୍ୟୁଟେସନ ଆରଓଆରର ଜେରକ୍ସ କପି ଯାହାର ମୌଜା: ନହରକଣ୍ଟା, ଖାତା ନଂ.: ୬୦୯/୧୫୦୦, ପ୍ଲଟ୍ ନଂ.: ୧୭୦୮/୩୦୩୪/୩୩୩୯, କ୍ଷେତ୍ର: ଏକର୦.୦୧୩ ଡିସିମିଲି, ମ୍ୟୁଟେସନ୍ କେସ୍ ନଂ.: ୬୬୪୧/୨୦୧୫। **ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ,** ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ମ୍ୟୁଟେସନ ଆରଓଆରର ଜେରକ୍ସ କପି ଯାହାର ମୌଜା: ନହରକଣ୍ଟା, ଖାତା ନଂ.: ୬୦୯/୧୫୩୩, ପ୍ଲଟ୍ ନଂ.: ୧୭୦୯/୩୦୩୫/୩୪୦୧, କ୍ଷେତ୍ର: ଏକର୦.୦୧୩ ଡିସିମିଲି, ମ୍ୟୁଟେସନ୍ କେସ୍ ନଂ.: ୮୪୧୪/୨୦୧୬। ଯଦି କୌଣସି ବ୍ୟକ୍ତି ଉପରୋକ୍ତ କଥିତ ଦଲିଲ୍ ପାଇଥାଆନ୍ତି ଦୟାକରି ଆଡଭୋକେଟ ମନୋଜ ନାୟକ, ମୋ.:୮୭୬୩୮୩୩୧୨୭ରେ ଯୋଗାଯୋଗ କରନ୍ତୁ।

## LOST

**I, Sri Bhubani Sahoo,** aged about 54 years, S/o: Late Shyamasundar Sahoo, At: Badabarsingh, Po: Ragadipada, Ps: Badamba, Dist.: Cuttack do hereby solemnly affirms that I want to inform you that on 25.06.2026 while I was going on a Motor Cycle from my Residence at 10.30 am to Xerox Shop, At: Badamba Square, I lost my bag with Original R.O.R. bearing Khata No.: 74/47, Plot No.: 126/776, Ac. 0.27 Dec having Kissam: Gharabari in the name of Banambar Sahoo, S/o: Shyamsundar Sahoo & Khata No.: 74/15, Plot No.: 126/776, Ac. 0.27 dec of Mouza: Satagochhia in the name of Chandrasekhar Rout and Ramesh Rout, Sons of Dinabandhu Rout & Khata No.: 113/34, Plot No.: 302, Ac. 2.43 Dec. of Mouza: Kotapola in the name of Chandrasekhar Rout and Ramesh Rout, Sons of Dinabandhu Rout & Regd. Sale Deed No.: 1054, dtd. 28.04.1999 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout & Regd. Sale Deed No.: 691, dtd. 27.04.1994 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout & Regd. Sale Deed No.: 1666, dtd. 05.08.1992 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout who are my vendor's vendor of Regd. Sale Deed bearing Doc No. 10422000389, dtd.28.08.2020, in between my residence to Badamba Square and I could not trace out the same after through search which is under the jurisdiction of Badamba Police Station.If anyone found, please contact on 9437320041.

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1002, dated 30-06-2026, I, TRILOCHAN BAGH, S/o - Brajamohan Bagh, permanent resident of Village - Saradhapur, PO - Saradhapur, PS - Chandahandi, Dist - Nabarangpur, Odisha, Pin - 764077, declare that I have changed the name of my Daughter from MAMATA BAGH to MOHINI BAG. Henceforth, she shall be known as **MOHINI BAG** for all purposes.

**Sd/- Trilochan Bagh**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1022, dated 02.07.2026, I, YASADA PUJARI, Daughter of - Sadasiba Nayak, permanent resident of Village - Silakaguda, PO - Mokiya, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from JASHODA NAYAK to YASADA PUJARI. Henceforth, I shall be known as **YASADA PUJARI** for all purposes.

**Sd/- Yasada Pujari**

## AFFIDAVIT

By virtue of an affidavit sworn before 85, dated-03/11/25, I Sri Harihar Naik Address:-At-Purnachandrapur, Po-Bhairangisole,Ps- Morada, Mayurbhanj,Odisha, Pin-757018,Adhar Card no:-913582560332 declare that I have changed my daughter's name from KIRN NAIK (old name) to KIRAN NAIK (new name) Henceforth, she shall be known as **KIRAN NAIK** (new name) for all future purposes.

## AFFIDAVIT

By virtue of an affidavit sworn before the Notary Public, Kodinga, on Dated 25-06-2026, I, Mr. Laxman Pujari, S/O-Phaguna Pujari, Village/PO/PS-Kosagumuda, Dist. Nabarangpur, PIN-764061, Odisha, declare that I have changed the name of my Son from Himangshu Pujari to Himansu Sekhar Pujari. Henceforth, He shall be known as **Himansu Sekhar Pujari** for all purposes.

**Laxman Pujari**

## NOTICE FOR LOSS OF DOCUMENTS

Notice is hereby given from Alok Kumar Patra that, he has applied for loan to LIC HFL. But at present, his one of the vendor namely Manjulata Behera has lost the Original Link Documents i.e. **Sale Deed No.: 7046, Dtd.: 18/08/1986** & Original Mutation ROR of Khata No.: 432/845 of Mouza: Dumuduma, which were kept with her and in-spite of her best efforts, failed to trace the same. Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL At: Saheed Nagar, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication: LIC HFL, Saheed Nagar, Bhubaneswar, B. K. Pattanaik, Advocate, Mob. No. 9337395558**

## OFFICE OF THE GENERAL MANAGER, WATCO DIVISION-II, BHUBANESWAR,

13001/1058/2627

Near Rajiv Bhawan, Unit-V, Bhubaneswar-751001, Odisha, India

**Telefax:** +91-674-2390322, **E-mail:** gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB)**

Dtd. 02.07.2026

| | | |
|---|---|---|
| 01 | Nos of the work | 2 (Two) Nos |
| 02 | Estimate cost | Rs.18.58 lakhs & Rs.14.59 lakhs |
| 03 | Period of completion | 01 (One) Month |
| 04 | Class of contractor | D & C Class |
| 05 | Date & Time of availability of bid document in the portal | From **11.00 AM of Dt. 06.07.2026** to **5.00 PM of 20.07.2026** |
| 06 | Last date / time of receipt of bids in the portal | **5.00 PM of 20.07.2026** |
| 07 | Last date & time of seeking clarification | **5.00 PM of 10.07.2026** |
| 08 | Date & Time of opening of bids | **At 12.30 PM of 21.07.2026** |
| 09 | Name and Address of the Officer Inviting Bid | **General Manager, WATCO Division-II, BBSR** |

Further details can be seen from the e-Procurement portal: https://www.tendersorissa.gov.in/

OIPR-13001/13089/1/26-27/0004

**GENERAL MANAGER**
**WATCO DIVISION-II, BHUBANESWAR**

## ZILLA SWASTHYA SAMITI, KANDHAMALA

10001/331/2627

***(Under National Health Mission)***

Office of the CDM & PHO-cum-District Mission Director, NHM, Kandhamal, Odisha – 762001

**Advt. No.:** 6634 **Date:** 03/07/2026

**Request for Proposal (RFP) for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions of Kandhamala District**

Zilla Swasthya Samiti (ZSS), Kandhamala invites proposals as per the prescribed RFP documents from eligible bidders for Techno Managerial Services to undertake Paramedics, Nursing & other Techno Managerial Services at Govt. Health Institutions of Kandhamala District. The detailed terms & conditions, eligibility and selection criteria may be downloaded from the district website https://kandhamal.odisha.gov.in. The interested bidders fulfilling the eligibility criteria may submit their proposals with paper cost, EMD and required documents as set forth in the RFP to the **CDM & PHO, Kandhamal, Phulbani, PIN–762001** through **Speed Post/Registered Post/Courier** on or before **30.07.2026 by 5:00 PM**. The envelope containing the proposal should be superscribed clearly as per the instructions mentioned in the RFP. The **Pre-Bid Discussion** will be held on **09.07.2026 at 11:00 AM**, and the **Technical Bid** will be opened on **31.07.2026 at 11:30 AM** in the office chamber of the **CDM & PHO, Kandhamala**. The undersigned reserves the right to reject any or all the proposals without assigning any reason thereof.

**Sd/- C.D.M. & P.H.O-cum-DMD, Kandhamala**

OIPR-10001/10015/1/26-27/0001

## Zilla Swasthya Samiti, Anugola

10001/329/2627

**Office of the Chief District Medical & Public Health Officer cum District Mission Director, Anugola, 759122, Odisha**

**Mail ID:** dpmuang@ymail.com

**Walk-in-Interview for Recruitment of Medical Officer (Fulltime) and Empanelment of Part-Time Specialists**

**Advt. No.:** 1941 **Date:** 03/07/2026

Walk-in-interview for the post of **Medical Officer (Contractual)** in **UPHC Anugola** and empanelment of **Part-Time Specialists** *(O&G, Paediatrics, Medicine, Skin & VD, ENT, Eye, Psychiatric Specialist, Surgery Specialist, Nutritionist and Physiotherapist)* for **AMA Clinic** under **NUHM** for **UPHC Anugola & Talacher**. The above positions are purely temporary and also co-terminus with the scheme. The actual number of vacancies may differ at the time of engagement. Canvassing in any form will render the candidate disqualified for the position. Details of qualification, remuneration, job description, and application form can be downloaded from the district website: https://angul.odisha.gov.in.The interested candidates may attend the **Walk-in-Interview on 15.07.2026, 10:00 AM to 11:00 AM**. on the scheduled date registration. The candidates are requested to visit the district website regularl interval till completion of the recruitment process and the undersigned reserves the right to cancel any or all applications without assigning any reason or communication thereof.

**Sd/- CDM & PHO-cum-District Mission Director, Anugola**

OIPR-10001/10142/1/26-27/0010

## GOVERNMENT OF ODISHA
## ST & SC DEVELOPMENT DEPARTMENT
## OFFICE OF THE PROJECT ADMINISTRATOR, INTEGRATED TRIBAL DEVELOPMENT AGENCY, JEYPORE

26001/27/2627

**E-PROCUREMENT NOTICE**

**BID IDENTIFICATION No. PA ITDA (J)-01//2026-2027**

**No. 864 /2026. Dated, the 02 July, 2026.**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | | |
|---|---|---|
| 01 | Name of the work | Civil Works as mentioned in DTCN |
| 02 | No. of Works | 37 (Thirty Seven) Numbers only |
| 03 | Estimated Cost | ₹16.00 Lakhs to ₹42.00 Lakhs |
| 04 | Period of completion | 03 (Three) to 06 (Six) Calendar Months |
| 05 | Date & Time of Bidding | From **07/07/2026 at 12.00 hours** to **16/07/2026 up to 17.00 hours** |
| 06 | Last date & time for receipt of bids in portal | **16/07/2026 up to 17.00 hours** |
| 07 | Offline Documents Received through Speed Post/Registered Post | **08/07/2026 at 10.00 hours** to **17/07/2026 up to 14.00 hours** (Working Days Only) |
| 08 | Bids received online shall be opened on | **17/07/2026 at 14.00 hours** |
| 09 | Bid Received offline documents shall be opened & Transparency Lottery Draw | **20/07/2026 at 10.30 AM onwards**. Offline Document Open and Transparency Lottery Draw. |
| 10 | Name and address of the officer inviting Bid | **Project Administrator, I.T.D.A., Jeypore** |

**Further details can be seen from the www.tendersodisha.gov.in.**

**Project Administrator,**
**I.T.D.A., Jeypore**

OIPR-26001/26037/1/26-27/0001

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, SAMBALPUR

32001/481/2627

Phone No. (0663)-2412791
E-mail : eemisbp@yahoo.co.in

**'e' Procurement Notice**

Bid Reference No. SE MID SBP 10 / 2026-27

eemisbp@yahoo.co.in

No. 3004 // MID // Date: 01.07.2026


| | | |
|---|---|---|
| 1 | Name of the works | Civil construction works. |
| 2 | No. of Works | 10 (Ten) Nos |
| 3 | Estimated cost | Various from approximately **Rs.53.86 lakh to Rs.81.88 lakh** for 10 Nos of work (**Rs.662.00 lakh**) |
| 4 | Tender paper cost | Referred to DTCN |
| 5 | Period of completion | Referred to DTCN |
| 6 | Date and Time of availability of bid documents in the portal | From **dt.06.07.2026 at 11.00 AM** to **dt.15.07.2026 up to 5.30 PM** |
| 7 | Last date / time of receipt of bids in the portal | **Dt.15.07.2026 up to 5.30 PM** |
| 8 | Date of opening of Technical Bid (Cover-I) | **Dt.17.07.2026 at 11.00 AM onwards** |
| 9 | Name and address of the OIT | **Superintending Engineer, Minor Irrigation Division, Sambalpur.** |
| 10 | ****Further details can be seen from the e-Procurement market place http://tendersodisha.gov.in** | |

**Superintending Engineer**
**M.I. Division, Sambalpur**

OIPR-32001/32036/1/26-27/0009

## ନିତିଦିନିଆ ଖର୍ଚ୍ଚ ଉଠୁନି; ଆୟଠୁ ବ୍ୟୟ ଅଧିକା

# ବଦାନ୍ୟ ବ୍ୟକ୍ତିଙ୍କ ଦାନରେ ହେବ ପ୍ରସନ୍ନମଣୀଙ୍କ ଘୋଷଯାତ୍ରା



- ଶହ ଶହ ଏକର ଜମିର ଆୟରୁ ଚାଲୁଛି ନିତିଦିନିଆ ଖର୍ଚ୍ଚ
- ଏକର ଏକର ମାଡ଼ିବସିଲେଣି ରୟତ
- ଘୋଷଯାତ୍ର ଖର୍ଚ୍ଚ ୫ ଲକ୍ଷ, ମିଳୁଛି ୫୦ ହଜାର

ଟିଗିରିଆ, ୩।୭ (ସମିସ)

ପବିତ୍ର ଚମ୍ପକ ଦ୍ୱାଦଶୀ ତାଥି (ହରି-ହର ଭେଟ)ଠାରୁ ଟିଗିରିଆ ଗଡ଼ଜାତର ଆରାଧ ତଥା ଗୁପ୍ତ ଶ୍ରୀକ୍ଷେତ୍ରର ମର୍ଯ୍ୟଦା ବହନ କରୁଥିବା ପ୍ରଭୁ ଶ୍ରୀ ପ୍ରସନ୍ନମଣୀଙ୍କ ପବିତ୍ର ଘୋଷଯାତ୍ରା ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତ ଜୁଲାଇ ମାସ ୧୬ ତାରିଖରେ ଜିଲ୍ଲାର ଦ୍ୱିତିୟ ବୃହତ୍ତମ ଜଗନ୍ନାଥ ପୀଠ ତଥା ଗୁପ୍ତ ଶ୍ରୀକ୍ଷେତ୍ରର ମଉଡ଼ମଣି ପ୍ରଭୁ ଶ୍ରୀ ପ୍ରସନ୍ନମଣୀ (ଜଗନ୍ନାଥ) ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ୯ ଦିନ ପାଇଁ ମାଉସୀ ମା' ମନ୍ଦିରକୁ ଘୋଷଯାତ୍ରାରେ ଯିବେ। ପୁରୀ ଶ୍ରୀମନ୍ଦିର ନୀତିକାନ୍ତି ରେ ଓ ଅବିକଳ ଶୈଳୀରେ ଟିଗିରିଆ ଗଡ଼ଜାତର ଆରାଧ ଶ୍ରୀ ପ୍ରସନ୍ନମଣୀଙ୍କ ମନ୍ଦିରରେ ବାର ମାସରେ ତେର ଯାତ୍ରା ଅନୁଷ୍ଠିତ ହୋଇଥାଏ। ପୁରୀ ଶ୍ରୀମନ୍ଦିର ନୀତିକାନ୍ତି ସହ ସମତାଳରେ ରାଜରାଜୁଡା ଅମଳରୁ ଚାଲିଆସିଥିବା ଟିଗିରିଆର ଶ୍ରୀ ପ୍ରସନ୍ନମଣୀ ମନ୍ଦିରରେ ବର୍ଷବର୍ଷ ଧରି ଆର୍ଥିକ ସମସ୍ୟା ଲାଗିରହିଛି। ଶ୍ରୀଗୁଣ୍ଡିଚାଠାରୁ ବାହୁଡା ଏକାଦଶୀ ଦିର୍ଘ ୯ ଦିନ ଧରି ମାଉସୀ ମା' ମନ୍ଦିରରେ ରହଣୀ ମଧ୍ୟରେ ମନ୍ଦିର ପ୍ରଶାସନକୁ ପ୍ରାୟ ୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିବାକୁ ପଡୁଥିବା ବେଳେ ବେଳେ ରାଜ୍ୟ ଦେବୋତ୍ତର ବିଭାଗ ପକ୍ଷରୁ ଘୋଷଯାତ୍ରା ପାଇଁ ମାତ୍ର ୫୦ ହଜାର ଟଙ୍କାର ବାର୍ଷିକ ଅନୁଦାନ ମିଳିଥାଏ। ପ୍ରସନ୍ନମଣିଙ୍କ ମନ୍ଦିରର ରୋଜଗାର ଶୂନ୍ୟ। ଠାକୁରଙ୍କ ନାମରେ କାଗଜପତ୍ର ରେ ଥିବା ୫୨୯ ଏକର ଜମିରୁ ବର୍ତ୍ତମାନ ବଳିପଡ଼ିଥିବା ମାତ୍ର ୧୫୦ ଏକର ଜମିରୁ ମିଳୁଥିବା ଖଞ୍ଜାରେ ବର୍ଷସାରା ସଙ୍କୁଡି ଭୋଗ ଉଠିଯାଏ। ମାତ୍ର ଘୋଷଯାତ୍ରା ପରି ବ୍ୟୟ ବହୁଳ ଯାତ୍ରାର ଖରଚ୍ଛ ଉଠାଇବାକୁ ମନ୍ଦିର ର ଟ୍ରଷ୍ଟୀ ଏପରିକି ଖୋଦ ମନ୍ଦିର ପରିଚାଳନା କମିଟି ସଭାପତି ବି ଚିନ୍ତାଗ୍ରସ୍ତ। ଏପରି ଦୟନୀୟ ପରିସ୍ଥିତିରେ ଅଞ୍ଚଳର ବଦାନ୍ୟ ବ୍ୟକ୍ତିମାନଙ୍କ ହାତଖୋଲା ସହାୟତା ଓ ସହଯୋଗରେ ଚାଲିଛି ଟିଗିରିଆର ଆରାଧ ତଥା କୋଟି କୋଟି ଜନତାଙ୍କ ମଉଡମଣୀ ଶ୍ରୀ ପ୍ରସନ୍ନମଣୀ ବିଜେଙ୍କ ପବିତ୍ର ଘୋଷଯାତ୍ରା।

ପ୍ରକାଶ ଯେ ଟିଗିରିଆ ନିଜିଗଡ଼ସ୍ଥିତ ଶ୍ରୀ ପ୍ରସନ୍ନମଣୀ ବିଜେଙ୍କ ପୀଠଟି କଟକ ଜିଲ୍ଲାର ଦ୍ୱିତିୟ ବୃହତ୍ତମ ଜଗନ୍ନାଥ ପୀଠ। ପାତାଳୀ ଦିଅଁ ପୋଥି ଅନୁଯାୟୀ ଟିଗିରିଆର ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ତିନି ବିଗ୍ରହ ପୁରୀ ଶ୍ରୀମନ୍ଦିରରେ ପୂଜା ପାଉଥିବା ମୂଳ ବିଗ୍ରହଙ୍କ ସହ ସମାନ। ମୋଗଲ ସମ୍ରାଟ ଆଉରଙ୍ଗଜେବ ବାରମ୍ବାର ପୁରୀ ଶ୍ରୀ ମନ୍ଦିର ଆକ୍ରମଣ କରିବାରେ ପୁରୀର ତତ୍କାଳିନ ଗଜପତି ମହାରାଜା ଟିଗିରିଆର ତତ୍କାଳିନ ଶାସକ ରାଜା ଶଙ୍କର୍ଷଣ ମହାରାଜାଙ୍କ ସହାୟତା କ୍ରମେ ବିଳମ୍ବିତ ରାତିରେ ଏକ ଶଗଡ଼ି ଦ୍ୱାରା ପୁରୀରୁ ବିଗ୍ରହମାନଙ୍କୁ ଟିଗିରିଆ ବ୍ଲକ ଅଧିନ ଶୁଣ୍ଡିପାଳ ଗ୍ରାମରେ ରଖି ୧୬ ବର୍ଷ ପୂଜାର୍ଚ୍ଚନା କରିବା ପରେ ଟିଗିରିଆ ଗଡ଼ଜାତର ରାଜା ରାଜାଶ୍ରୀ ବନମାଳି ଚମ୍ପତି ସିଂହ ରାଜବାଟୀଠାରେ ବିଗ୍ରହମାନଙ୍କ ପାଇଁ ୧୮୮୭ରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମନ୍ଦିର ର ନିର୍ମାଣ ଶେଷ ହେବା ପାଇଁ ପ୍ରାୟ ୧୩ ବର୍ଷ ସମୟ ଲାଗିଥିବା ବେଳେ ୧୯୧୩ରେ ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ୧୯୪୭ ମସିହାରେ ଟିଗିରିଆ ଗଡ଼ଜାତର ଶେଷ ସ୍ୱାଧିନ ରାଜା ରାଜାଶ୍ରୀ ବ୍ରଜରାଜ କ୍ଷତ୍ରୀୟ ବିରବର ଚମ୍ପତି ସିଂହ ମହାପାତ୍ର ଙ୍କ ରାଜୁତି ସମୟରେ ମନ୍ଦିରକୁ ରାଜ୍ୟ ସରାକାରଙ୍କୁ ହସ୍ତାନ୍ତର କରିଥିଲେ। ସେତେବେଳେ ଜଗନ୍ନାଥଙ୍କ ପ୍ରାୟ ୫୨୯ ଏକର ସ୍ଥାବର ସମ୍ପତି ଥିଲା ଯାହାକି ବର୍ତ୍ତମାନ ପ୍ରାୟ ୧୫୦ ଏକରରେ ପହଞ୍ଚିଛି। ଭିନ୍ନଭିନ୍ନ ସମୟରେ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ହାତବାରିସି କରି ବହୁ ଜାଗିରଦାର ପ୍ରସନ୍ନମଣୀଙ୍କ ସ୍ଥାବର ସମ୍ପତିକୁ ନିଜ ସମ୍ପତିରେ ପରିବର୍ତ୍ତନ କରିସାରିବା ପରେ ଧିରେଧିରେ ମନ୍ଦିରର ଆୟ କମିବା ସହିତ ବିଭିନ୍ନ ଯାନିଯାତ୍ରା କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଏପରିକି ବେଳେବେଳେ କିଛି ସ୍ୱତନ୍ତ୍ର ସେବାନୀତି ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବଦାନ୍ୟ ଲୋକଙ୍କ ସହାୟତା ବିନା ସମ୍ପାଦିତ କରିହେଉନାହିଁ। ପୁରୀରୁ ନିଖୋଜ ଜଗନ୍ନାଥଙ୍କ ଟିଗିରିଆର ଅବସ୍ଥାନ ସହ ପୁରୀ ଶ୍ରୀମନ୍ଦିରରେ ଟିଗିରିଆ ରାଜାମାନଙ୍କ ସ୍ୱତନ୍ତ୍ର ପରିଚୟ ତଥା ଦାୟୀତ୍ୱ ଥିବାରୁ ଟିଗିରିଆ ଜଗନ୍ନାଥ ମନ୍ଦିରର ନୀତିକାନ୍ତି ପ୍ରାୟତଃ ପୁରୀ ଶ୍ରୀମନ୍ଦିର ଶୈଳୀରେ ସମ୍ପାଦିତ ହୋଇଥାଏ। କେବଳ ଗୁଣ୍ଡିଚା ଓ ବାହୁଡାକୁ ଛାଡିଦେଲେ ବାକି ସମସ୍ତ ନୀତିକାନ୍ତିରେ ପୁରୀ ଶ୍ରୀମନ୍ଦିରର ଛାପ ଦେଖିବାକୁ ମିଳିଥାଏ। ବାରମାସରେ ତେର ପର୍ବ ପରି ସମସ୍ତ ଯାନିଯାତ୍ରା ପୁରୀ ଶୈଳୀରେ ହେଉଥିବାରୁ ଏଠାକାର ଖର୍ଚ୍ଚ ଉଠାଇବାରେ ପ୍ରସନ୍ନମଣୀ ମନ୍ଦିର ପରିଚାଳନା କମିଟି ସମ୍ପୁର୍ଣ୍ଣ ବିଫଳ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ପ୍ରସନ୍ନମଣୀଙ୍କ ପବିତ୍ର ଘୋଷଯାତ୍ରା। ପ୍ରସନ୍ନମଣୀଙ୍କ ପବିତ୍ର ଘୋଷଯାତ୍ରା ପାଇଁ ଚମ୍ପକ ଦ୍ୱାଦଶି ଠାରୁ ଖର୍ଚ୍ଚ ଆରମ୍ଭ ହୋଇ ନିଳାଦ୍ରୀ ବିଜେରେ ଶେଷ ହୋଇଥାଏ। ଚମ୍ପକ ଦ୍ୱାଦଶି ଠାରୁ ନିଳାଦ୍ରୀ ବିଜେ ମଧ୍ୟରେ ଶ୍ରୀ ମନ୍ଦିର ପରିଚାଳନା କମିଟିଙ୍କୁ ପ୍ରାୟ ୫ ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ବ୍ୟୟ ପଡ଼ିଥାଏ। ମାତ୍ର ପ୍ରତିବଦଳରେ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ପକ୍ଷରୁ ବାର୍ଷିକ ୧ ଲକ୍ଷ ଟଙ୍କା ଟିଗିରିଆକୁ ପ୍ରଦାନ କରାଯାଇଥାଏ। ଅନୁମୋଦିତ ଅର୍ଥରୁ ଟିଗିରିଆ ବ୍ଲକ ଅଧିନ ପାଞ୍ଚଗାଁର ଦଧିବାମନ ଜୀୟୁ ଓ ଶୁଣ୍ଡିପାଳ ଗ୍ରାମର ଦଧିବାମନ ଜୀୟୁଙ୍କ ପୀଠକୁ ପୀଠ ପିଛା ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ପରେ ବଳକା ୫୦ ହଜାର ଟଙ୍କାକୁ ପ୍ରସନ୍ନମଣୀଙ୍କ ପୀଠକୁ ପ୍ରଦାନ କରାଯାଇଥାଏ; ଯାହାକି ସମୁଦ୍ରକୁ ଶଙ୍ଖେ ପରି ହୋଇଥାଏ। ୯ ଦିନର ଘୋଷଯାତ୍ରା ପାଇଁ ପ୍ରାୟ ୫ ଲକ୍ଷ ଟଙ୍କାର ଆବଶ୍ୟକତାର ବୋଝ ମୁଣ୍ଡକୁ ନେଇ ମନ୍ଦିର ପରିଚାଳନା କମିଟି ଯାତ୍ରାକୁ ଆଗକୁ ନେବା ପାଇଁ ବଳକା ରହିଯାଇଥିବା ସ୍ଥାବର ସମ୍ପତ୍ତିର ଭୋଗଦଖଲକାର ଓ ବ୍ଲକର ବଦାନ୍ୟ ବ୍ୟକ୍ତିଙ୍କ ନିକଟରେ ହାତ ପତେଇବାକୁ ପଡ଼ିଥାଏ। ଫଳରେ ମନ୍ଦିରର ଟ୍ରଷ୍ଟିଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଦସ୍ୟାମାନେ ଘୋଷଯାତ୍ରା ସମୟରେ ଚିନ୍ତାଗ୍ରସ୍ତ ରହୁଛନ୍ତି। ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ଏଥିନେଇ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଗ୍ରେଟର୍ କଟକ ନାଗରିକ ମହାସଭା ପକ୍ଷରୁ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କଟକ, ୩।୭ (ସମିସ):** ଗ୍ରେଟର କଟକ ନାଗରିକ ମହାସଭା ପକ୍ଷରୁ ଆବାହକ ମନୋଜ କୁମାର ପତିଙ୍କ ନେତୃତ୍ୱରେ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନଙ୍କ ଜରିଆରେ ପ୍ରଦାନ କରାଯାଇଛି।



ଦାବିପତ୍ରରେ ୧୧୩ ବର୍ଷ ପୁରାତନ ତଥା ରାଜ୍ୟର ପ୍ରଥମ ଏହି ମହିଳା ମହାବିଦ୍ୟାଳୟକୁ ଆଉ ଉପେକ୍ଷା ନକରି ଯଥାଶୀଘ୍ର ଏହାକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଉ ବୋଲି ଉଲ୍ଲେଖ କରାଯାଇ କଟକର ସ୍ୱାଭିମାନ ରକ୍ଷା ଦିଗରେ ରାଜ୍ୟ ସରକାର ଅତିଶୀଘ୍ର ଏହି କାର୍ଯ୍ୟ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସନ୍ତୋଷ ମହାରଣା, ଜଗନ୍ନାଥ ମହାନ୍ତି, ତାପସ ମହାନ୍ତି, ହରିପ୍ରସାଦ ଓଝା, ପ୍ରଦୀପ ମହାନ୍ତି, ଶ୍ରୀକାନ୍ତ କୁମାର ବେଜ, ଆଶୁତୋଷ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ଜମିଜମା ବିବାଦ: ମହିଳାଙ୍କୁ ଆକ୍ରମଣ; ତିନି ଗିରଫ

**ସାଲେପୁର, ୩।୭ (ସମିସ):** ସାଲେପୁର ଥାନା ଅନ୍ତର୍ଗତ ମହନାପୁର ଗ୍ରାମର ନିରଞ୍ଜନ ବେହେରା, ପ୍ରଦ୍ୟୁମ୍ନ ବେହେରା ଓ ମକର ବେହେରା ଜମିଜମା ବିବାଦକୁ କେନ୍ଦ୍ରକରି ଉକ୍ତ ଗ୍ରାମର ସ୍ୱର୍ଣ୍ଣଲତା ବେହେରାଙ୍କୁ ଗତମାସ ୨୯ ତାରିଖ ମରଣାନ୍ତକ ଆକ୍ରମଣ କିଥିଲେ। ଏ ସମ୍ପର୍କରେ ସ୍ୱର୍ଣ୍ଣଲତାଙ୍କ ବଡ଼ଭଉଣୀ ପ୍ରେମଲତା ବେହେରା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଏନେଇ ସାଲେପୁର ଥାନାରେ ୩୯୯/୨୦୨୬ରେ ଏକ ମାମଲା ରୁଜୁ କରି ଆକ୍ରମଣକାରୀ ନିରଞ୍ଜନ, ପ୍ରଦ୍ୟୁମ୍ନ ଓ ମକରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ଥାନାଧିକାରୀ ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

## ୬୪.୮ ମେଟ୍ରିକ ଟନ୍ ଜବତ ଗଞ୍ଜେଇ ନଷ୍ଟ କଲାଣି ଓଡ଼ିଶା ପୁଲିସ

**କଟକ, ୩।୭ (ସମିସ):** ରାଜ୍ୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଚାଲିଥିବା "ନିଶାମୁକ୍ତ ଓଡ଼ିଶା ଅଭିଯାନ"ରେ ଗତ ଜୁଲାଇ ୨ ସୁଦ୍ଧା ମୋଟ ୬୪.୮ ମେଟ୍ରିକ ଟନ ଜବତ ଗଞ୍ଜେଇ ନଷ୍ଟ କରାଯାଇଛି। କ୍ରାଇମବ୍ରାଞ୍ଚର ସ୍ପେସାଲ ଟାସ୍କ ଫୋର୍ସ ତତ୍ତ୍ୱାବଧାନରେ ଏହି ପ୍ରକ୍ରିୟା ସଫଳତାର ସହ ପରିଚାଳିତ ହେଉଛି। ଏଥିପାଇଁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର 'ନିଶାଦ୍ରବ୍ୟ ବିନଷ୍ଟୀକରଣ ପକ୍ଷ' ଗତ ଜୁନ ୨୬ରୁ ଆରମ୍ଭ ହୋଇ ଜୁଲାଇ ୧୦ ଯାଏଁ ଚାଲିବ। ଏହି ସ୍ୱତନ୍ତ୍ର ଅଭିଯାନରେ ମୋଟ ୭୮, ୬୦୦.୬୮ କେଜି ଜବତ ଗଞ୍ଜେଇ ନଷ୍ଟ କରିବା ପାଇଁ ଚିହ୍ନଟ ହୋଇଥିଲା। ଏଥିରୁ ୬୪, ୮୧୬.୧୭ କେଜି ଗଞ୍ଜେଇ ସଫଳତାର ସହ ନଷ୍ଟ କରାଯାଇ ସାରିଥିବା ବେଳେ ବାକି ଥିବା ୧୩, ୭୮୪.୨୨ କେଜି ଗଞ୍ଜେଇକୁ ଆସନ୍ତା ୧୦ ଜୁଲାଇ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନରେ କନ୍ଧମାଳ ଜିଲ୍ଲା ସର୍ବାଧିକ ୩୧, ୪୪୫.୪୦ କେଜି ଜବତ ଗଞ୍ଜେଇ ନଷ୍ଟ କରି ପ୍ରଥମ ସ୍ଥାନରେ ରହିଛି। ଅନ୍ୟାନ୍ୟ ଜିଲ୍ଲାର ମଧ୍ୟରେ ବୌଦ୍ଧ ଜିଲ୍ଲା ପକ୍ଷରୁ ୧୬, ୧୨୭ କେଜି, ମାଲକାନଗିରି ପକ୍ଷରୁ ୮, ୯୬୯.୯୪ କେଜି, ଗଜପତି ପକ୍ଷରୁ ୩, ୧୧୬ କେଜି ଏବଂ ବରଗଡ଼ ଜିଲ୍ଲା ପକ୍ଷରୁ ୧, ୩୦୬ କେଜି ଗଞ୍ଜେଇ ନଷ୍ଟ କରାଯାଇଛି।

## ପାଠ୍ୟପୁସ୍ତକରେ ତ୍ରୁଟି: ଲାଲବାଗ ଥାନାରେ ଏତଲା

**କଟକ, ୩।୭ (ସମିସ):** ପିଲାଙ୍କ ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗକୁ ନେଇ ଲାଲବାଗ ଥାନାରେ ଆଜି ଆଇନଜୀବୀ ନିଶିକାନ୍ତ ମିଶ୍ର ଏତଲା ଦେଇଛନ୍ତି। ଏତଲାରେ ଉଲ୍ଲେଖ ରହିଛି ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ପ୍ରାୟ ୨୬୦୦ ତ୍ରୁଟି ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତିକୁ ନେଇ ସାରା ରାଜ୍ୟରେ ଅଭିଭାବକ ଓ ସାଧାରଣ ଲୋକ ରାଜ୍ୟ ସରକାରଙ୍କ ଉପରେ ଘୃଣା କରିବା ସହିତ ଆତଙ୍କିତ ହୋଇଥିଲେ। ସାରା ରାଜ୍ୟରେ ପାଠ୍ୟପୁସ୍ତକରେ



ଏଭଳି ଗୁରୁତର ତ୍ରୁଟି ଘଟଣା ବିରୋଧରେ ଲୋକମାନେ ସ୍ୱର ଉତ୍ତୋଳନ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଏପରି ତ୍ରୁଟି ହୋଇଥିବା ଘଟଣାକୁ ସ୍ୱୀକାର କରିବା ସହିତ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିଲେ। ଷଡଯନ୍ତ୍ର କରାଯାଇଛି ବୋଲି କହିଥିଲେ। ଏଭଳି ତ୍ରୁଟିପୂର୍ଣ୍ଣ ତଥ୍ୟ ଥିବା ପୁସ୍ତକ ପ୍ରସ୍ତୁତ ଓ ପ୍ରକାଶ କରି ସମ୍ପୃକ୍ତ ବ୍ୟକ୍ତିବିଶେଷ, ଅଧିକାରୀ ଓ ସରକାରୀ କର୍ତ୍ତୃପକ୍ଷ ଅପରାଧ କରିଛନ୍ତି। ବିଏନଏସର ଧାରା ୪୫, ୫୯, ୬୧, ୧୪୮, ୧୯୨, ୧୯୮, ୧୯୯, ୨୦୧, ୨୭୦, ୩୧୬(୫) ୩୧୮(୨), ୩୧୮(୩), ୩୨୪(୨), ୩୩୬(୨), ୩(୫), କିଶୋର ନ୍ୟାୟ ଆଇନର ଧାରା ୭୫ ଓ ଅନ୍ୟ ଆଇନଗତ ବ୍ୟବସ୍ଥା ଅନୁସାରେ ଏହି ଘଟଣାରେ ପୁଲିସ ଏତଲା ପଞ୍ଜୀକରଣ କରି ତଦନ୍ତ କରିବା ସହିତ ଦୋଷୀଙ୍କୁ ଦଣ୍ଡିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁ ବୋଲି ଶ୍ରୀ ମିଶ୍ର ଏତଲାରେ ଦର୍ଶାଇଛନ୍ତି।

## କଟକ ସାହିତ୍ୟିକଙ୍କ ବନ୍ଧୁ ମିଳନ

**କଟକ, ୩।୭ (ସମିସ):** କଟକର ସାହିତ୍ୟିକ ଚୌଧୁରୀ ବଜାରସ୍ଥିତ ବାରବାଟୀ ହୋଟେଲରେ ବିଶିଷ୍ଟ ସାହିତ୍ୟିକ ଓ ଭାଷାବିତ୍ ଡକ୍ଟର ନଟବର ଶତପଥୀଙ୍କ ପୌରୋହିତ୍ୟରେ ଏକ ସାରସ୍ୱତ ବନ୍ଧୁ ମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।



ଡାକ୍ତର ସୁଦର୍ଶନ ପଟ୍ଟନାୟକ, ପ୍ରଧାପକ ଉମାଶଙ୍କର ମିଶ୍ର, କଥକାର ତରୁଣ କୁମାର ସାହୁ, ସାହିତ୍ୟିକ ଡକ୍ଟର ସୁନାମଣି ରାଉତ, ନାଟ୍ୟକାର ଡକ୍ଟର ବୈଜୟନ୍ତୀ ମିଶ୍ର, ଗୀତାଞ୍ଜଳି ପୃଷ୍ଟି, ବୈଜୟନ୍ତୀମାଳା ଶତପଥୀ, କାନ୍ତିବାଳା ନାୟକ କବିତା ପାଠ କରିଥିଲେ। ଏହି ବନ୍ଧୁମିଳନ ଓ ଆଲୋଚନାଚକ୍ର ପ୍ରତ୍ୟେକ ମାସର ପ୍ରଥମ ବୁଧବାର ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଆବାହକ ପ୍ରାଧାପକ ଉମାଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁଆ ପଞ୍ଚାୟତ ନାଥସାହିକୁ ରାସ୍ତା ନିର୍ମାଣ କେବେ ?

**ସାଲେପୁର, ୩।୭ (ସମିସ):** ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତ ୨ନଂ ୱାର୍ଡ ନାଥସାହିକୁ ରାସ୍ତା ନଥିବାରୁ ୧୫ରୁ ଉର୍ଦ୍ଧ୍ୱ ପରିବାର ବର୍ଷାଦିନେ ଯାତାୟାତ କରିବାକୁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ସ୍ୱାସ୍ଥ୍ୟ ଓ ଗମନାଗମନକୁ ଗୁରୁତ୍ୱ ଦେଉଥିବାବେଳେ ସାଲେପୁର ବ୍ଲକଠାରୁ ମାତ୍ର



୪କି.ମି. ଦୂରରେ ଥିବା ନାଥସାହିକୁ ରାସ୍ତା ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ୱାର୍ଡରେ ବସବାସ କରୁଥିବା ୧୫ରୁ ଉର୍ଦ୍ଧ୍ୱ ପରିବାର ବର୍ଷାଦିନେ ବହୁ କଷ୍ଟରେ ଏକ ପାଣି କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି। ଗ୍ରାମବାସୀ ବାରମ୍ବାର କଟକ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଏହି ସମସ୍ୟା ଉଠାଇଆସୁଛନ୍ତି। କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଏହି ଅଭିଯୋଗକୁ ଗୁରୁତର ସହ ବିଚାର କରି ଉକ୍ତ ସାହିକୁ ୨ମାସ ମଧ୍ୟରେ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାର ୨ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହାନେଇ ଏହି ୱାର୍ଡରେ ବସବାସ କରୁଥିବା ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଡିପିଏସ୍ କଳିଙ୍ଗ ଦ୍ୱାଦଶ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଫୁଲନଖରା, ୩।୭ (ସମିସ):** କଟକ ସଦର ଥାନା ଅନ୍ତର୍ଗତ ଦିଲ୍ଲୀ ପବ୍ଲିକ୍ ସ୍କୁଲ, କଳିଙ୍ଗର ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ଆୟୋଜିତ ଏକ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ଶତାଧିକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରଶଂସନୀୟ ଶିକ୍ଷାଗତ ସଫଳତା ପାଇଁ ଟ୍ରଫି, ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ରେଭେନ୍ସା ବିଶ୍ୱାବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଅର୍କକୁମାର ଦାସ ମହାପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପୁରାତନ ଛାତ୍ର ଅମ୍ଲାନ ପାତ୍ରୋ, ବିଦ୍ୟାଳୟର ପ୍ରୋ ଭାଇସ୍ ଚେୟାରପର୍ସନ ମାଳା ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ




ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ଉପାଧ୍ୟକ୍ଷା ସ୍ୱାତି ନାଥ, ପ୍ରଧାନଶିକ୍ଷକ ମୁସ୍ତାକ ଅହମ୍ମଦଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଯୋଗ ସାଧନା କେନ୍ଦ୍ର ପ୍ରତିଷ୍ଠା ଦିବସ

**କଟକ, ୩।୭ (ସମିସ):** ସିଦ୍ଧ ମହାବୀର ସାନ୍ଧ୍ୟ ଯୋଗ ସାଧନା କେନ୍ଦ୍ରର ପ୍ରତିଷ୍ଠା ଦିବସ ସମାରୋହ ଗତ କାଲି ଅନୁଷ୍ଠିତ ହୋଇଯାଇଛି। ସିଡିଏ ସେକ୍ଟର ୮ସ୍ଥିତ ଶିବ ଶକ୍ତି ସିଦ୍ଧ ଯୋଗ ଆଶ୍ରମ ପରିସରରେ ଆୟୋଜିତ ଏହି



ଉତ୍ସବରେ ଭାରତୀୟ ଯୋଗ ସଂସ୍ଥାନର ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ରଘୁନାଥ ରେଡ୍ଡୀ, ମଞ୍ଜୁଳା ମିଶ୍ର, ଜିଲ୍ଲା ପ୍ରମୁଖ କେଦାରନାଥ ଜାଲି, ଡଃ ଶୈଳଜା ନନ୍ଦିନୀ ଜେନା, ଉପଦେଷ୍ଟା ଡଃ ସତ୍ୟ ରାୟ, ରାଜକିଶୋର ଦାଶ ଓ ଶଶିଭୂଷଣ ପ୍ରଧାନ ଉନ୍ନତ ଜୀବନ ଶୈଳୀ ପାଇଁ ଯୋଗା ଭ୍ୟାସ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ କରିଥିଲେ। କବିତା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନନ୍ଦିତା ନାୟକ, ସୁଧାଂଶୁ ବାଳା ମହାନ୍ତି, ମନସ୍ୱିନୀ ପ୍ରଧାନ, ମଞ୍ଜୁଳା ପାତ୍ରୀ, ସଂଯୁକ୍ତା ମହାପାତ୍ର, କଳ୍ପନା ନାୟକ ଓ ଜୟଶ୍ରୀ ଦାସ ଯୋଗାଭ୍ୟାସ କରାଇଥିଲେ।

## ଚାରା ରୋପଣ

**କଟକ, ୩।୭ (ସମିସ):** ରୋଟାରୀ କ୍ଲବ କଟକ ମହାନଦୀ ଏବଂ କାର୍ସିନୋଭା କ୍ୟାନ୍ସର ହସ୍ପିଟାଲ କଟକ ମିଳିତ ସହଯୋଗରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରୋଟାରୀଆନ ସୌମ୍ୟ ରଞ୍ଜନ ମିଶ୍ର ପୂର୍ବତନ ପ୍ରାନ୍ତପାଳ ଯୋଗ ଦେଇଥିଲେ। ସେ ଡ଼କ୍ଟର କ୍ଷିତୀଶ କୁମାର ମିଶ୍ର, ପରିଚାଳନା ନିର୍ଦ୍ଦେଶକ କାରସିନୋଭା କ୍ୟାନ୍ସର ହସ୍ପିଟାଲ କଟକ ଡ଼କ୍ଟର ପ୍ରଜ୍ଞା ପାରମିତା ମିଶ୍ର ନିର୍ଦ୍ଦେଶକ ଓ ଅଧିଷ୍ଠାତ୍ରୀ କାରସିଇନୋଭା କ୍ୟାନ୍ସର ହସ୍ପିଟାଲଙ୍କ ସହ ଡାକ୍ତର ଅମୂଲ୍ୟ ରଞ୍ଜନ ଦାଶ, ଡାକ୍ତର ଆଶିଷ ନୀଳମାଧବ, ଡାକ୍ତର ସମୀର କୁମାର ମହନ୍ତ, ଅନ୍ୟ ୬ ଜଣ ଡ଼କ୍ଟର୍ସଙ୍କ ସହ ଚାର୍ଟର୍ଡ଼ ହିସାବ ରକ୍ଷକ ସମୀର ରଞ୍ଜନ ପରିଜା ସମ୍ମାନିତ କରିବା ସହ ରୋଟାରୀ ମାନପତ୍ର ପ୍ରଦାନ କରିଥିଲେ। କାର୍ସିନୋଭା ହସ୍ପିଟାଲ ପରିସୀମାରେ ଉଭୟ ପକ୍ଷରୁ ଡ଼କ୍ଟର ପ୍ରଜ୍ଞା ପାରମିତା ମିଶ୍ରଙ୍କ ସହ ଅତିଥିମାନେ ଚାରା ରୋପଣ କରିଥିଲେ। ଡ଼କ୍ଟର ପ୍ରଜ୍ଞା ପାରମିତା ମିଶ୍ର ଓ ଡ଼କ୍ଟର କ୍ଷିତୀଶ ମିଶ୍ର ମୁଖ୍ୟ ଅତିଥି ରୋଟାରୀଆନ ଶ୍ରୀ ମିଶ୍ର ପୂର୍ବତନ ପ୍ରାନ୍ତପାଳଙ୍କ ସହ ସହାୟକ ପ୍ରାନ୍ତପାଳ ବିପିନି ବିହାରୀ ପଣ୍ଡା ରୋଟାରୀ କ୍ଲବ କଟକ ମହାନଦୀ ର ଶଭାପତି ମହେନ୍ଦ୍ର ଦାସ, ସମ୍ପାଦକ ପବିତ୍ର ମହାନ୍ତି, ପୂର୍ବତନ ସଭାପତି ରୋଟାରୀଆନ ସୁଜାତା ମହାପାତ୍ର, ସରିତା ମିଶ୍ର, ସଞ୍ଜୟ ଛାପୋଲିଆ, ଅଙ୍କିତ ଭୁତ ଶି. କେ ଭାଗ୍ୟଶ୍ରୀ, ଶାନ୍ତନୁ ଦାସ, ସବିତା ପରିଡ଼ାଙ୍କୁ ସମ୍ମାନିତ କରିଥିଲେ। ରୋଟାରୀଆନ ସୁଜାତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ଭାରତୀ ସେବା ଟ୍ରଷ୍ଟର ସଭା

**କଟକ, ୩।୭ (ସମିସ):** ଖାନନଗରର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସକାଳ ଦଶଟା ସମୟରେ ଉତ୍କଳ ଭାରତୀ ସେବା ଟ୍ରଷ୍ଟ ର ମୁଖ୍ୟ ଉପଦେଷ୍ଟା ନାଟ୍ୟକାର ସଞ୍ଜିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ବସନ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତିଷ୍ଠାତା ଟ୍ରଷ୍ଟି ନିବାସଚନ୍ଦ୍ର ମିଶ୍ର ୨୦୧୨ରୁ ଟ୍ରଷ୍ଟ ମାନବ ସେବାଠାରୁ ଆରମ୍ଭ କରି ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ସହ ଆଧୁନିକ ଚେତନାର ପ୍ରସାର କ୍ଷେତ୍ରରେ କାର୍ଯ୍ୟ କରିଆସୁଛି ତାହା ଆଲୋଚନା କରିଥିଲେ। ଟ୍ରଷ୍ଟର ନୂତନ କର୍ମକର୍ତ୍ତା ଭାବେ ସଭାପତି ଡାକ୍ତର ରବିରଞ୍ଜନ ସାହୁ, କାର୍ଯ୍ୟକାରୀ ସଭାପତି ଡଃ ସିଦ୍ଧାର୍ଥ ସାହୁ, ଉପସଭାପତି ଅଦ୍ୱୈତ ପ୍ରଧାନ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଡଃ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଦସ୍ୟ ଗୋପାଳଚନ୍ଦ୍ର ମିଶ୍ର, ପ୍ରଶାନ୍ତ ଜେନା, ରଞ୍ଜନ ସାହୁ ଟ୍ରଷ୍ଟର ଦାୟିତ୍ୱ ସମ୍ପାଦନା କରିବେ ବୋଲି ନିଷ୍ପତ୍ତି କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଆଗାମୀ ଦିନରେ ବୃକ୍ଷ ରୋପଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଶିବିରର କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ନିମନ୍ତ୍ରିତ ସଦସ୍ୟ ଭାବେ ଶ୍ରୀକାନ୍ତ ବେହେରା, ଜଗଦୀଶ ପାଣିଗ୍ରାହୀ, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିକ୍ରମ ଲେଙ୍କା, ମନୋଜ ସାହୁ ପରିଚାଳନାରେ ସହାୟତା କରିଥିଲେ। ଟ୍ରଷ୍ଟର କୋଷାଧ୍ୟକ୍ଷ ଡଃ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

- ତୃତୀୟ ଦିନରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ

# ଠିକା, ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ଭରସାରେ ୯୦ ହଜାର ରୋଗୀ

**ଟିଗିରିଆ, ୩।୭ (ସମିସ):** ଓମସା ଆହ୍ୱାନ କମିଟିର ନିର୍ଦ୍ଦେଶକ୍ରମେ ୧୦ ଦଫା ଦାବିନେଇ ଟିଗିରିଆ ବ୍ଲକର ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୬ ଜଣ ନିୟମିତ ଡାକ୍ତର ଜରୁରିକାଳୀନ ସେବା ସହିତ ସମସ୍ତ ଚିକିତ୍ସା ସେବା ଗତ ୩ ଦିନ ଧରି ବନ୍ଦ କରିଛନ୍ତି। ଏହାର ପ୍ରଭାବ ଟିଗିରିଆ ବ୍ଲକରେ ଥିବା ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ବ୍ଲକର ୯୦ ହଜାର ଜନସାଧାରଣ କାର୍ଯ୍ୟରତ ଜଣେ ଠିକା ଡାକ୍ତର, ୫ ଜଣ ଆୟୁଷ ଡାକ୍ତର, ୬ ଜଣ ଫାର୍ମାସିଷ୍ଟଙ୍କ ଭରସାରେ ରହିଛନ୍ତି। ଏଥିରୁ ରୋଗୀ ସେବା କିଭଳି ଚାଲିଛି ତାହା ସହଜରେ ଅନୁମେୟ। ସ୍ୱାସ୍ଥ୍ୟ ବିଭାଗ ପରି ଏକ ସ୍ପର୍ଶକାତର ବିଭାଗରେ କାର୍ଯ୍ୟରତ ଡାକ୍ତରମାନେ ଅନିର୍ଦ୍ଦିଷ୍ଟ ଆନ୍ଦୋଳନରେ ବସିଥିବା ବେଳେ ସରକାର ବର୍ତ୍ତମାନ ସୁଦ୍ଧା ଏହି ସମସ୍ୟାର ସମାଧାନ ଦିଗରେ ଆଖିଦୃଶିଆ ପଦକ୍ଷେପ ଏ ପର୍ଯ୍ୟନ୍ତ ଗ୍ରହଣ କରିନଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଯୋଗ୍ୟତା ତାରିଖରୁ କେନ୍ଦ୍ରୀୟ ଦରମା ଗଠନ ଅନୁଯାୟୀ ଡିଏସିପି, ଓଏମଏଚଏସ କ୍ୟାଡରର ଦରମା ଗଠନ, ସମସ୍ତ ଗ୍ରେଡର ସମାନୁପାତିକ କ୍ୟାଡର ପୁନର୍ଗଠନ, ସୁପର ସ୍ପେସାଲିଷ୍ଟ, ବିଶେଷଜ୍ଞ, ଡିପ୍ଲୋମା, ପ୍ରଶାସକଙ୍କ ପାଇଁ ବର୍ଦ୍ଧିତ ପ୍ରୋତ୍ସାହନ ଦାବି, କେବିକେ, କେବିକେ ପ୍ଲସ ଏବଂ ଟିଏସପି କ୍ଷେତ୍ରରେ ୩ ବର୍ଷର ଏକଜିଟ ନୀତି କାର୍ଯ୍ୟକାରୀ, ଦନ୍ତ କ୍ୟାଡର ମାନଙ୍କୁ ଡ଼ିଏସିପି ବିଶେଷଜ୍ଞ ଭତ୍ତା ପୁନର୍ଗଠନ କରାଯିବା, ଓଏମଏଚଏସ କ୍ୟାଡର ପାଇଁ କ୍ୟାପିଟାଲ ହସ୍ପିଟାଲ ନିର୍ମାଣ, ନିୟମିତ ବାର୍ଷିକ ଓପିଏସସି ନିଯୁକ୍ତି, ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭିତରେ ଅପରାଧମୁକ୍ତ କରିବା ପାଇଁ ୨୪ ଘଣ୍ଟିଆ ପୁଲିସ ପୋଷ୍ଟ ସହିତ ରାଜ୍ୟ ମେଡିକେୟାର ଆଇନର ସଂଶୋଧନ, ଆଡ଼ହକ୍ ଡାକ୍ତରଙ୍କୁ ନିୟମିତ କରିବା ଏବଂ ଡ଼ିଏସିପି ପାଇଁ ଆଡ଼ହକ୍ ଓ ଚୁକ୍ତିଭିତ୍ତିକ ଡାକ୍ତରଙ୍କ ସେବା ଅବଧି ଅନ୍ତର୍ଭୁକ୍ତ କରିବା, ସମସ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଦାବିରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ତିନିଦିନ ଧରି ଡାକ୍ତରମାନେ ରୋଗୀ ସେବାରୁ ନିଜକୁ ନିବୃତ ରଖିଥିବାରୁ ସ୍ଥାନୀୟ ତଥା ଦୂରଦୁରାନ୍ତରୁ ଆସିଥିବା ରୋଗୀମାନେ ଡାକ୍ତରଙ୍କୁ ନପାଇ ବିଭିନ୍ନ ସମସ୍ୟା ଭୋଗ କରିଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚୁକ୍ତି ଭିତ୍ତିକ ଡାକ୍ତର, ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ନେଇ କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ଆଗକୁ ଡାକ୍ତରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ନ ହେଲେ ବ୍ଲକରେ ରୋଗୀସେବା ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସରକାର ଯଥାଶୀଘ୍ର ଡାକ୍ତରଙ୍କ ଦାବି ମାନି ନେବାକୁ ସାଧାରଣରୁ ଦାବି ହୋଇଛି।

ସରକାର ବର୍ତ୍ତମାନ ସୁଦ୍ଧା ଏହି ସମସ୍ୟାର ସମାଧାନ ଦିଗରେ ଆଖିଦୃଶିଆ ପଦକ୍ଷେପ ଏ ପର୍ଯ୍ୟନ୍ତ ଗ୍ରହଣ କରି ନଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଆଗକୁ ଡାକ୍ତରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ନ ହେଲେ ବ୍ଲକରେ ରୋଗୀସେବା ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସରକାର ଯଥାଶୀଘ୍ର ଡାକ୍ତରଙ୍କ ଦାବି ମାନି ନେବାକୁ ଦାବି ହୋଇଛି।

## କାମ କରୁନି ଇ-ପସ୍ ମେସିନ୍

# ମିଳୁନି ଅନ୍ନପୂର୍ଣ୍ଣା ଚାଉଳ: ରୋଷର ଶିକାର ହେଉଛନ୍ତି ଖୁଚୁରା ବିକ୍ରେତା

କଟକ, ୩।୭ (ସମିସ)

ସିଏମ୍‌ସି ଅଞ୍ଚଳରେ ସାଧାରଣ ଚାଉଳ ବଣ୍ଟନ ବ୍ୟବସ୍ଥାରେ ଏକ ବଡ଼ଧରଣର ସମସ୍ୟା ଦେଖାଦେଇଛି। ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଚାଉଳ ବଣ୍ଟନ ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡ଼ିଛି। ଚାଉଳ ବଣ୍ଟନ ପାଇଁ ଉଦ୍ଦିଷ୍ଟ ଇପିଓଏସ୍ ମେସିନ୍‌ର ସର୍ଭର କାମ କରୁ ନଥିବାରୁ ଗରିବ ଲୋକଙ୍କୁ ଚାଉଳ ମିଳିପାରୁ ନାହିଁ। ଏହି ଯାନ୍ତ୍ରିକ ତ୍ରୁଟି ଓ ସର୍ଭର ଡାଉନ୍ ସମସ୍ୟା ଯୋଗୁଁ ସହରର ହଜାର ହଜାର ରାସନ କାର୍ଡଧାରୀ ହନ୍ତସନ୍ତ ହେଉଥିବା ବେଳେ ଖୁଚୁରା ବିକ୍ରେତା ବା ରିଟେଲ ଡିଲରମାନେ ମଧ୍ୟ ଅଯଥାରେ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମହାନଗର ଅଞ୍ଚଳରେ ଥିବା ପ୍ରାୟ ସମସ୍ତ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ଆଗରେ ଚାଉଳ ପାଇଁ କାର୍ଡଧାରୀମାନଙ୍କର ଦୀର୍ଘ ସମୟ ଧରି ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ଦିନ ମଜୁରିଆ ଓ ଗରିବ ପରିବାରର ଲୋକେ ନିଜର କାମଧନ୍ଦା ଛାଡ଼ି ଭୋର ସମୟରୁ ରାସନ ଦୋକାନ ଆଗରେ ଭିଡ଼ ଜମାଉଛନ୍ତି। ମାତ୍ର ମେସିନ ସଠିକ୍ ଭାବେ କାମ କରୁ ନଥିବାରୁ ଏବଂ ଆଙ୍ଗୁଠି ଚିହ୍ନ ନେଉ ନଥିବାରୁ ଡିଲରମାନେ ଚାଉଳ ବାଣ୍ଟିବାକୁ ସମର୍ଥ ହେଉନାହାନ୍ତି। ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ଚାଉଳ ନମିଳିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଚାଉଳ ନମିଳିବା କାରଣରୁ ସହରର ଅନେକ ସ୍ଥାନରେ ଖୁଚୁରା ବିକ୍ରେତା ଏବଂ କାର୍ଡଧାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ, ପାଟିତୁଣ୍ଡ, ବଚସା ଓ ଉତ୍ତେଜନା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଏହି ସମସ୍ୟା ସମ୍ପର୍କରେ ଖୁଚୁରା ବିକ୍ରେତାମାନେ କଟକ ଜିଲ୍ଲା ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବାରମ୍ବାର ଜଣାଇଛନ୍ତି। ମାତ୍ର ବିଭାଗୀୟ ଅଧିକାରୀମାନେ ଏହି ସମସ୍ୟା ବାବଦରେ ସମ୍ପୂର୍ଣ୍ଣ ଅବଗତ ଥିଲେ ହେଁ କୌଣସି ପଦକ୍ଷେପ ନେଉନାହାନ୍ତି। ଏହି ସମସ୍ୟା ସେମାନଙ୍କ ନିୟନ୍ତ୍ରଣ ବାହାରେ ଏବଂ ଏଥିପାଇଁ ସେମାନେ କିଛି କରିବାକୁ ଅସମର୍ଥ ବୋଲି କହି ଅଧିକାରୀମାନେ ନିଜ ଦାୟିତ୍ୱ ଏଡ଼ାଇ ଯାଉଛନ୍ତି। ଚଳିତ ମାସ ୧୫ ତାରିଖ ଭିତରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଚାଉଳ ବଣ୍ଟନ କାର୍ଯ୍ୟ ଶେଷ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ମାତ୍ର ବର୍ତ୍ତମାନ ଯେଉଁଭଳି ଭାବେ ସର୍ଭର ସମସ୍ୟା ଦେଖାଦେଇଛି, ସେଥିରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଉଳ ବଣ୍ଟନ କିଭଳି ଶେଷ ହେବ, ସେନେଇ ଖୁଚୁରା ବିକ୍ରେତାମାନଙ୍କ ମଧ୍ୟରେ ଚିନ୍ତାର ବିଷୟ ହୋଇଛି। ଯୋଗାଣ ବିଭାଗ ଏହାକୁ ନିଜ ପରିସରଭୁକ୍ତ କାର୍ଯ୍ୟ ନୁହେଁ ବୋଲି କହି ଏଡ଼ାଇ ଯାଉଥିବା ବେଳେ ଆଞ୍ଚଳିକ ଯୋଗାଣ ପ୍ରଶାସନ କୌଣସି ପଦକ୍ଷେପ ନେଇ ନପାରିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କଟକ ରିଟେଲ ଡିଲର୍ସ ଆସୋସିଏସନର କାର୍ଯ୍ୟକାରୀ ସଭାପତି ସୈୟଦ୍ ଏକ୍ରାମ ହୁସେନ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଯଦି ସରକାରୀ ଯୋଗାଣ ବିଭାଗ ଏହି ବଣ୍ଟନ ବ୍ୟବସ୍ଥାର ସମସ୍ୟା ସମାଧାନ କରିବାକୁ ସକ୍ଷମ ନୁହେଁ, ତେବେ ଗରିବ କାର୍ଡଧାରୀ ଓ ଖୁଚୁରା ବିକ୍ରେତାଙ୍କ ଏହି ସମସ୍ୟାର ସମାଧାନ ପାଇଁ ପ୍ରକୃତ ଉତ୍ତରଦାୟୀ କିଏ, ତାହା ରାଜ୍ୟ ଯୋଗାଣ ବିଭାଗ ତୁରନ୍ତ ସ୍ପଷ୍ଟ କରୁ। ଏହା ସହିତ ସେ ଯୋଗାଣ ପ୍ରଶାସନକୁ ଚେତାବନୀ ଦେଇ କହିଛନ୍ତି ଯେ ଯଦି ତୁରନ୍ତ ଏହି ସର୍ଭର ସମସ୍ୟାର ସ୍ଥାୟୀ ସମାଧାନ କରା ନଯାଏ, ତେବେ ସମସ୍ତ ଖୁଚୁରା ବିକ୍ରେତା ନିଜ ନିଜର ଅଚଳ ଇପିଓଏସ୍ ମେସିନଗୁଡ଼ିକ ଧରି ଯୋଗାଣ କାର୍ଯ୍ୟାଳୟରେ ଫେରସ୍ତ କରିବାକୁ ବାଧ ହେବେ ବୋଲି ସଂଘ ସ୍ପଷ୍ଟ କରିଦେଇଛି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୪୦
- ପାଉଣ୍ଡ ୧୨୫.୭୦
- ୟୁରୋ ୧୦୯.୨୧
- ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୪,୭୫୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୭୬୩.୦୦
- ନିଫ୍ଟି ୨୪,୨୭୦.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

# ସେବା କ୍ଷେତ୍ରରେ ମାନ୍ଦାବସ୍ଥା

## ନିଯୁକ୍ତି ସହ ଘରୋଇ ଚାହିଦାରେ ହ୍ରାସ




**ନୂଆଦିଲ୍ଲୀ,୩।୭ (ଏଜେନ୍ସି):** ଘରୋଇ ଚାହିଦାରେ ହ୍ରାସ, ନୂତନ ବ୍ୟବସାୟ ଅଭିବୃଦ୍ଧିରେ ହ୍ରାସ ଏବଂ ନିଯୁକ୍ତିରେ ହ୍ରାସ ଯୋଗୁଁ ଜୁନ୍ ମାସରେ ଭାରତର ସେବା କ୍ଷେତ୍ରଘୋର ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଛି। ଫଳରେ ସେବା କ୍ଷେତ୍ରରେ ଅଭିବୃଦ୍ଧି ୧୭ ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି, ଯାହା ଏହାର ସାମଗ୍ରିକ କାର୍ଯ୍ୟକଳାପକୁ ପ୍ରଭାବିତ କରିଛି। ଶୁକ୍ରବାର ପ୍ରକାଶିତ ଏଚ୍‌ଏସ୍‌ବିସି ଇଣ୍ଡିଆ ସେବା ପିଏମ୍‌ଆଇ ସର୍ଭେ ରିପୋର୍ଟରେ ଏହା ପ୍ରକାଶ କରିଛି। ଋତୁକାଳୀନ ଭାବରେ ସଂଯୋଜିତ ଏଚ୍‌ଏସ୍‌ବିସି ଇଣ୍ଡିଆ ସେବା ପିଏମ୍‌ଆଇ ବ୍ୟବସାୟ କାର୍ଯ୍ୟକଳାପ ସୂଚକାଙ୍କ ମେ ମାସରେ ୫୯.୮ ରୁ ଜୁନ୍ ମାସରେ ୫୭.୪ କୁ ହ୍ରାସ ପାଇଛି, ଯାହା ୧୭ ମାସ ମଧ୍ୟରେ ସବୁଠାରୁ ମନ୍ଥର ଅଭିବୃଦ୍ଧି। ସୂଚକାଙ୍କ ନିରପେକ୍ଷ ୫୦-ଅଙ୍କ ଉପରେ ରହିଥିବାବେଳେ, ଅଭିବୃଦ୍ଧିର ଗତି ଯଥେଷ୍ଟ ହ୍ରାସ ପାଇଛି। ଅନେକ କମ୍ପାନୀ କଷ୍ଟକର ବଜାର ପରିସ୍ଥିତି ଏବଂ କିଛି ସେବା ପ୍ରତି ଗ୍ରାହକଙ୍କ ଆଗ୍ରହ ହ୍ରାସ କରିଥିବା ଉଲ୍ଲେଖ କରିଛନ୍ତି। ଏହା ମାସ ମଧ୍ୟରେ ବିକ୍ରି ଏବଂ ଉତ୍ପାଦନକୁ ପ୍ରଭାବିତ କରିଛି।

ଏହି ମାନ୍ଦାବସ୍ଥା ଅଢ଼େଇ ବର୍ଷରୁ ଅଧିକ ସମୟ ମଧ୍ୟରେ ନୂତନ ଅର୍ଡରରେ ସର୍ବନିମ୍ନ ଅଭିବୃଦ୍ଧି ଯୋଗୁଁ ହୋଇଥିଲା, ଯାହା ଘରୋଇ ଚାହିଦା ଦୁର୍ବଳ ହେବା ପ୍ରତିଫଳିତ କରେ। ଏପ୍ରିଲ ଏବଂ ମେ' ମାସରେ ନିଯୁକ୍ତି ଦୃଢ଼ ଥିଲା। ପରବର୍ତ୍ତୀ ସମୟରେ, ଜୁନ୍ ମାସରେ ସର୍ଭେ କରାଯାଇଥିବା କମ୍ପାନୀଗୁଡ଼ିକ ମଧ୍ୟରୁ କେବଳ ୧% ନୂତନ ନିଯୁକ୍ତି ରିପୋର୍ଟ କରିଥିଲେ, ଯାହା ଫଳରେ ନିଯୁକ୍ତି କାର୍ଯ୍ୟକଳାପ ପ୍ରାୟ ବନ୍ଦ ହୋଇଯାଇଥିଲା। ଏଚ୍‌ଏସ୍‌ବିସିର ମୁଖ୍ୟ ଭାରତୀୟ ଅର୍ଥନୀତିଜ୍ଞ ପ୍ରାଞ୍ଜୁଲ ଭଣ୍ଡାରୀ କହିଛନ୍ତି, ଭାରତର ସେବା ପିଏମ୍‌ଆଇ ଅଭିବୃଦ୍ଧି କ୍ଷେତ୍ରରେ ରହିଛି। ତଥାପି, ଏହା ଜୁନ୍ ମାସରେ ୫୭.୪ କୁ ଖସି ଆସିଥିଲା, ଯାହା ୧୭ ମାସ ମଧ୍ୟରେ ସର୍ବନିମ୍ନ। ଅଭିବୃଦ୍ଧିରେ ହ୍ରାସ ବିଶେଷକରି ଘରୋଇ ସ୍ତରରେ କଷ୍ଟକର ବଜାର ପରିସ୍ଥିତି ଏବଂ ଦୁର୍ବଳ ଚାହିଦାକୁ ସୂଚାଇଥାଏ। ରଏଟର୍ସ ଅନୁଯାୟୀ, ବ୍ୟବସାୟିକ ବିଶ୍ୱାସ ମଧ୍ୟ ଦୁର୍ବଳ ହୋଇ ପାଞ୍ଚ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। କମ୍ପାନୀଗୁଡ଼ିକ କଷ୍ଟକର ଆର୍ଥିକ ପରିସ୍ଥିତି, ବର୍ଦ୍ଧିତ ପ୍ରତିଯୋଗିତା ଏବଂ ଟଙ୍କା ମୂଲ୍ୟରେ ହ୍ରାସକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ଦୁର୍ବଳ ଘରୋଇ ଚାହିଦା ସତ୍ତ୍ୱେ, ବିଦେଶୀ ବ୍ୟବସାୟ ଏହି କ୍ଷେତ୍ରକୁ ସମର୍ଥନ କରିଥିଲା। କମ୍ପାନୀଗୁଡ଼ିକ ତିନି ମାସରେ ରପ୍ତାନି ଅର୍ଡରରେ ସର୍ବାଧିକ ବୃଦ୍ଧି ରେକର୍ଡ କରିଥିଲେ। ବିଶେଷକରି ଅଷ୍ଟ୍ରେଲିଆ, ବେଲଜିୟମ, କାନାଡା, ଜର୍ମାନୀ, ମାଲେସିଆ, ନେପାଳ, ଓମାନ, କତାର, ସିଙ୍ଗାପୁର, ୟୁଏଇ ଏବଂ ଯୁକ୍ତରାଷ୍ଟ୍ରର ଗ୍ରାହକମାନଙ୍କଠାରୁ ଉନ୍ନତ ଚାହିଦା ଯୋଗୁ ରପ୍ତାନି ବଢ଼ିଥିଲା। ୨୦୨୫ ନଭେମ୍ବର ପରଠାରୁ ଉତ୍ପାଦନ ଖର୍ଚ୍ଚ ଜନିତ ମୁଦ୍ରାସ୍ଫୀତି ସର୍ବନିମ୍ନ ସ୍ତରକୁ ଖସିଯାଇଛି, ଯେତେବେଳେ କି ଉତ୍ପାଦନ ମୂଲ୍ୟ ଜନିତ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଏହା ମଧ୍ୟପ୍ରାଚ୍ୟରେ ଭୂ-ରାଜନୈତିକ ଉତ୍ତେଜନା ହ୍ରାସ ପାଇବା ସହିତ, ଇନପୁଟ୍ ଖର୍ଚ୍ଚ ଏବଂ ଆଉଟପୁଟ୍ ଚାର୍ଜରେ ମୁଦ୍ରାସ୍ଫୀତି ମଧ୍ୟ ହ୍ରାସ ପାଇଛି।

ଏଚ୍‌ଏସ୍‌ବିସି ଇଣ୍ଡିଆ କମ୍ପୋଜିଟ୍ ପିଏମ୍‌ଆଇ ଆଉଟପୁଟ୍ ଇଣ୍ଡେକ୍ସ ମେ' ମାସରେ ୫୯.୩ ରୁ ଜୁନରେ ୫୭.୧ କୁ ହ୍ରାସ ପାଇଛି, ଯାହା ଘରୋଇ କ୍ଷେତ୍ରରେ ମନ୍ଥର ଅଭିବୃଦ୍ଧିକୁ ସୂଚିତ କରୁଛି। ଏଥିରେ ଉତ୍ପାଦନ ଏବଂ ସେବା କ୍ଷେତ୍ରର କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ମୋଟ ବିକ୍ରିରେ ଅଭିବୃଦ୍ଧିର ଗତି ଗତ ତିନି ମାସରେ ସବୁଠାରୁ ମନ୍ଥର ଥିଲା। ନିଯୁକ୍ତିରେ ଅଭିବୃଦ୍ଧିର ଗତି ସର୍ବକାଳୀନ ସର୍ବନିମ୍ନ ସ୍ତରକୁ ହ୍ରାସ ପାଇଛି। ଯେତେବେଳେ କି ବିଦେଶୀ ଅର୍ଡରରେ ଅଭିବୃଦ୍ଧିର ଗତି ପ୍ରାୟ ଦୁଇ ବର୍ଷ ମଧ୍ୟରେ ସବୁଠାରୁ ମନ୍ଥର ରହିଥିଲା। ଭଣ୍ଡାରୀ କହିଛନ୍ତି, 'ବ୍ୟାପୀ ମାନ୍ଦାବସ୍ଥା ଯୋଗୁଁ ଭାରତର କମ୍ପୋଜିଟ୍ ପିଏମ୍‌ଆଇ ମେ' ମାସରେ ୫୯.୩ ରୁ ଜୁନ୍ ମାସରେ ୫୭.୧ କୁ ହ୍ରାସ ପାଇଛି। ଏହା ସହିତ, ବିକ୍ରି ପରିମାଣରେ ହ୍ରାସ ନିଯୁକ୍ତି ସୃଷ୍ଟିରେ ମାନ୍ଦାବସ୍ଥା ଏବଂ ମୂଲ୍ୟରେ କମ୍ ଅଭିବୃଦ୍ଧି ଦେଖାଦେଇଛି। ସେବା କ୍ଷେତ୍ରର ପ୍ରାୟ ୪୦୦ କମ୍ପାନୀରୁ ମିଳିଥିବା ପ୍ରତିକ୍ରିୟା ଉପରେ ଆଧାର କରି ଏସ୍‌ଆଣ୍ଡପି ଗ୍ଲୋବାଲ୍ ଦ୍ୱାରା ଏଚ୍‌ଏସ୍‌ବିସି ଇଣ୍ଡିଆ ସର୍ଭିସ୍ ପିଏମ୍‌ଆଇ ପ୍ରସ୍ତୁତ କରାଯାଇଛି।

## ଭୂ-ରାଜନୈତିକ ଅସ୍ଥିରତାରେ ସୁନା ମୂଲ୍ୟ ପ୍ରଭାବିତ

**ନୂଆଦିଲ୍ଲୀ,୩।୭ (ଏଜେନ୍ସି):** ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ୍ ଦ୍ୱାରା ପ୍ରକାଶିତ ଗୋଲ୍ଡ ମିଡ-ଇୟର ଆଉଟଲୁକ ୨୦୨୬ ଅନୁଯାୟୀ, ଚଳିତ ବର୍ଷ ଏକ ଅସ୍ଥିର ଆରମ୍ଭ ପରେ ସୁନା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ୱିତୀୟ ଅର୍ଦ୍ଧଭାଗର ସମ୍ମୁଖୀନ ହେଉଛି ଯାହା ଭୂ-ରାଜନୀତି, ମୂଲ୍ୟ ବୃଦ୍ଧି ଓ ନିବେଶକଙ୍କ ଭାବନାର ଅନିଶ୍ଚିତତା ଦ୍ୱାରା ନୂଆ ରୂପ ନେବ। ସୁନା ମୂଲ୍ୟ ୧୨ ଥରରୁ ଅଧିକ ସମୟ ପାଇଁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା ଏବଂ ଜୁନରେ ୪୦୦୨ ଡଲାର/ଆଉନ୍ସର ଏକ ନିମ୍ନ ସ୍ତରକୁ ହ୍ରାସ ପାଇବା ପୂର୍ବରୁ ଗତ ଜୁନ ମାସ ଶେଷ ଆଡକୁ ୫୪୦୫ ଡଲାର/ଆଉନ୍ସର ରେକର୍ଡ ସ୍ତରରେ ପହଂଚିଥିଲା- ଏହି ଅସ୍ଥିରତା କାରଣରୁ ସୁନା ମୂଲ୍ୟରେ ଚଳିତ ବର୍ଷ ୭% ହ୍ରାସ ଘଟିଛି ଓ ହାରାହାରି ଅସ୍ଥିରତାରେ ୩୦% ବୃଦ୍ଧି ଦେଖିବାକୁ ମିଳିଛି। ହ୍ରାସ ସତ୍ତ୍ୱେ ବିଗତ ବର୍ଷଗୁଡିକରେ ସୁନା ସବୁଠାରୁ ମଜବୁତ ପ୍ରଦର୍ଶନକାରୀ ସମ୍ପତି ଭାବେ ବଜାୟ ରହିଛି। ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର ଗୋଲ୍ଡ ରିଟର୍ଣ୍ଣ ଆଟ୍ରିବ୍ୟୁଶନ ମଡେଲ (ଜିଆରଏଏମ) ଅନୁଯାୟୀ ନିବେଶକ ସ୍ଥିତି ଓ ଲାଭ ଉଠାଣର ବେଗ ବ୍ୟତୀତ ୟୁଏସ-ଇରାନ ଯୁଦ୍ଧ ଦ୍ୱାରା ପରିଚାଳିତ ବର୍ଦ୍ଧିତ ଭୂରାଜନୈତିକ ବିପଦ, ସୁନାର ପ୍ରଥମାର୍ଦ୍ଧ ପ୍ରଦର୍ଶନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ ଥିଲା। ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲରେ ଆମେରିକାସ୍‌ର ଆଞ୍ଚଳିକ ସିଇଓ ଏବଂ ରିସର୍ଚ୍ଚ ବିଭାଗର ଆନ୍ତର୍ଜାତୀୟ ମୁଖ୍ୟ ଜୁଆନ କାର୍‌ଲୋସ ଆର୍ଟିଗାସ କହିଛନ୍ତି, ଚଳିତ ବର୍ଷ ସୁନା ବଜାର କିଛି ସ୍ପଷ୍ଟତା ଆଣିଛି: ଏହା ବାସ୍ତବରେ ଏକ ଆନ୍ତର୍ଜାତୀୟ ସମ୍ପତି। ସୁନା ମୂଲ୍ୟ କେବଳ ୟୁଏସରେ ନୁହେଁ, ବରଂ ବିଶ୍ୱବ୍ୟାପୀ ଅର୍ଥନୈତିକ ଓ ଭୂ-ରାଜନୈତିକ ଗତିବିଧିକୁ ପ୍ରତିଫଳନ କରୁଛି, ଯାହା ନିବେଶକଙ୍କ ପାଇଁ ଏହାକୁ ଏକ ମୂଲ୍ୟବାନ ଧାତୁରେ ପରିଣତ କରୁଛି।

## ୨୩ତମ ଜାତୀୟ ସିଏ ସମ୍ମିଳନୀ ୨୦୨୬ ଉଦ୍‌ଘାଟିତ



**ଭୁବନେଶ୍ୱର, ୩।୭ (ସମିସ):** 'ଦି ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) ର ଭୁବନେଶ୍ୱର ଶାଖା (ଇଆଇଆର୍‌ସି) ପକ୍ଷରୁ ଆୟୋଜିତ ୨୩ତମ ଜାତୀୟ ସିଏ ସମ୍ମିଳନୀ ୨୦୨୬ ସ୍ଥାନୀୟ ମେ'ଫେୟାର କନଭେନସନଠାରେ ଭବ୍ୟ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବର୍ଷ ଏହି ସମ୍ମିଳନୀର ମୂଳ ବିଷୟବସ୍ତୁ (ଥିମ୍) "ଇନଫିନିଟି – ବିୟଣ୍ଡ ବାଉଣ୍ଡାରିଜ୍" ରହିଛି। ସମ୍ମିଳନୀର ପ୍ରାରମ୍ଭରେ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ସିଏ (ଡ.) ଗୌତମ ଲେଙ୍କା ସ୍ୱାଗତ ଭାଷଣ ଦେଇ ଦେଶର ବଦଳୁଥିବା ଆର୍ଥିକ ଓ ପ୍ରଯୁକ୍ତିଗତ ପରିବେଶରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ବୃଦ୍ଧିଶୀଳ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ କନଫରେନ୍ସ ହୋଷ୍ଟିଂ କମିଟିର ଅଧ୍ୟକ୍ଷ ସିଏ ପ୍ରଶାନ୍ତ ପଣ୍ଡା ସମ୍ମିଳନୀର ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଇସିଏଆଇ କେନ୍ଦ୍ରୀୟ ପରିଷଦ ସଦସ୍ୟ ତଥା କନଫରେନ୍ସ ଡିରେକ୍ଟର ସିଏ ରବି କୁମାର ପଟୱା ଏବଂ ସିଏ ସଞ୍ଜୀବ ସାଙ୍ଘୀ ନିଜ ଅଭିଭାଷଣରେ ସିଏ ପେଶାରେ ଜ୍ଞାନର ଅଦ୍ୟତନ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ବୃତ୍ତିଗତ ଉତ୍କର୍ଷର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଦିଲୀପ ରାୟ ଯୋଗଦେଇଥିଲେ। ଭୁବନେଶ୍ୱର ଶାଖାର ସଚିବ ସିଏ ସୌମ୍ୟ ସୁନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀତା ଅମ୍ବାନୀଙ୍କୁ ଏଏପିଆଇ ମାନବିକ ପୁରସ୍କାର



**ମୁମ୍ବଇ,୩।୭:** ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଅମ୍ବାନୀଙ୍କୁ ଆମେରିକାର ଫ୍ଲୋରିଡାର ଟାମ୍ପାରେ ଆୟୋଜିତ ଏକ ସମାରୋହରେ ଆମେରିକୀୟ ଭାରତୀୟ ଚିକିତ୍ସକ ସଂଘ (ଏଏପିଆଇ) ପକ୍ଷରୁ ପ୍ରତିଷ୍ଠିତ ଏଏପିଆଇ ମାନବିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡା, ସଂସ୍କୃତି, ସମ୍ପ୍ରଦାୟ ବିକାଶ ଏବଂ ସମାଜସେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ଟାମ୍ପାର ମେୟର ଜେନ୍ କାଷ୍ଟର ନୀତା ଅମ୍ବାନୀଙ୍କୁ ଟାମ୍ପାର ଚାବି ପ୍ରଦାନ କରିଥିଲେ। ଏହି ପୁରସ୍କାରକୁ ଆମେରିକାର ପ୍ରମୁଖ ନାଗରିକ ସମ୍ମାନ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, ଯାହା ସମାଜ ଏବଂ ମାନବତା ପାଇଁ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ଦିଆଯାଇଥାଏ।

## ଟାଟା ପାୱାର ଓଡ଼ିଶା ଡିସକମ୍ ପକ୍ଷରୁ 'ବିଦ୍ୟୁତ ସୁରକ୍ଷା ସପ୍ତାହ ୨୦୨୬' ପାଳିତ

**ଭୁବନେଶ୍ୱର,୩।୭ (ସିମସ):** ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡ଼ିକ ପକ୍ଷରୁ ସମଗ୍ର ରାଜ୍ୟରେ 'ବିଦ୍ୟୁତ ସୁରକ୍ଷା ସପ୍ତାହ ୨୦୨୬' ପାଳନ ଅବସରରେ ବିଭିନ୍ନ ଅଭିଯାନ ଆରମ୍ଭ କରାଯାଇଛି। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କ ପାଇଁ ଏକ ଜିରୋ-ହାର୍ମ ପରିବେଶ ସୃଷ୍ଟି କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ଦିଗରେ ଡିସକମ୍ ଗୁଡ଼ିକର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇ, ଓଡ଼ିଶା ଡିସକମ୍ ଗୁଡ଼ିକ ରାଜ୍ୟର ମୁଖ୍ୟ ବିଷୟବସ୍ତୁ ଟୁଡେଜ୍ ଆୱାରନେସ୍, ଟୁମୋରୋଜ୍ ପ୍ରିଭେନସନ୍ ଅଧୀନରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି। ଏହି ସୁରକ୍ଷା ସପ୍ତାହ କର୍ପୋରେଟ୍ ପରିଚାଳନା ଏବଂ ଜନକଲ୍ୟାଣ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବରେ କାର୍ଯ୍ୟ କରୁଛି। ଏହା ସହିତ, ଜୀବନ ରକ୍ଷାକାରୀ ପଦକ୍ଷେପ ଯେପରିକି - ରେସିଡ୍ୟୁଆଲ୍ କରେଣ୍ଟ ସର୍କିଟ୍ ବ୍ରେକର୍ସ (ଆରସିସିବି) ଲଗାଇବା, ଆଇଏସଆଇ ମାର୍କଯୁକ୍ତ ପ୍ରମାଣିତ ବିଦ୍ୟୁତ ସରଞ୍ଜାମ ବ୍ୟବହାର କରିବା, ସକେଟ୍‌ରେ ଅତ୍ୟଧିକ ଲୋଡ୍ ନଦେବା ଏବଂ ବଜ୍ରପାତ ଓ ଘଡ଼ଘଡ଼ି ଭଳି ଖରାପ ପାଗ ସମୟରେ ସୁରକ୍ଷିତ ନିୟମ ପାଳନ କରିବା ଭଳି ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ଗୁଡ଼ିକୁ ଏହି ଅଭିଯାନ ମାଧ୍ୟମରେ ବ୍ୟାପକ ଭାବେ ପ୍ରଚାର ପ୍ରସାର କରାଯାଇଛି।

## ଗଞ୍ଜାମ, ଗଜପତି ଏବଂ ରାୟଗଡ଼ାରେ ଟ୍ରାଇର ନେଟୱାର୍କ ପରୀକ୍ଷଣ

### ୧୮୬ ଏମବିପିଏସ ଡାଉନଲୋଡ୍ ସ୍ପିଡ୍ ସହିତ ଜିଓ ଶୀର୍ଷରେ





**ଭୁବନେଶ୍ୱର,୩।୭ (ସମିସ):** ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟ (ଆଇଡ଼ିଟି) ଫଳାଫଳ ଅନୁଯାୟୀ ଓଡ଼ିଶାର ଅଗ୍ରଣୀ ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ପୁଣି ଥରେ ଏହାର ନେଟୱାର୍କ ପ୍ରାଧାନ୍ୟ ପ୍ରମାଣିତ କରିଛି। ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲ୍ଲାରେ ହୋଇଥିବା ଏହି ପରୀକ୍ଷଣରେ ଜିଓ ପ୍ରାୟ ୯୮ ପ୍ରତିଶତର ସର୍ବାଧିକ ନେଟୱାର୍କ ଉପଲବ୍ଧତା ଏବଂ ସର୍ବାଧିକ ୧୮୬.୦୭ ଏମବିପିଏସ ହାରାହାରି ଡାଟା ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଛି। ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ଦୁଇଗୁଣରୁ ଅଧିକ ରହିଛି। ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟ (ଆଇଡ଼ିଟି) ର ଅଂଶ ସ୍ୱରୂପ, ଟ୍ରାଇ ଏହି ତିନୋଟି ଜିଲ୍ଲାରେ ୨୩ ଏପ୍ରିଲରୁ ୨୫ ଏପ୍ରିଲ ୨୦୨୬ ଯାଏଁ ମୋଟ ୪୪୬ କିଲୋମିଟର ସହର ଡ୍ରାଇଭରେ ନେଟୱାର୍କ ପରୀକ୍ଷା କରିଥିଲା। ଟ୍ରାଇ ଜନବହୁଳ ଅଞ୍ଚଳରେ ଉପଭୋକ୍ତା ଅଭିଜ୍ଞତାକୁ ପ୍ରତିଫଳିତ କରିବା ପାଇଁ ଗଞ୍ଜାମ ରେଳ ଷ୍ଟେସନ, ଗୋପାଳପୁର ବେଳାଭୂମି, ଗୁଣୁପୁର ବସ୍ ଷ୍ଟାଣ୍ଡ, ପାରଳାଖେମୁଣ୍ଡି ବସ୍ ଷ୍ଟାଣ୍ଡ ଏବଂ ମାର୍କେଟ୍ ଷ୍ଟ୍ରିଟ୍, ମୋହନା ବଜାର, ରାୟଗଡା ବଜାର ଏବଂ ଆର ଉଦୟଗିରି ବଜାର ସମେତ ତିନୋଟି ଜିଲ୍ଲାର ଆଠଟି ବ୍ୟସ୍ତବହୁଳ ହଟସ୍ପଟ୍‌ରେ ବାସ୍ତବ ପରିସ୍ଥିତିର ମୂଲ୍ୟାଙ୍କନ କରିଥିଲା। ଟ୍ରାଇ ତଥ୍ୟ ଅନୁସାରେ, ଏହି ପରୀକ୍ଷଣରେ ରିଲାଏନ୍ସ ଜିଓ ସର୍ବାଧିକ ୧୮୬.୦୭ ଏମବିପିଏସ ହାରାହାରି ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଥିବା ବେଳେ ଏହା ପଛକୁ ଏୟାରଟେଲ୍ ୮୧.୭୪ ଏମବିପିଏସ, ଭୋଡାଫୋନ ଆଇଡ଼ିଆ ୧୭.୯୧ ଏମବିପିଏସ ଏବଂ ବିଏସଏନଏଲ ୬.୭୧ ଏମବିପିଏସ ହାରାହାରି ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଥିଲା। ସେହିଭଳି ହାରାହାରି ଅପଲୋଡ୍ ସ୍ପିଡରେ ଜିଓ ୧୩.୪୬ ଏମବିପିଏସର ଦୃଢ଼ ସ୍ପିଡ୍ ବଜାୟ ରଖିଥିଲା।

## ବେଦାନ୍ତ ଲାଞ୍ଜିଗଡର ନୂତନ ସିଲେଇ ତାଲିମ୍ ବ୍ୟାଚ୍



**ଭୁବନେଶ୍ୱର, ୩।୭ (ସମିସ) :** ବେଦାନ୍ତ ଆଲୁମିନିୟମ ଏହାର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ପ୍ରକଳ୍ପ ସଖୀ' ଅଧୀନରେ ଏକ ନୂତନ ସିଲେଇ ତାଲିମ ବ୍ୟାଚର ଶୁଭାରମ୍ଭ ସହିତ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ୨୦୧୫ରେ ଆରମ୍ଭ ପରଠାରୁ ଏହି ପ୍ରକଳ୍ପ ଦକ୍ଷତା ବିକାଶ, ଉଦ୍ୟୋମିତା ଏବଂ ଜୀବିକା ସୁଯୋଗ ମାଧ୍ୟମରେ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରୁଛି । ୫୦୦ ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ସହିତ କାର୍ଯ୍ୟ କରିବା ଏବଂ ଆଖପାଖ ଗାଁର ୫୦୦୦ ରୁ ଅଧିକ ମହିଳାଙ୍କୁ ଏହି ପଦକ୍ଷେପ ଉଭୟ କୃଷି ଏବଂ ଅଣ-କୃଷି କ୍ଷେତ୍ରରେ ୧୯୦୦ ରୁ ଅଧିକ ଆୟକାରୀ ଉଦ୍ୟୋଗ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ଶକ୍ତିମୟୀ ଫାଉଣ୍ଡେସନ ସହିତ ମିଳିତ ଭାବେ କାର୍ଯ୍ୟକାରୀ ହୋଇଥିବା ଏହି କାର୍ଯ୍ୟକ୍ରମ ମହିଳାମାନଙ୍କୁ ବ୍ୟବହାରିକ ଦକ୍ଷତା, ଆର୍ଥିକ ସଚେତନତା ଏବଂ ଜୀବିକା ସହାୟତା ସହିତ ସଜ୍ଜିତ କରିଥାଏ, ଯାହା ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଏବଂ ସେମାନଙ୍କ ପରିବାରର କଲ୍ୟାଣରେ ଅର୍ଥପୂର୍ଣ୍ଣ ଯୋଗଦାନକୁ ସକ୍ଷମ କରୁଥିବା ଲାଞ୍ଜିଗଡ ସ୍ଥିତ ବେଦାନ୍ତ ଆଲୁମିନିୟମ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି।

## ମେଟାକୁ ସରକାରଙ୍କ ସମନ୍





**ଇନଷ୍ଟାଗ୍ରାମ ବିଜ୍ଞାପନରେ ଶିଶୁ ଯୌନ ନିର୍ଯାତନାକୁ ପ୍ରୋତ୍ସାହନ**

**ନୂଆଦିଲ୍ଲୀ,୩।୭ (ଏଜେନ୍ସି):** ଇନଷ୍ଟାଗ୍ରାମ ବିଜ୍ଞାପନ ଜରିଆରେ ଶିଶୁ ଯୌନ ନିର୍ଯାତନା ସମ୍ବନ୍ଧୀୟ ସାମଗ୍ରୀର ପ୍ରଚାର କରାଯାଉଥିବା ଅଭିଯୋଗ ଉପରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ମାମଲାରେ ସୋସିଆଲ ମିଡିଆ ସଂସ୍ଥା 'ମେଟା' କୁ ସମନ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ମନ୍ତ୍ରୀ ନିଜ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ଏହି ପ୍ରସଙ୍ଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଫେସବୁକ୍ ଏବଂ ଇନଷ୍ଟାଗ୍ରାମର ମାଲିକାନା ସଂସ୍ଥା ମେଟାର ଅଧିକାରୀମାନେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ଭେଟିଛନ୍ତି।

ଅଭିଯୋଗ ହୋଇଛି ଯେ, ଇନଷ୍ଟାଗ୍ରାମ ପ୍ଲାଟଫର୍ମରେ କିଛି ଏଭଳି ବିଜ୍ଞାପନ ପ୍ରଦର୍ଶିତ ହେଉଛି, ଯାହା ଶିଶୁ ଯୌନ ନିର୍ଯାତନା ଏବଂ ଅଶ୍ଳୀଳତାକୁ ପ୍ରୋତ୍ସାହିତ କରୁଛି। ଭାରତୀୟ ଆଇନ ଏବଂ ଆଇଟି ନିୟମ ଅନୁସାରେ, ଶିଶୁ ସୁରକ୍ଷା ସହ ଜଡ଼ିତ ମାମଲାରେ କୌଣସି ପ୍ରକାରର ସାଲିସ ଗ୍ରହଣଯୋଗ୍ୟ ନୁହେଁ। ପ୍ଲାଟଫର୍ମଗୁଡ଼ିକ ଏଭଳି କଣ୍ଟେଣ୍ଟକୁ ରୋକିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ବାଧ୍ୟତାମୂଳକ। କେନ୍ଦ୍ର ସରକାର ପୂର୍ବରୁ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଭାରତରେ ବ୍ୟବସାୟ କରୁଥିବା ସମସ୍ତ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଦେଶର ଆଇନ ମାନିବାକୁ ପଡ଼ିବ। ବିଶେଷ କରି ଶିଶୁ ଏବଂ ମହିଳାମାନଙ୍କ ସୁରକ୍ଷା ସହ ଜଡ଼ିତ ମାମଲାରେ ସରକାର 'ଜିରୋ ଟଲରାନ୍ସ' ଅର୍ଥାତ୍ କୌଣସି ପ୍ରକାରର କୋହଳ ମନୋଭାବ ରଖିବେ ନାହିଁ। ମେଟାର ଅଧିକାରୀମାନେ ହାଜର ହେବା ପରେ, ସେମାନଙ୍କ ପ୍ଲାଟଫର୍ମରେ ଏଭଳି ବିଜ୍ଞାପନ କିପରି ଏବଂ କାହିଁକି ଚାଲିଲା, ସେ ନେଇ ସରକାର ଜବାବ ମାଗିବେ। ଏହା ସହିତ ଏଭଳି ଆପତ୍ତିଜନକ କଣ୍ଟେଣ୍ଟ ଏବଂ ଆକାଉଣ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ସେମାନେ କଣ ପଦକ୍ଷେପ ନେଉଛନ୍ତି, ତାର ରିପୋର୍ଟ ମଧ୍ୟ ତଲବ କରାଯିବ। ଯଦି କମ୍ପାନୀ ସନ୍ତୋଷଜନକ ଉତ୍ତର ନଦିଏ, ତେବେ ଆଇଟି ଆକ୍ଟ ଅନୁଯାୟୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

## ଭାରତରେ ଇଭିକୁ ସ୍ଥାନାନ୍ତରଣ

# ପ୍ରତି ମାସରେ ୨ ଲକ୍ଷରୁ ଅଧିକ ଇଭି ବିକ୍ରି




### ଓଡ଼ିଶାରେ ନୂଆ ଗାଡ଼ିରେ ଇଭିର ଅଂଶ ୧୦%

### ଓଡ଼ିଶା, ବିହାର, ଉତ୍ତର ପ୍ରଦେଶରେ ଇଭି ଚାର୍ଜିଂ ଭିତ୍ତିଭୂମି ବହୁତ ଖରାପ

**ନୂଆଦିଲ୍ଲୀ,୩।୭ (ଏଜେନ୍ସି):** ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା କେବଳ ଅଶୋଧିତ ତୈଳ ମୂଲ୍ୟକୁ ପ୍ରଭାବିତ କରିନାହିଁ, ବରଂ ଭାରତରେ ଲୋକଙ୍କ ଯାନବାହନ ପସନ୍ଦକୁ ମଧ୍ୟ ପରିବର୍ତ୍ତନ କରିଛି। ଏସ୍‌ବିଆଇ ରିସର୍ଚ୍ଚର ଏକ ରିପୋର୍ଟ ଅନୁଯାୟୀ, ଗତ କିଛି ମାସ ମଧ୍ୟରେ ଇଲେକ୍ଟ୍ରିକ୍ ଯାନ (ଇଭି) ର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ସେହି ସମୟରେ, ଏଲ୍‌ପିଜି ବ୍ୟବହାର ହ୍ରାସ ପାଇଛି ଏବଂ ପିଏନ୍‌ଜି ସଂଯୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ୨୦୨୬ ଫେବୃଆରୀରେ ପଶ୍ଚିମ ଏସିଆ ସଙ୍କଟ ଆରମ୍ଭ ହେବା ପରଠାରୁ ଦେଶରେ ଇଭି ବିକ୍ରିରେ ତୀବ୍ର ବୃଦ୍ଧି ଘଟିଛି। ୨୦୨୫ରେ ପ୍ରତି ମାସରେ ହାରାହାରି ୧,୩,୦୦,୦୦୦ ଇଭି ବିକ୍ରି ହେଉଥିଲାବେଳେ,୨୦୨୬ ମାର୍ଚ୍ଚରୁ ଜୁନ୍ ମାସ ମଧ୍ୟରେ ଏହି ସଂଖ୍ୟା ପ୍ରତି ମାସରେ ୨,୩,୦୦,୦୦୦ କୁ ବୃଦ୍ଧି ପାଇଛି।

ରିପୋର୍ଟରେ ଆକଳନ କରାଯାଇଛି ଯେ ଯଦି ଏହି ଗତି ଜାରି ରହେ, ତେବେ ୨୦୨୬ ସୁଦ୍ଧା ଦେଶରେ ମୋଟ ଇଭି ପଞ୍ଜୀକରଣ ୨.୫ ନିୟୁତରୁ ଅଧିକ ହୋଇପାରେ। ରିପୋର୍ଟ ଅନୁଯାୟୀ, ୨୦୨୪ ରେ ନୂତନ ଯାନବାହନ ପଞ୍ଜୀକରଣର ୨% ରୁ କମ୍ ରହିଥିବା ଇଭି କ୍ଷେତ୍ରରେ ଏହି ଅଭିବୃଦ୍ଧି ୨୦୨୬ ରେ ୮% ରୁ ଅଧିକ ହୋଇଛି। କିଛି ରାଜ୍ୟରେ, ଇଭି ବିକ୍ରି ପୂର୍ବରୁ ୧୦% ଅତିକ୍ରମ କରିସାରିଛି। ଯେମିତିକି ଓଡ଼ିଶାରେ ୨୦୨୬ରେ ମୋଟ ବିକ୍ରି ହୋଇଥିବା ନୂଆ ଗାଡ଼ି ମଧ୍ୟରେ ଇଭିର ଅଂଶ ୧୦% ଉପରେ ରହିଥିବା ଜଣାପଡିଛି। ଏସ୍‌ବିଆଇ ରିସର୍ଚ୍ଚ ଅନୁଯାୟୀ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ତାମିଲନାଡୁ ଏବଂ କର୍ଣ୍ଣାଟକରେ ଲୋକଙ୍କ ମଧ୍ୟରେ ଇଭି ଗ୍ରହଣୀୟତା ଶୀର୍ଷରେ ରହିଛି। ୨୦୨୬ରେ କର୍ଣ୍ଣାଟକରେ ମୋଟ ନୂତନ ଯାନରେ ଇଭି ର ଅଂଶ ପ୍ରାୟ ୧୧%ରେ ପହଞ୍ଚିଛି। ଓଡ଼ିଶା, କେରଳ ଏବଂ ଦିଲ୍ଲୀ ଭଳି ରାଜ୍ୟରେ ମଧ୍ୟ ଇଭିର ଅଂଶ ୧୦% କିମ୍ବା ତା'ଠାରୁ ଅଧିକ ଅଛି। ରିପୋର୍ଟ ଅନୁଯାୟୀ, ଫେବୃଆରୀ ପରଠାରୁ ଯାତ୍ରୀବାହୀ ଯାନ, ଦୁଇ ଚକିଆ ଏବଂ ତିନି ଚକିଆ ଯାନରେ ଇଭିର ଅଂଶ ବୃଦ୍ଧି ପାଇଛି। ତିନି ଚକିଆ ଯାନରେ ସବୁଠାରୁ ବଡ଼ ପରିବର୍ତ୍ତନ ଦେଖାଯାଇଛି, ଯେଉଁଠାରେ ଇଭିର ଅଂଶ ପ୍ରାୟ ୭.୮% ବୃଦ୍ଧି ପାଇଛି। ସେହି ସମୟରେ, ପେଟ୍ରୋଲ, ସିଏନ୍‌ଜି ଏବଂ ଡିଜେଲ ଦ୍ୱାରା ଚାଳିତ ଯାନର ଅଂଶ ହ୍ରାସ ପାଇଛି।

ରିପୋର୍ଟ ଅନୁଯାୟୀ, ଦେଶରେ ବର୍ତ୍ତମାନ ପ୍ରାୟ ୨୯,୧୫୧ ସାର୍ବଜନୀନ ଇଭି ଚାର୍ଜିଂ ଷ୍ଟେସନ ରହିଛି। ଏଥିମଧ୍ୟରୁ କେବଳ ୩୦% ଫାଷ୍ଟ ଚାର୍ଜର। ଦେଶର ଚାର୍ଜିଂ ଷ୍ଟେସନର ପ୍ରାୟ ୩୫% କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରେ ଅଛି। ଏସ୍‌ବିଆଇ ରିସର୍ଚ୍ଚ କହୁଛି ଯେ ଯଦି ଇଭି ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବାକୁ ହୁଏ, ତେବେ ଦ୍ରୁତ ଚାର୍ଜର ସଂଖ୍ୟାକୁ ଯଥେଷ୍ଟ ବୃଦ୍ଧି କରିବାକୁ ପଡିବ। ଦିଲ୍ଲୀ ସରକାର ଆଗାମୀ ଚାରି ବର୍ଷ ମଧ୍ୟରେ ୩୨,୦୦୦ ନୂତନ ଚାର୍ଜିଂ ପଏଣ୍ଟ ସ୍ଥାପନ କରିବାକୁ ଯୋଜନା କରିଛନ୍ତି। ରିପୋର୍ଟ ଅନୁଯାୟୀ, ଅନେକ ରାଜ୍ୟରେ ଗୋଟିଏ ଚାର୍ଜିଂ ଷ୍ଟେସନ ୨୦୦ ରୁ ଅଧିକ ଇଭି ବହନ କରୁଛି। ଓଡ଼ିଶା, ବିହାର, ମଧ୍ୟ ପ୍ରଦେଶ ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟଗୁଡ଼ିକ ଚାର୍ଜିଂ ଭିତ୍ତିଭୂମିଗୁଡିକ ଅଧିକ ଚାପର ସମ୍ମୁଖୀନ ହେଉଛନ୍ତି। କର୍ଣ୍ଣାଟକ, ହରିୟାଣା, ତେଲେଙ୍ଗାନା ଏବଂ ଦିଲ୍ଲୀ ତୁଳନାତ୍ମକ ଭାବରେ ଭଲ ସ୍ଥିତିରେ ଅଛନ୍ତି।

## ଅପହରଣ ଅଭିଯୋଗର ୪ ଘଣ୍ଟା ପରେ ଭୁବନେଶ୍ୱରରୁ ନାବାଳିକା ଉଦ୍ଧାର

ନିମାପଡ଼ା, ୩।୭ (ସମିସ): ନିମାପଡ଼ା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାକୁ ଅପହରଣ ଅଭିଯୋଗର ଚାରି ଘଣ୍ଟା ଭିତରେ ପୁଲିସ ନାବାଳିକାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ନାବାଳିକାକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ ଅପହରଣକାରୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ସମରେନ୍ଦ୍ର ପାଇକରାୟ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ଅଞ୍ଚଳ ର ଜଣେ ୧୫ ବର୍ଷୀୟା ନାବାଳିକା ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସାଇକେଲ ନେଇ ସ୍କୁଲ ନିକଟ ନିଜ ସାଙ୍ଗ ଘରକୁ ଗତ ୧ ତାରିଖ ବୁଧବାର ସକାଳ ୯ଟା ସମୟରେ ଆସିଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜା ଓ ସଂପର୍କୀୟଙ୍କ ଘର, ନାବାଳିକାର ସାଙ୍ଗସାଥୀ ଘର ଖୋଜି ନ ପାଇବାରୁ ଗତ ୨ ତାରିଖ ସନ୍ଧ୍ୟା ସମୟରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଅପହରଣକାରୀ ଭୁବନେଶ୍ୱର ପାତ୍ରପଡ଼ାର ଫୋନ୍ ମାଧ୍ୟମରେ ନାବାଳିକାଙ୍କ ପରିବାରକୁ ଧମକ ଦେବା ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲା। ନାବାଳିକା ପରିବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ସମରେନ୍ଦ୍ର ପାଇକରାୟ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ବେଳେ ନାବାଳିକାକୁ ଅପହରଣକାରୀ ଅପହରଣ କରି ଭୁବନେଶ୍ୱର ପାତ୍ରପଡ଼ାରେ ରଖିଥିବା ଖବର ପାଇ ନିମାପଡ଼ା ଥାନା ପୋଲିସ ସେଠାରେ ଚଢ଼ଉ କରି ଚାରି ଘଣ୍ଟା ମଧ୍ୟରେ ନାବାଳିକାକୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି।

# ସମୁଦ୍ର ମାଡ଼ରେ ଘାଇଲା ୧୬ ଗାଁ

ଛତ୍ରପୁର,୩।୭ (ସମିସ): ପୋଡମପେଟା ପରେ ଏବେ ଗଞ୍ଜାମ ଉପକୂଳର ଆଉ ୧୬ଟି ଗାଁ ଉପରେ ସମୁଦ୍ରର କରାଳ ଛାୟା ଘନେଇଛି। ଦିନକୁ ଦିନ ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡ଼ି ଆସୁଥିବା ବେଳେ କୂଳ କ୍ଷୟ ଅସ୍ୱାଭାବିକ ଗତିରେ ବଢ଼ୁଛି। ଭିଟାମାଟି, ଚାଷଜମି ଓ ଝାଉଁ ଜଙ୍ଗଲ ସମୁଦ୍ରରେ ଲୀନ ହେଉଥିବାରୁ ପାଳିବନ୍ଧ ଓ ରାମଗଡ଼ ପଞ୍ଚାୟତର ହଜାର ହଜାର ଲୋକ ଆତଙ୍କରେ ଦିନ କାଟୁଛନ୍ତି। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଜିଲ୍ଲାପାଳ ସ୍ଥାୟୀ ପଦକ୍ଷେପର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସେହି ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳକୁ ଯିବା ରାସ୍ତା ଖୋଳି ପ୍ରବେଶ ନିଷେଧ କରାଯିବା ଘଟଣାକୁ ନେଇ ସ୍ଥାନୀୟଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ସ୍ଥାୟୀ ସମୁଦ୍ର ସୁରକ୍ଷା ବ୍ୟବସ୍ଥା ବିଳମ୍ବ ହେଲେ ପୋଡମପେଟା ପରି ଆଉ କିଛି ଗାଁ ମାନଚିତ୍ରରୁ ଲିଭିଯିବା ଆଶଙ୍କା ପ୍ରକାଶ ପାଇଛି। ଦୈନିକ ଜଳପତନ ବୃଦ୍ଧି ସାଙ୍ଗକୁ ଜଳବାୟୁର ପରିବର୍ତ୍ତନ ଯୋଗୁଁ ଏବେ ସମୁଦ୍ରର ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡି ଆସୁଛି। ଫଳରେ ଏବେ ଦୈନିକ କୂଳ ଲଙ୍ଘିବା ଘଟଣା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲାର ଉପକୂଳ ଦିନକୁ ଦିନ ସମୁଦ୍ର କୂଳ ଲଘୁଛି। ସମୁଦ୍ରର ଏହି କରାଳ ରୂପ ପାଇଁ ଗଞ୍ଜାମ ବ୍ଲକର ଦୁଇ ପଞ୍ଚାୟତର ୧୬ଖଣ୍ଡ ଗ୍ରାମବାସୀ ଭୟଭିତ ଅବସ୍ଥାରେ ରହିଛନ୍ତି। ପୋଡମପେଟାର ଗୋଟିଏ ପରେ ଗୋଟିଏ ଘର ସମୁଦ୍ରରେ ଲୀନ ହେବା ପରେ କୂଳ ଏବେ ଖାଇ ଖାଇ ଗୋଟିଏ ପରେ ଗୋଟେ ଗାଁକୁ ମାଡି ଚାଲିଛି। ଝାଉଁ ବଣ ସାଙ୍ଗକୁ ଜମି ଆସି ଜୀବନ ଜୀବିକା ବିପଦରେ ରହିଛି। ଏନେଇ






ବାରମ୍ବାର ଖବର ପ୍ରସାରଣ ପରେ ଗ୍ରାମବାସୀଙ୍କୁ ଡାକି ସେମାନଙ୍କ ସହ ଆଲୋଚନା କରିବା ସହ ବିହିତ ପଦକ୍ଷେପ ନେବାପାଇଁ ଆଜି ଅପରାହ୍ନରେ ପ୍ରତିଶ୍ରୁତି ଦେଇଥିଲେ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନ। ସନ୍ଧ୍ୟାରେ ତରବର ହୋଇ ସେଠାକୁ ଯିବାକୁ ଥିବା ରାସ୍ତାକୁ ଖୋଳି ଅବରୋଧ କରିଦେଇଛି ଜିଲ୍ଲା ପ୍ରଶାସନ। ଆଉ ଏହାକୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ସମୁଦ୍ର କୂଳ ଲଙ୍ଘିବାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳ ବୈଠକ ଡାକି ପ୍ରଥମେ ପ୍ରତିଶ୍ରୁତି ଦେଲେ ଏବଂ ପରେ ସ୍ଥାୟୀ ସମାଧାନ କରିବା ପରିବର୍ତ୍ତେ ସେଠାକୁ ଯିବାକୁ ଥିବା ରାସ୍ତା ଖୋଳି ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା କରି ଦିଆଯାଇଛି। ଫଳରେ ସମୁଦ୍ରର କୂଳ ଲଙ୍ଘିବା ଘଟଣାକୁ ଅଜ୍ଞାତରେ ଅଞ୍ଚଳ ବାସୀ ମାନେ ରହିବେ। ଆସୁଥିବା ବିପଦକୁ ଆଗରୁ ଜାଣିବା ପରିବର୍ତ୍ତେ ହଠାତ ବିପଦକୁ ଆମନ୍ତ୍ରଣ କରାଯାଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଦିନକୁ ଦିନ ସମୁଦ୍ର ଗ୍ରାସୁଛି ଭିଟାମାଟି, ସମୁଦ୍ର ଏହି କରାଳ ରୂପ ଆଗରେ ହାର ମାନୁଛି

**ଆତଙ୍କରେ ସମୁଦ୍ର ଉପକୂଳବାସୀ**

**ସ୍ଥାୟୀ ସୁରକ୍ଷା ଦାବିରେ ଉଠିଲା ସ୍ୱର**

**ଆଉ କେତେ ଗାଁକୁ ଗିଳିବ ସମୁଦ୍ର?**

**ପାଳିବନ୍ଧ-ରାମଗଡ଼ରେ ବଢୁଛି ଆତଙ୍କ**

**ଗ୍ରାମବାସୀଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ**

ମଣିଷର ଅସ୍ତିତ୍ୱ। ଦିନକୁ ଦିନ ଉଚ୍ଚ ଜୁଆର ସାଙ୍ଗକୁ ଲଙ୍ଘୁଛି ସମୁଦ୍ର। ଦିନେ ଗ୍ରାମରୁ ଦୁଇ କିମି ଥିବା ବେଳେ ଏବେ ଗାଁ ମୁହଁରେ ସମୁଦ୍ର। ଏହି ସମୁଦ୍ର ଆଁରେ ଲୀନ ହୋଇଯିବ କି ୧୬ ଖଣ୍ଡ ଗାଁ। ଗଞ୍ଜାମ ବ୍ଲକର ପାଳିବନ୍ଧ ପଚାଂୟତର ୯ ଖଣ୍ଡ ଗ୍ରାମ ଓ ରାମଗଡ ପଚାଂୟତର ୭ ଖଣ୍ଡ ଗ୍ରାମବାସୀ ଏବେ ଜୀବନ ଓ ଜୀବକ ପାଇଁ ସଂଘର୍ଷ। ପୂର୍ବରୁ ପାଳିବନ୍ଧ ପଚାଂୟତର ପୋଡମପେଟାର ୫ଶହ ଘର ଥିବା ବେଳେ ଆଉ ମାତ୍ର କିଛି ହାତ ଗଣତି ଘର ରହିଛି। ଏବେ ଗୋଟେ ପରେ ଗୋଟେ ସମୁଦ୍ର ଆଁରେ ଲୀନ ହୋଇଗଲାଣି। ଯଦି ସେଠାରେ ଜନବସତି ନାହିଁ ତଥାତି ଏବେ ସମୁଦ୍ର କୂଳ ଅନ୍ୟ ଗାଁ ଆଡକୁ ମୁହାଇବାରେ ଲାଗିଛି, କୂଳ ଖାଇ ଖାଇ ଯାଉଛି। ନିଜ ଆଖି ଆଗରେ ଭିଟାମାଟି ଉଜୁଡି ଯାଉଥିବା ଦେଖି ସ୍ଥାନୀୟ ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି। ଗତ କିଛି ଦିନ ହେବ ସମୁଦ୍ର ଅସ୍ୱାଭାବିକ ଭାବେ ଉଚ୍ଚ ଜୁଆର ଗାଁ ମୁହାଁ ହେଉଛି । ଜୁଆର ପ୍ରଖର ସ୍ରୋତ ସିଧାସଳଖ ଗାଁ ମଧକୁ ମାଡି ଆସୁଛି। ଏନେଇ ଯଦି ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେବେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତବାନୀ ଦେଇଛନ୍ତି। ଯେଉଁ ସମୁଦ୍ର ଦିନେ ଗାଁଠୁ ୨କିଲୋମିଟର ଦୂରରେ ଥିଲା ତାହା ଆଜି ଗାଁ ମୁହଁରେ। ଏପରିକି ପୋଡମପେଟା ହେଉଛି ଅଲିଭ ରିଡଲେ କଇଁଚଙ୍କ ଅଣ୍ଡାଦାନ ଏନ୍ତୁଡି ଶାଳ ରହିଥିଲା। ପ୍ରତିବର୍ଷ ୭ଲକ୍ଷ ଗଣ ଅଣ୍ଡାଦାନ ମଧ ହେଉଥିଲା। କିନ୍ତୁ ଚଳିତବର୍ଷ ଏଠି ଅଣ୍ଡାଦାନ ମଧ ହୋଇପାରିଲା ନାହିଁ । କୂଳ ନଷ୍ଟ ହେବା ସହ ସବୁ ଭାଙ୍ଗି ଚୁରମାର ହୋଇଗଲା । ଗ୍ରାମବାସୀଙ୍କ ଆନ୍ଦୋଳନ ଚେତବାନୀ ବାରମ୍ବାର ଖବର ପ୍ରସାରଣ ପରେ ଗଞ୍ଜାମ ଜିଲାପାଳ ଗ୍ରାମବାସୀଙ୍କୁ କାର୍ଯ୍ୟାଳୟକୁ ଡାକି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ୭ ରୁ ୮ ଖଣ୍ଡ ଗ୍ରାମର ଭଦ୍ରବ୍ୟକ୍ତି, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ଜିଲ୍ଲାପାଳଙ୍କ ସହ ବହୁ ସମୟ ଧରି ଆଲୋଚନା ହୋଇଥିଲା । ଜିଲା ପ୍ରଶାସନ ପକ୍ଷରୁ ଏକ ଟିମ ସେଠାକୁ ଯାଇ ସ୍ଥିତି ପରଖିବା ସହ ଏକ ଡିପିଆର ପ୍ରସ୍ତୁତ କରିବେ ଏବଂ ତାହା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ । ଗ୍ରାମବାସୀଙ୍କ ପକ୍ଷରୁ ତୁରନ୍ତ ପଥର ବନ୍ଧ ପକାଯିବାକୁ କହିଥିଲେ । ତୁରନ୍ତ ନକଲେ ଏବେ ବର୍ଷା ଲାଗି ରହିଛି ଗାଁ ଆଡକୁ ମାଡି ଆସିବ ଯଦି ପ୍ରଶାସନ ତୁରନ୍ତ ପଦକ୍ଷେପ ନନେବେ ଏହି ଆନ୍ଦୋଳନ ଉଗ୍ରରୂପ ନେବ ବୋଲି କୁହାଯାଇଛି । ଏପରିକି ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମଧ ମୁଖ୍ୟମନ୍ତ୍ରୀଙ୍କୁ ଏହା ଉପରେ ଚିଠି ଲେଖିଛନ୍ତି । ତୁରନ୍ତ ବୈଷୟିକ ଟିମ ଆସି ସ୍ଥିତି ପରଖିବା ସହ ବିହିତ ପଦକ୍ଷେପ ନେବାକୁ ଚିଠିରେ ଉଲେଖ କରିଛନ୍ତି । ଅନ୍ୟ ପକ୍ଷରେ ୨୦୨୨ ଅଗଷ୍ଟ ୧୦ ରେ ରାଜ୍ୟସରକାର ଓ ଚେନ୍ନାଇର ଏନଆଇଓଟି ସହ ଏମଓୟୁ ହୋଇଥିଲା। ଏହି ଟିମ ବୈଷୟିକ ସହାୟତା ପ୍ରଦାନ କରିବ କିନ୍ତୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । କେବଳ ଗଞ୍ଜାମ ବ୍ଲକର ପାଳିବନ୍ଧ ପଂଚାୟତ ସମୁଦ୍ର କୂଳ ଖାଉନି। ଛତ୍ରପୁର ବ୍ଲକର ଆର୍ଯ୍ୟପଲ୍ଲୀ ଅଂଚଳରେ ମଧ କୂଳ ଖାଉଛି। ବେଳ ଥାଉ ଥାଉ ଯଦି ତୁରନ୍ତ ପଦକ୍ଷେପ ନିଆନଯାଏ ତେବେ ପୋଡମପେଟା ଭଳି ଆଉ କିଛି ଗାଁ ସମୁଦ୍ର ଆଁରେ ଲୀନ ହୋଇଯିବ। ଏପରିକି ମାନଚିତ୍ରରୁ କିଛି ଗାଁ ସବୁଦିନ ପାଇଁ ଲିଭିଯିବ।

**ପୀତବାସ ପଣ୍ଡା ହତ୍ୟା ମାମଲା**

# ଏସ୍‌ସିବି ପରିବର୍ତ୍ତେ ମଦନଙ୍କୁ ବ୍ରହ୍ମପୁର ଜେଲ୍‌କୁ ସ୍ଥାନାନ୍ତର ନିର୍ଦ୍ଦେଶ

ବ୍ରହ୍ମପୁର, ୩।୭ (ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଅନ୍ୟତମ ଅଭିଯୁକ୍ତ ଆଇନଜୀବୀ ମଦନ ଦଳେଇଙ୍କୁ ଏମକେସିଜି ମେଡିକାଲରୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଏନେଇ ଦାଖଲ ପିଟିସନ ଉପରେ ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଅଭିଯୁକ୍ତ ମଦନ ଦଳେଇଙ୍କ ଗୋଡ଼ରେ ଦୀର୍ଘ ବର୍ଷ ପୂର୍ବେ ହୋଇଥିବା ଅସ୍ତ୍ରୋପଚାରରେ ସମସ୍ୟା ଦେଖାଦେଇଥିଲା। ଯାହାକୁ ନେଇ ସେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏନେଇ ଆବେଦନ ପରେ କୋର୍ଟଙ୍କ ଅନୁମତି ଅନୁଯାୟୀ ଗତ ମାର୍ଚ୍ଚ ୧୪ତାରିଖରେ ମଦନଙ୍କୁ ଏମକେସିଜି ମେଡିକାଲର ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା। ତେବେ ଦୀର୍ଘ ୩ ମାସ ପରେ ମଧ୍ୟ ବିଭିନ୍ନ କାରଣରୁ ମଦନଙ୍କ ଗୋଡ଼ରେ ଆବଶ୍ୟକ ଅସ୍ତ୍ରୋପଚାର ହୋଇପାରିଲା ନାହିଁ। ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ସରଞ୍ଜାମ ନଥିବାରୁ ଏଠାରେ ହୋଇପାରିନଥିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଦନଙ୍କୁ ଗୁରୁବାର କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର ପାଇଁ ଯୋଜନା ହୋଇଥିଲା। ତେବେ ଦୀର୍ଘମାସ ଧରି ଏମକେସିଜିରେ ବିନା ଚିକିତ୍ସାରେ



**ବିନା ଅସ୍ତ୍ରୋପଚାରରେ ୩ ମାସ ହେଲା ଥିଲେ ମେଡିକାଲରେ**

**କଟକ ସ୍ଥାନାନ୍ତରକୁ ପ୍ରତିବାଦ କରିବା ହେଲା ବୁମେରାଂ**

**ନିଜ ରିସ୍କରେ ମେଡିକାଲରୁ ଜେଲକୁ ସ୍ଥାନାନ୍ତର ନିର୍ଦ୍ଦେଶ**

ରହିବା ପରେ ପୁଣି ଏସସିବିରେ କିଭଳି ଚିକିତ୍ସା ହେବ ତାକୁ ନେଇ ମଦନ ସନ୍ଦେହରେ ପଡ଼ିଥିଲେ। ତେବେ ଏଥିପାଇଁ ସେ ସେଠାରେ ଜଣେ ବିଶେଷଜ୍ଞ ଡାକ୍ତରଙ୍କ ଜରିଆରେ ଚିକିତ୍ସା ହେବା ଓ ଏଥିପାଇଁ ସେଠାରେ ଆବଶ୍ୟକ ସରଞ୍ଜାମ ଉପଲବ୍ଧ ଅଛିକି ନାହିଁ ଲିଖିତ ଜାଣିବାକୁ ଚାହିଁ ଥିଲେ। ଏନେଇ ସେ ନିଜ ଓକିଲଙ୍କ ଜରିଆରେ କୋର୍ଟରେ ଆବେଦନ କରିଥିଲେ। ମଦନଙ୍କ ପ୍ରତିବାଦ ପରେ ତାଙ୍କୁ ଗତକାଲି କଟକ ସ୍ଥାନାନ୍ତର ନେଇ ହୋଇଥିବା ଉଦ୍ୟମ ସ୍ଥଗିତ ରହିଥିଲା। ଯଦିଓ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରାଯାଇଥିଲା ପରେ ପୁଣି କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦିନକ ପାଇଁ ପୁନଃ ଭର୍ତ୍ତି କରାଯାଇଥିଲା। ତେବେ ଆଜି ମଦନଙ୍କ ପକ୍ଷରୁ ଦାଖଲ ପିଟିସନକୁ କୋର୍ଟ ଖାରଜ କରିବା ସହିତ ତାଙ୍କର ଗୋଡ ସମସ୍ୟା ବ୍ୟତୀତ ଅନ୍ୟ ସମସ୍ୟା ନଥିଲେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସା ପାଇଁ ସହମତି ପ୍ରକାଶ ନ କରିବାରୁ ନିଜ ରିସ୍କରେ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପିଟିସନର ଶୁଣାଣି ବେଳେ ମଦନଙ୍କ ପାଇଁ ଆଶ୍ରିତ ବେହେରା ଓ ଗଂଜନ ନାହାକ ଏବଂ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ପ୍ରସାଦ ମିଶ୍ର ମକାଦମା ପରିଚାଳନା କରିଥିଲେ। ଆଜି ବିଳମ୍ବିତ ରାତି ହୋଇଥିବାରୁ ମଦନ ଦଳେଇଙ୍କୁ ମେଡିକାଲରୁ ଜେଲକୁ ସ୍ଥାନାନ୍ତର କରାଯାଇ ନ ଥିବା ବେଳେ ଶନିବାର ପୂର୍ବାହ୍ନରେ ତାଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ଜେଲକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି।

# ୬ରୁ ବୈତରଣୀ ସୁରକ୍ଷା ଅଭିଯାନ

ଆନନ୍ଦପୁର ୩।୭ (ସମିସ): ବୈତରଣୀ ନଦୀର ହତ୍ୟା ପାଇଁ ଷଡ଼ଯନ୍ତ୍ର ଅଭିଯୋଗ। ଫଳରେ ଏହାର ସୁରକ୍ଷା ପାଇଁ ଆସନ୍ତା ୬ ତାରିଖରୁ ପଦଯାତ୍ରା ଆରମ୍ଭ ହେବ। କେନ୍ଦୁଝର ଜିଲ୍ଲା

**ଆନନ୍ଦପୁରରୁ ଲୋକଭବନ ପଦଯାତ୍ରାରେ ଯିବେ ସତ୍ୟାଗ୍ରହୀ**

**ନଦୀ ହତ୍ୟା ନେଇ ରାସ୍ତାରେ ବ୍ୟାପକ ଜନସଚେତନତା ସୃଷ୍ଟି ଲକ୍ଷ୍ୟ**

**ବାଲି ଲୁଟ୍ ଓ ନଦୀ ସୁରକ୍ଷା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ**

ଆନନ୍ଦପୁରଠାରୁ ଭୁବନେଶ୍ୱର ଲୋକଭବନ ପର୍ଯ୍ୟନ୍ତ ପଦଯାତ୍ରାରେ ଯିବେ ସତ୍ୟାଗ୍ରହୀ। ୯ ତାରିଖ ପଦଯାତ୍ରା ଭୁବନେଶ୍ୱରରେ ପହଞ୍ଚିବ। ସେହିଦିନ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବୈତରଣୀ ସୁରକ୍ଷା ପାଇଁ ହସ୍ତକ୍ଷେପ ଦାବି କରିବେ ପ୍ରତିନିଧିମଣ୍ଡଳୀ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ଆଜି ଏହି ସୂଚନା ଦେଇଛନ୍ତି।

କେନ୍ଦୁଝର ଜିଲ୍ଲା ଗୋନାସିକାରୁ ପ୍ରବାହିତ ବୈତରଣୀ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସମୃଦ୍ଧ କରିଛି। ବୈତରଣୀ ନଦୀ ହିଁ ସଭ୍ୟତାକୁ ଋଦ୍ଧିମନ୍ତ କରିଛି। ତେବେ ବୈତରଣୀ ନଦୀ ସମେତ ବିଭିନ୍ନ ନଦୀନାଳରୁ ବେଆଇନ ଭାବେ ପ୍ରତିଦିନ ବାଲି ଲୁଟ୍ ହେଉଛି। ଏହାର ପ୍ରଭାବ ନଦୀ ଉପରେ ପଡୁଛି। ବେଆଇନ ତଥା ବିନା ଲିଜରେ ଅବିଚାରିତ ଭାବେ ବାଲି ଉତ୍ତୋଳନ ଯୋଗୁଁ ନଦୀର ପ୍ରାକୃତିକ ଗତିପଥ ପରିବର୍ତ୍ତନ ହେଉଛି। ଫଳରେ ନଦୀକୂଳିଆ ଗାଁଲୋକେ ବର୍ଷାଦିନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ମାଫିଆ-ପ୍ରଶାସନିକ କଳର କିଛି ବରିଷ୍ଠ ଅଧିକାରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହି ପଦଯାତ୍ରା ସମୟରେ ୬ ତାରିଖ ସନ୍ଧ୍ୟାରେ ପାଣିକୋଇଲି, ୭ ତାରିଖ ସନ୍ଧ୍ୟାରେ ଛତିଆ ଓ ୮ ତାରିଖ ସନ୍ଧ୍ୟାରେ ଫୁଲନଖରାଠାରେ ଏଲଇଡି ସ୍କ୍ରିନ ମଧ୍ୟରେ ନଦୀ ହତ୍ୟା ସମ୍ପର୍କିତ ସତ୍ୟ ଭିଡ଼ିଓ ପ୍ରଦର୍ଶିତ ହେବ ବୋଲି ଶ୍ରୀ ସାହୁ କହିଛନ୍ତି।



## ନର୍ଥ ଇଷ୍ଟ ଜୋନାଲ ବ୍ଲାଇଣ୍ଡ ଫୁଟବଲ: ମହିଳାଙ୍କୁ ସ୍ୱର୍ଣ୍ଣ, ପୁରୁଷଙ୍କୁ କାଂସ୍ୟ

ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶା ସରକାରଙ୍କ ଯୁବସେବା ବିଭାଗ ଓ ବୁଲ୍ସଆଇ ଓଡ଼ିଶାର ମିଳିତ ସହଯୋଗରେ ସ୍ଥାନୀୟ ୟୁନିଟ-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ୭ମ ପୁରୁଷ ଓ ୪ର୍ଥ ମହିଳା ନର୍ଥଇଷ୍ଟ ଜୋନାଲ ବ୍ଲାଇଣ୍ଡ ଫୁଟବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳକୁ ସ୍ୱର୍ଣ୍ଣ ଓ ପୁରୁଷ ଦଳକୁ କାଂସ୍ୟ ପଦକ ମିଳିଛି। ଏହି ପ୍ରତିଯୋଗିତାର ପୁରୁଷ ବିଭାଗରେ ୬ଟି ଓ ମହିଳା ବିଭାଗରେ ୩ଟି ଦଳ ଅଂଶଗ୍ରହଣ କରିଥିଲେ। ମହିଳା ଫାଇନାଲରେ ପଦ୍ମିନୀ ଟୁଡୁଙ୍କ ଗୋଲ ବଳରେ ଓଡ଼ିଶା ୧-୦ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ସେହିପରି ପୁରୁଷ ଫାଇନାଲରେ ନାଗାଲାଣ୍ଡକୁ ୩-୦ ଗୋଲରେ ହରାଇ ମେଘାଳୟ ଚାମ୍ପିଅନ ହୋଇଥିଲା। ସ୍ୱତନ୍ତ୍ର ସଚିବ ଅଶୋକ କୁମାର ପଣ୍ଡା ଓ ସାଂକସନ ଅଫିସର ତ୍ରିଲୋଚନ ମିଶ୍ର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।




## ପୂର୍ବତନ ମନ୍ତ୍ରୀ ଡ଼. ବଳଭଦ୍ର ମାଝୀଙ୍କ ପତ୍ନୀ ବିୟୋଗ

ଭବାନୀପାଟଣା/ଲାଞ୍ଜିଗଡ଼, ୩।୭ (ସମିସ): କଳାହାଣ୍ଡି ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀଙ୍କ ପତ୍ନୀ ଶ୍ରୀମତୀ ମାଝୀ (୫୭) ଙ୍କ ଗୁରୁବାର ବିଳମ୍ବିତ ରାତିରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡ଼ିକାଲରେ ପରଲୋକ ଘଟିଛି। ଦୀର୍ଘଦିନ ସେ ପକ୍ଷଘାତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବର ଶୁଣି ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ଶ୍ରୀମତୀ ମାଝୀ ଲାଞ୍ଜିଗଡ଼ ବ୍ଲକରେ ଗତ ୨୦୦୨ରୁ ୨୦୧୨ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷା ରହିଥିବାବେଳେ ୨୦୧୨ରୁ ୨୦୧୭ ଯାଏଁ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷା ରହିଥିଲେ। ବର୍ତ୍ତମାନ ସେ ଲାଞ୍ଜିଗଡ଼ ବ୍ଲକର କୁମଖାଲ ପଞ୍ଚାୟତର ସମିତି ସଭ୍ୟା ଭାବେ କାର୍ଯ୍ୟରତ ଥିଲେ। କଳାହାଣ୍ଡି ଜିଲ୍ଲା ତଥା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଜଣେ ଦକ୍ଷ ରାଜନେତ୍ରୀ ଭାବେ ସେ ଜଣାଶୁଣା ଥିଲେ। ତାଙ୍କ ପରଲୋକରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପିସିସି ସଭାପତି ଭକ୍ତଚରଣ ଦାସ, ବିଜେପି ଜିଲ୍ଲା ସଭାପତି ଯୁଗଳ ପୋଡ୍ଡ, ବିଜେଡି ନେତା ଦିବ୍ୟାଶଙ୍କର ମିଶ୍ର, ଆପ୍ ନେତା ସତ୍ୟ ମହାରଙ୍କ ସମେତ ଅନେକ ବରିଷ୍ଠ ରାଜନୈତିକ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଫକୀର ମାଝୀ ମୁଖାଗ୍ନି ଦେଇଥିଲେ।



## ଓଡ଼ିଶାରେ ଆୟୋଜିତ ହେବ 'ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ-୨୦୨୬'




**ଭିନ୍ନକ୍ଷମମାନଙ୍କ ସଫଳତାର କାହାଣୀ ଉପରେ ନିର୍ମିତ ଚଳଚ୍ଚିତ୍ର ପାଇଁ ଆହ୍ୱାନ**

**ଚଳିତ ୭ ତାରିଖ ସୁଦ୍ଧା ଆବେଦନ**


ଭୁବନେଶ୍ୱର,୩।୭ (ସମିସ): ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପ୍ରେରଣାଦାୟକ ସଫଳତାର କାହାଣୀକୁ ଜାତୀୟ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଓଡ଼ିଶାରେ ଆୟୋଜିତ ହେବ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ-୨୦୨୬'। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆର୍‌ଆର୍ ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକ୍ସନ୍ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ପ୍ରତି ଚଳଚ୍ଚିତ୍ରର ଅବଧି ସର୍ବାଧିକ ୫ ମିନିଟ୍ ରହିବା ସହ ଚଳିତ ବର୍ଷର ବିଷୟ 'ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତାର କାହାଣୀ' ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମହୋତ୍ସବରେ ଦେଶର ବିଭିନ୍ନ ରାଜ୍ୟର ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ମିଡିଆ ଛାତ୍ରଛାତ୍ରୀ ଓ ସ୍ୱାଧୀନ ଚଳଚ୍ଚିତ୍ର ନିର୍ମାତାମାନେ ଅଂଶଗ୍ରହଣ କରି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତା, ସଂଘର୍ଷ ଓ ପ୍ରେରଣାଦାୟକ ଜୀବନ କାହାଣୀ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପଠାଇବାକୁ ଆହ୍ୱାନ ଦିଆଯାଇଛି। ଚଳଚ୍ଚିତ୍ରଟି ଜଣେ ସଫଳ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଜୀବନ କାହାଣୀ ଉପରେ ଆଧାରିତ ହୋଇଥିବା ବେଳେ ଅଡିଓ ଡିସ୍କ୍ରିପ୍ସନ୍, ସାଙ୍କେତିକ ଭାଷା ବ୍ୟାଖ୍ୟା ସହ ସବ୍‌ଟାଇଟଲ୍ କିମ୍ବା କୋଲାଜ୍ କ୍ୟାପ୍ସନ୍ ବାଧ୍ୟତାମୂଳକ କରାଯାଇଛି। ଆଗ୍ରହୀ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ଚଳିତ ମାସ ୭ ତାରିଖ ସୁଦ୍ଧ ନିଜର ଏଣ୍ଟ୍ରି ପଠାଇବା ସହ ଅଧିକ ସୂଚନା ପାଇଁ www.shortfilmfestodisha.in ୱେବ୍‌ସାଇଟ୍‌ରେ ପରିଦର୍ଶନ କରିପାରିବେ। ପ୍ରାପ୍ତ ଚଳଚ୍ଚିତ୍ରଗୁଡ଼ିକୁ ବିଶିଷ୍ଟ ଜୁରୀ ସଦସ୍ୟମାନେ ୮ ଜୁଲାଇରେ ମୂଲ୍ୟାୟନ କରି ୧୧ ଜୁଲାଇରେ ପୁରସ୍କାର ଘୋଷଣା କରାଯିବ। ମନୋନୀତ ଚଳଚ୍ଚିତ୍ରଗୁଡ଼ିକ ଉତ୍ସବରେ ପ୍ରଦର୍ଶିତ କରାଯିବା ସହ ଜାତୀୟ ଓ ଆଞ୍ଚଳିକ (ଓଡ଼ିଶା) ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ରକୁ ପୁରସ୍କୃତ କରାଯିବ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ସମ୍ମିଳନୀରେ ପ୍ରସିଦ୍ଧ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ, ଜୁରୀ ସଦସ୍ୟ ଓ ପ୍ୟାନେଲ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଆଗରେ ବିଷ ବୋତଲ ଧରି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୩।୭ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱରସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ମହିଳା ହାତରେ ବିଷ ବୋତଲ ଧରି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ସହ ନ୍ୟାୟ ଦାବିରେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ବ୍ୟାଙ୍କ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଭୋଗରାଇ ବ୍ଲକର ଜୟରାମପୁର ପଞ୍ଚାୟତ ଅନ୍ତର୍ଗତ ଖଡ଼ିକାବାଡ଼ି ଗ୍ରାମର ଗୋପାଳ ଜେନାଙ୍କ ସ୍ତ୍ରୀ ପଦ୍ମାବତୀ ଜେନା (୩୬) ପ୍ରାୟ ତିନି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଅଧୀନରେ ବ୍ୟବସାୟ କରିବା ପାଇଁ ଚନ୍ଦନେଶ୍ୱର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ୭ ଲକ୍ଷ ୫୬ ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିଲା। ତାଙ୍କ ଅଭିଯୋଗ ଅନୁସାରେ, ଋଣରୁ ମାତ୍ର ୪ ଲକ୍ଷ ୫୬ ହଜାର ଟଙ୍କା ତାଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ ୩ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ରଖିବାକୁ ସେତେବେଳର ଶାଖା ପରିଚାଳକ ବାଧ୍ୟ କରିଥିଲେ। ପଦ୍ମାବତୀଙ୍କ କହିବା ଅନୁଯାୟୀ, ସେ ନିୟମିତ ଭାବେ ଋଣ କିସ୍ତି ପରିଶୋଧ କରିଆସୁଥିଲେ ମଧ୍ୟ ଜମା ରଖିଥିବା ୩ ଲକ୍ଷ ଟଙ୍କା ଆଜି ପର୍ଯ୍ୟନ୍ତ ପାଇନାହାନ୍ତି। ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିବାରୁ ସେ ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଶାଖା ପରିଚାଳକ ତାଙ୍କ ଘରକୁ ଯାଇ ଚାରିଟି ବ୍ଲାଙ୍କ ଚେକ୍ ନେଇଥିଲେ। ଅଧିକ ଟ୍ରାଞ୍ଜାକ୍ସନ କଲେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁଣି ଋଣ ଦିଆଯିବ ବୋଲି ପ୍ରଲୋଭନ ଦେଇ ପରବର୍ତ୍ତୀ ସମୟରେ ତାଙ୍କୁ ହଇରାଣ କରାଯାଉଛି। ଦୀର୍ଘଦିନ ଧରି ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଶେଷରେ ଶୁକ୍ରବାର ସକାଳେ ସେ ବିଷ ବୋତଲ ଧରି ବ୍ୟାଙ୍କ ସମ୍ମୁଖରେ ପହଞ୍ଚି ଶାଖା ପରିଚାଳକଙ୍କୁ ଅଟକାଇ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଘଟଣାସ୍ଥଳରେ ତାଳସାରୀ ସାମୁଦ୍ରିକ ଥାନା ପୁଲିସ ଓ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

**ଜମା ଟଙ୍କା ଫେରସ୍ତ ଦାବିରେ ହାଇଡ୍ରାମା**



ସକାଳ THE SAKALA
www.sakalaepaper.com
ସମ୍ପୂର୍ଣ୍ଣା
ଶନିବାର, ୪ ଜୁଲାଇ, ୨୦୨୬


## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। ଅଟକି ଥିବା ଧନ ମିଳିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ।

**ମିଥୁନ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଜମି କିଣିବା ଯୋଗ ଅଛି।

**ସିଂହ:** ପୁରୁଣା ନିବେଶରୁ ଲାଭ ମିଳିବ। ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ତୁଳା:** ବ୍ୟବସାୟରେ ଲାଭ ମିଳିବ। ବୈବାହିକ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**ମକର:** ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମୀନ:** ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଚାନକ ବିଦେଶ ଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

## ଆଜିର ଇତିହାସ

- ୧୯୪୬- ଦୀର୍ଘ ୩୮୧ ବର୍ଷର ଔପନିବେଶିକ ଶାସନ ପରେ ଫିଲିପାଇନ୍‌ସକୁ ଆମେରିକାର ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ।
- ୧୯୦୨- ସ୍ୱାମୀ ବିବେକାନନ୍ଦଙ୍କ ଦେହାନ୍ତ।
- ୧୯୪୬- ଫିଲିପାଇନ୍ସ ଆମରିକା ଠାରୁ ସ୍ୱାଧୀନ ହେଲା।
- ୧୯୬୩- ଜାତୀୟ ପତାକାର ନିର୍ମାତା ତଥା ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଳି ଭେଙ୍କୟାଙ୍କ ପରଲୋକ।
- ୧୯୯୭- ନାସାର ମହାକାଶ ଯାନ 'ପାଥ୍‌ଫାଇଣ୍ଡର' ମଙ୍ଗଳ ପୃଷ୍ଠରେ ଅବତରଣ।


## ଆଜି ବାହୁଡ଼ିଥିଲେ



# ସ୍ୱାମୀ ବିବେକାନନ୍ଦ

ସ୍ୱାମୀ ବିବେକାନନ୍ଦ ସନାତନ ଧର୍ମ ଓ ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ଯୁବସମାଜ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି ସହ ଶାରୀରିକ ଶକ୍ତିର ବିକାଶକୁ ସେ ଗୁରୁତ୍ୱ ଦେଉଥିଲେ। ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବିବେକାନନ୍ଦ ବେଦାନ୍ତ ଓ ଯୋଗ ଦର୍ଶନ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇଥିଲେ। ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କ ଭୂମିକାକୁ ନେଇ ସେ ସ୍ୱର ଉତ୍ତୋଳନ କରିଥିଲେ। ୧୮୬୩ ଜାନୁଆରୀ ୧୨ରେ ବିବେକାନନ୍ଦ କଲିକତାର ସିମିଳାପଲ୍ଲୀରେ ଏକ ରୂଢ଼ିବାଦୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବିବେକାନନ୍ଦଙ୍କ ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟର ଓକିଲ ଥିଲେ। ତାଙ୍କ ମା' ଭୁବେନଶ୍ୱରୀ ଦେବୀ ଆଧ୍ୟାତ୍ମିକତାରେ ରୁଚି ରଖୁଥିଲେ। ପିଲାବେଳେ ସେ ନରେନ୍ଦ୍ର ଦତ୍ତ ନାଁରେ ପରିଚିତ ଥିଲେ। ପିଲାଟି ବେଳୁ ତାଙ୍କର ଦର୍ଶନ, ଧର୍ମ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା ଆଦି ବିଷୟରେ ରୁଚି ଥିଲା। ତାଙ୍କର ଜ୍ଞାନାର୍ଜନ ସ୍ପୃହା ଓ ଧାରଣାଶକ୍ତି ଅତି ଅଦ୍ଭୁତ ଥିଲା। ସେ ଗୋଟିଏ ଗୋଟିଏ ମୋଟା ବହିକୁ ଗୋଟିଏ ଦିନରେ ହିଁ ପଢ଼ି ଶେଷ କରିଦେଉଥିଲେ। ଭଗବାନଙ୍କୁ ଆନ୍ତରିକ ଦର୍ଶନ କରିବାକୁ ଚାହୁଁଥିବା ବଳିଷ୍ଠଦେହ ଓ ଦୃଢ଼ମନର ଅଧିକାରୀ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୂପେ ବରଣ କରିଥିଲେ। ରାମକୃଷ୍ଣ ନିଜର ମହାନ ଭାବାଦର୍ଶ ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କ ଦ୍ୱାରା ସମ୍ପାଦିତ କରାଇଥିଲେ। ମାତ୍ର ୨୬ ବର୍ଷ ବୟସରେ ସେ ସନ୍ୟାସୀ ହୋଇଥିଲେ। ୧୮୯୩ ମସିହା ସେପ୍ଟେମ୍ବର ୧୧ ରେ ଆମେରିକାର ଚିକାଗୋ ସହରରେ ଆୟୋଜିତ ଧର୍ମମହାସଭାରେ ସଭାକୁ ସମ୍ବୋଧନ କରି ସେ "ପ୍ରିୟ ଆମେରିକାବାସୀ ଭାଇ ଓ ଭଉଣୀମାନେ" କହି ତାଙ୍କର ଓଜସ୍ୱିନୀ ବକ୍ତୃତାର ଆରମ୍ଭ କରିଥଲେ। ଏହି ସମ୍ବୋଧନ ଏବଂ ଭାରତୀୟ ସଂସ୍କୃତି ଉପରେ ତାଙ୍କର ପାଣ୍ଡିତ୍ୟ ପୂର୍ଣ୍ଣ ଭାଷଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବାସହ ଭାରତୀୟ ମୂଲ୍ୟବୋଧକୁ ମଧ୍ୟ ବିଶ୍ୱ ଦରବାରରେ ପରିଚିତ କରାଇଲା। ଏହାପରେ ସେ ସ୍ୱାମୀ ବିବେକାନନ୍ଦ ଭାବରେ ପରିଚିତ ହେଲେ। ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଧର୍ମ ସଂସଦରୁ ଫେରିବା ପରେ ତାଙ୍କ ଗୁରୁ ସନ୍ଥ ଶ୍ରୀରାମକୃଷ୍ଣ ପରମହଂସଙ୍କ ନାମରେ ସାମାଜିକ ସେବା ପାଇଁ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ଏହି ମନୀଷୀଙ୍କର ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ କଲିକତାର ବେଲୁର ମଠରେ ଦେହାବସାନ ଘଟିଥିଲା।

# 'ରାମାୟଣ'ର ଭିଡିଓ ଲିକ୍ !



ନୀତେଶ ତିୱାରିଙ୍କ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ଆସନ୍ତା ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ଫିଲ୍ମ ନିର୍ମାତା ଏହାକୁ ଆନ୍ତର୍ଜାତିକ ସ୍ତରରେ ପ୍ରଦର୍ଶନ ପାଇଁ ପ୍ରମୋସନ୍‌ର କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ଏଥିରେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତାଙ୍କ ଭୂମିକାରେ ସାଇପଲ୍ଲବୀ ଓ ରାବଣ ଭୂମିକାରେ ଯଶ୍ ଦେଖାଯିବେ। ଇତିମଧ୍ୟରେ ଏହାର ପ୍ରଥମ ପାର୍ଟର ସୁଟିଂ ସରି ଯାଇଛି। ଏବେ ଏହାର ଏଡିଟିଂ କାମ ଚାଲିଛି। ଏହି ସବୁ ଭିତରେ 'ରାମାୟଣ'ର ଏକ ୧୧ ସେକେଣ୍ଡର ଭିଡିଓ କ୍ଲିପ୍ ଲିକ୍ ହୋଇଛି। ଏହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଭିଡିଓରେ ରଣବୀର କପୁର ନଜର ଆସୁଛନ୍ତି। ଏଥିରେ ଏକ ଯୁଦ୍ଧ ସିନ୍ ରହିଛି। ରଣବୀର ଏକ ବିଶାଳକାୟ ଦାନବ ଉପରକୁ ଶର ନିକ୍ଷେପ କରୁଥିବାର ଦେଖାଯାଇଛନ୍ତି। ହେଲେ ରଣବୀରଙ୍କ ଅପେକ୍ଷା ଦାନବ ଦର୍ଶକଙ୍କ ବେଶୀ ଦୃଷ୍ଟି ଆକର୍ଷଣ କରିଛି। ଏହି ସିନ୍ ଭାଇରାଲ ହେବା ପରେ କିଛି ଲୋକ ଏହାକୁ ନେଇ ଉତ୍ସାହିତ ଥିବାବେଳେ ଆଉ କିଛି ଜଣ ଏହାକୁ ଜବରଦସ୍ତ ଟ୍ରୋଲ୍ ମଧ୍ୟ କରୁଛନ୍ତି। କିଛି ୟୁଜର୍ସ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ଏଭଳି ଖରାପ ଗ୍ରାଫିକ୍ସ ଯୋଗୁଁ ଫିଲ୍ମର ୪୦୦୦ କୋଟି ଟଙ୍କାର ବଜେଟ୍ ସମ୍ପୂର୍ଣ୍ଣ ପାଣିରେ ଭାସିଯିବ। ଆଉ କିଛି ଜଣ 'ରାମାୟଣ'ରେ ଏଭଳି ଦାନବ କୋଉଠୁ ଆସିଲା ବୋଲି କହିଛନ୍ତି। ସେହିଭଳି ଆଉ କିଛି ଜଣ ଏହାକୁ 'ଆଦିପୁରୁଷ ୨' ବୋଲି କହିଛନ୍ତି। ଅବଶ୍ୟ ଆଉ କିଛି ଏହା ଏଆଇ ଦ୍ୱାରା ନିର୍ମିତ ଭିଡିଓ କହିଛନ୍ତି। ତେବେ ଏହି ଭାଇରାଲ କ୍ଲିପ୍‌କୁ ନେଇ ଫିଲ୍ମ ନିର୍ମାତା ଏଯାବତ୍ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

# ବିପଜ୍ଜନକ ହେଲା ଭାଇରାଲ ଟ୍ରେଣ୍ଡ

ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ଟ୍ରେଣ୍ଡ ମାନ ଭାଇରାଲ ହୋଇଥାଏ। ସେଥିରୁ କିଛି ମଜାଳିଆ ଥିବା ବେଳେ ଆଉ କିଛି ଥାଏ ଖୁବ୍ ବିପଜ୍ଜନକ। ଏହି କ୍ରମରେ ଏବେ ଏକ ଟ୍ରେଣ୍ଡକୁ ନେଇ ଅଷ୍ଟ୍ରେଲିଆରୁ ଏକ ଭୟାନକ ମାମଲା ସାମ୍ନାକୁ ଆସିଛି। ଏଠାରେ ୧୦ ବର୍ଷ ବୟସର ଭାଇଲେଟ୍ ଜେରବଷ୍ଟ ଇଣ୍ଟରନେଟ୍‌ରେ ଏକ ଭିଡିଓକୁ ଦେଖି ଜେଲ୍ ଭର୍ତ୍ତି ଖେଳଣାକୁ ମାଇକ୍ରୋୱେଭ୍‌ରେ ଗରମ କଲା। ଏହାପରେ ତା'ସହିତ ଯାହା ଘଟିଲା, ତାହା ସମସ୍ତଙ୍କୁ ବ୍ୟଥିତ କରିଛି। ଭାଇଲେଟ୍ ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମ୍‌ରେ କିଛି ଭିଡିଓ ଦେଖୁଥିଲା। ଏଥିରେ ଦେଖିବାକୁ ମିଳିଥିଲା ଜେଲ୍ ଭର୍ତ୍ତି ଖେଳଣାକୁ ମାଇକ୍ରୋୱେଭ୍‌ରେ ରଖାଯାଉଛି ଏବଂ ୩୦ ସେକେଣ୍ଡର ଟାଇମର ସେଟ୍ କରାଯାଉଛି। ସେ ମଧ୍ୟ ସେମିତି କରିଥିଲା। ଯେମିତି ସମୟ ପୂରା ହୋଇଛି, ଭାଇଲେଟ୍ ଖେଳଣାକୁ ସେଥିରୁ ବାହାର କଲା। ସେ ଦେଖିବାକୁ ଚାହୁଁଥିଲା, ଖେଳଣାଟି ନରମ ହୋଇଛି କି ନାହିଁ। ତେଣୁ ସେ ତାକୁ ଜୋର୍‌ରେ ଚାପି ଦେଲା। ଯେମିତି ସେ ତାହାକୁ ଦବାଇଛି ତାହା ଜୋର୍‌ରେ ଫାଟିଲା। ତା'ଭିତରେ ଥିବା ତରଳ ରସାୟନ ପଦାର୍ଥ ସିଧା ଭାଇଲେଟ୍‌ଙ୍କ ମୁହଁରେ ଲାଗିଲା। ତା'ର ପାଟିଶୁଣି ମା' ସିଧା ଦୌଡ଼ି ଆସି ତା' ମୁହଁରେ ଥଣ୍ଡା ପାଣି ପକାଇଲେ। ବାପା ଆମ୍ବୁଲାନ୍ସକୁ ଡାକିଲେ। ଏହି ଯନ୍ତ୍ରଣା ଏତେ ଭୟାବହ ଥିଲା ଯେ, ମୁହଁର ତ୍ୱଚା ତରଳି ଯେମିତି ତାହା ପାଟି ଭିତରକୁ ଯାଉଛି, ସେ ଅନୁଭବ କରୁଥିଲେ। ସେହିପରି ଲଗାତାର ସେ ତାହାକୁ ପାଟିରୁ ବାହାର କରୁଥିଲେ। ହସ୍‌ପିଟାଲରେ ପିଲାଟିର ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଚିକିତ୍ସା ଚାଲିଲା। ହସ୍‌ପିଟାଲ ଡାକ୍ତରଙ୍କ କହିବା ଅନୁସାରେ, ସେହି ସପ୍ତାହରେ ସ୍କୁଇସି ଟଏ ଟ୍ରେଣ୍ଡ ଯୋଗୁଁ ଆଉ କିଛି ପିଲା ଏମିତି ଗୁରୁତର ହୋଇ ହସ୍‌ପିଟାଲ ଆସିଥିଲେ। ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ, ପିଲାମାନେ କିଛି ଚିନ୍ତା ନ କରି ଇଣ୍ଟରନେଟ୍‌ରେ ଭାଇରାଲ ଟ୍ରେଣ୍ଡକୁ ଅନୁକରଣ କରୁଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମରେ ଦେଖାଯାଉଥିବା ଚ୍ୟାଲେଞ୍ଜ ପିଲାଙ୍କ ପାଇଁ ବିପଜ୍ଜନକ ହୋଇପାରେ। ବିଶେଷଜ୍ଞଙ୍କ କହିବା କଥା, ଏହି ଖେଳଣା ଭିତରେ ଜେଲ୍ ତଥା ରସାୟନ ଥାଏ। ଯାହାକି ମାଇକ୍ରୋୱେଭ୍ ଗରମକୁ ସହ୍ୟ କରିପାରେ ନାହିଁ ଏବଂ ବିସ୍ଫୋରଣ ଘଟିଥାଏ। ଏଭଳିସ୍ଥିତିରେ ବାପାମାଆଙ୍କୁ ଖୁବ୍ ସତର୍କ ରହିବାର ଆବଶ୍ୟକ ଅଛି। ବିଶେଷକରି ପିଲା ଫୋନ୍‌ରେ କ'ଣ ଦେଖୁଛି ଏବଂ ଏକୁଟିଆରେ କ'ଣ ସବୁ ପରୀକ୍ଷା କରୁଛି।



## ପ୍ରହେଳିକା



- ସ୍ନାନ ବିଧି କର୍ମ ହୋଇଲେ ଅନ୍ତ
  ଜ୍ୱରରେ ପୀଡ଼ିତ ହୁଅନ୍ତି ନାଥ
  ଶ୍ରଦ୍ଧାଳୁଙ୍କ ଠାରୁ ଦୂରରେ ରହି
  ବିଶ୍ରାମ କରନ୍ତି ଜଗତ ସାଇଁ
  ହୁଏ ଜ୍ୱର ଉପଚାର
  କେଉଁ ଗୃହେ ପ୍ରଭୁ ଚିକିତ୍ସା ହୁଅନ୍ତି
  କୁହ ଦେଖି ନାମ ତା'ର।

  ଉତ୍ତର-ଅଣସର ଗୃହ

- ସ୍ନାନଯାତ ପରେ କଳା ସାଆନ୍ତ
  ଜ୍ୱରରେ ପୀଡ଼ିତ ହୁଅନ୍ତି ନାଥ
  ବିଶ୍ରାମ କରନ୍ତି କଳା କହ୍ନେଇ
  ଭକ୍ତଙ୍କୁ ଦର୍ଶନ ଦିଅନ୍ତି ନାହିଁ
  ପ୍ରଭୁଙ୍କୁ ନ ଦେଖି ବିକଳ ହୋଇ
  ବ୍ରହ୍ମଗିରି ଭକ୍ତ ଯାଆନ୍ତି ଧାଇଁ
  ଅଣସର କାଳେ ସିଏ
  ଦାରୁଙ୍କ ବଦଳେ ଦର୍ଶନ ଦିଅନ୍ତି
  କୁହ ତାଙ୍କ ନାମ କିଏ।

  ଉତ୍ତର-ପ୍ରଭୁ ଅଲାରନାଥ

- ଅଣସରେ ହୁଏ ଚିକିତ୍ସା ବିଧି
  କରନ୍ତି ସେବକ ଦିନ ଏ ରାତି
  ତେଲ ଉପଚାର ନିଇତି ହୁଏ
  ଶରୀରରୁ ପୀଡ଼ା ଦୂରେଇ ଦିଏ
  ନାନା ଜାତି ପୁଷ୍ପ, ଚେର ଓ ମୂଳ
  ରାଶି ତୈଳେ ହୋଇଥାଏ ମିଶ୍ରଣ
  ପ୍ରଭୁଙ୍କ ଶ୍ରୀଅଙ୍ଗେ ସିଏ
  ଜ୍ୱର ବ୍ୟାଧି ପାଇଁ ହୁଅଇ ଲେପନ
  କୁହତ ତା'ନାମ କିଏ।

  ଉତ୍ତର-ଫୁଲୁରି ତେଲ

ତେନ୍ତୁଳିପଦା, ଜଗତସିଂହପୁର

# ଜଗତେ ସୁଖୀ କିଏ



ମନୀଷା ପଣ୍ଡା

ଜଗତେ ସୁଖୀ
ସେଇ ଲୋକଟି
ଅନ୍ୟ ଖୁସିରେ ଦିଏ ଯେ ହସି
ଈର୍ଷା ଭାବଟି ନାହିଁ,
ଲୋଭ ଘୃଣାରୁ
ଦୂରେଇ ଯାଏ
ସୁଖୀ ମଣିଷ ସେହି।।
କାଉ କହିଲା ହଂସକୁ ଦିନେ
କେତେ ଦୁଃଖୀ ମୁଁ ସତେ
କର୍କଶ କଣ୍ଠ କାଳିଆ ଦେହ
ସଭିଙ୍କ ଘୃଣା ମୋତେ।।
ହଂସଟି କହେ ବାଇଆଟା ତୁ
ମୋତେ କି ଭାବୁ ସୁଖୀ
ଏତେ ଯେ ରଙ୍ଗ ରଖି ବିଧାତା
ନ ଦେଲା ମୋତେ ମାଖି
ଧଳା ଦେହରେ
କେତେ କଷ୍ଟରେ
ଜଳେ ପହଁରୁ ଥାଏ,
ଖାଇବା ପାଇଁ ଦିବସ ରାତି
ଡେଣାକୁ କଷ୍ଟ ଦିଏ।
ମୟୂର କହେ ଭାବିଛ ଦୁହେଁ
ନାନାଦି ରଙ୍ଗ ଦେଇ
ପ୍ରକୃତି ମୋତେ ଦେଇଛି ଗଢ଼ି
ମୋର ଦୁଃଖ କି ନାହିଁ?
ବିଶାଳ ଡେଣା ପୁଚ୍ଛ ମେଲେଇ
ଯେବେ ମୁଁ ଖୁସି ହୁଏ,
ଅରିର ଲୋଭ କବଳେ ପଡ଼ି
ଭୟରେ ଥରୁଥାଏ।
ସଭିଙ୍କୁ ଦୁଃଖ ଦେଇଛି ବିହି
ସୁଖ ଭିତରେ କିଛି,
ଅଳପ ପାଇ ଯେ
ଶାନ୍ତିରେ ରୁହେ,
ଜଗତେ ସିଏ ସୁଖୀ। ■

ଅଙ୍କରାନ୍ତିପୁର, ଢେଙ୍କାନାଳ






# ରାଜେଶର ଭକ୍ତି ଓ ଅଲାରନାଥଙ୍କ ମହିମା





ଶୁଭନାରାୟଣ ଶତପଥୀ

ଅଣସର ସମୟ। ଏହି ସମୟରେ ବ୍ରହ୍ମଗିରି ଅଲାରପୁର ଗ୍ରାମରେ ଥିବା ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନର ସମଫଳ ମିଳେ ବୋଲି ଜାଣି ରାଜେଶ ଓ ତାର ମାଆ ବ୍ରହ୍ମଗିରି ବାହାରିଲେ ଦର୍ଶନ କରିବାକୁ। ରାଜେଶ ଓ ତାର ମାଆ ପୁରୀରେ ପହଞ୍ଚିଲା ବେଳକୁ ସଞ୍ଜ ନଇଁ ଆସିଲାଣି। ସେମାନେ ଦେଖିଲେ ବ୍ରହ୍ମଗିରିକୁ ଅନେକ ଗାଡ଼ି ଯାଉଛି କିନ୍ତୁ କେହି ଅଟକୁ ନାହାଁନ୍ତି। ସବୁ ଗାଡ଼ି ବହୁତ ଭିଡ଼। ଏପଟେ ସମୟ ଗଡ଼ି ଚାଲିଛି। ତେଣୁ ବ୍ରହ୍ମଗିରି ଯିବାର ଆଶା ସେମାନଙ୍କର ଧୀରେ ଧୀରେ ମଉଳି ଯାଉଥାଏ। ରାଜେଶର ମାଆ କହିଲେ, ଆଜି ପୁରୀରେ ରହିଯିବା, କାଲି ବ୍ରହ୍ମଗିରି ଯିବା। ରାଜେଶ ମାନିବାକୁ ନାରାଜ। ଆଜି ସେ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିବ ଓ ଖିରି ଭୋଗ ବି ପାଇବ। ମନେମନେ ଶ୍ରୀଅଲାରନାଥଙ୍କୁ କହୁଥାଏ ମୁଁ କଣ ସତରେ ଆଜି ଦର୍ଶନ କରିପାରିବିନି କି ଖିରି ଟିକେ ପାଇପାରିବିନି? ମାଆ ଫେରିବାକୁ ବାହାରିଲେ। ଠିକ୍ ଏହି ସମୟରେ ଏକ ଅଟୋରିକ୍ସା ଆସି ପହଁଚି ପଚାରିଲା ବ୍ରହ୍ମଗିରି ଯିବକି ? ରାଜେଶ ଖୁସିରେ ହଁ କହି ସଙ୍ଗେ ସଙ୍ଗେ ବସିପଡ଼ିଲା। ମାଆ ବି ବସିଲେ। ଗାଡ଼ି ଚାଲିଲା ବ୍ରହ୍ମଗିରିକୁ। ଖୁବ୍ କମ୍ ସମୟ ମଧ୍ୟରେ ରାଜେଶ ଓ ତାର ମାଆ ପହଞ୍ଚିଗଲେ ବ୍ରହ୍ମଗିରିରେ। ସେତେବେଳକୁ ରାତି ନଅଟା ହେଲାଣି। ସେଠାରେ ଦେଖନ୍ତି ତ ଦର୍ଶନ ପାଇଁ ଲମ୍ବା ଧାଡ଼ି ହୋଇଛି। ରାଜେଶ ପଚାରିଲା ଏତେ ଭିଡ଼ କ'ଣ ପାଇଁ। ଭକ୍ତମାନେ କହିଲେ ଆଜି ପରା ଏକାଦଶୀ ବେଢ଼ା। ରାଜେଶ ଓ ତାର ମାଆ ଧାଡ଼ିରେ ଦୁଇଘଣ୍ଟା ଠିଆ ହୋଇ ଶେଷରେ ମନ୍ଦିରକୁ ପ୍ରବେଶ କଲେ। ସେତେବେଳକୁ ରାତି ଏଗାରଟା। ପୂଜକ ପହୁଡ଼ ପକାଇବାକୁ ବାହାରିଲେଣି। ହଠାତ୍ କେହି ଜଣେ ରାଜେଶର ହାତକୁ ଟାଣିନେଲା। ରାଜେଶ ଦେଖିଲା ତାର ସାଙ୍ଗ ଦିନେଶ। ପଚାରିଲା, କିରେ ତୁ ଏଠି କଣ ? ଦିନେଶ କହିଲା ସବୁ କହିବି ତୁ ଆଗ ଦର୍ଶନ କରିଦେ। ରାଜେଶ ଓ ତାର ମାଆଙ୍କୁ ନେଇ ଶ୍ରୀ ଅଲାରନାଥଙ୍କ ସମ୍ନାରେ ଠିଆ କାରାଇଦେଲା ଦିନେଶ। ଅଲାରନାଥଙ୍କ ଶ୍ରୀଚରଣରେ ମୁଣ୍ଡିଆ ମାରି ରାଜେଶ ଓ ତାର ମାଆ ବାହାରକୁ ବାହାରିଲେ। ତାପରେ ପହୁଡ଼ ପଡିଲା। ଦିନେଶ କହୁଥାଏ, ବୁଝିଲୁ ରାଜେଶ ମୋ ଘର ଏଇ ଅଲାରପୁର। ଆଉ ମୋ ବାପା ଅଲାରନାଥଙ୍କ ସେବକ। ରାଜେଶ ଏଥର ସବୁ ବୁଝିପାରିଲା। ଦିନେଶ ମାମୁଘରେ ରହି ପଢୁଛି ବୋଲି ରାଜେଶ ସହିତ ତାର ସାଙ୍ଗ। ରାଜେଶର ମା' ଦିନେଶ ହାତରେ ଦୁଇଶହ ଟଙ୍କା ଦେଇ କହିଲେ ତୁ ଟିକେ ରାଜେଶ ପାଇଁ ଖିରି ଆଣିଦିଅନ୍ତୁନି। ଦିନେଶ ଦେଖିଲା ଆନନ୍ଦ ବଜାରରେ ସବୁ ଦୋକାନ ବନ୍ଦ ହେଲାଣି। ଖିରି କୋଉଠୁ ମିଳିବ ? ରାଜେଶର ମନଦୁଃଖ ହେଲା। ଦିନେଶ କହିଲା, ଆସ ଆମ ଘରକୁ ଯିବା। ତୁମେମାନେ କାଲି ସକାଳେ ଯିବ। ଏତେ ରାତିରେ ଆଉ କୁଆଡେ ଯିବ ? ମୁଁ ତୋ ପାଇଁ ଖିରି ନିଶ୍ଚୟ ଆଣିବି। ପରିସ୍ଥିତି ଦେଖି ବାଧ ହୋଇ ରାଜେଶ ଓ ତାର ମାଆ ଦିନେଶର ଘରକୁ ଗଲେ। ଦିନେଶର ବାପା ଆଣିଥିବା ଖିରି ଖାଇ ରାତିରେ ଶୋଇ ପଡ଼ିଲେ। ସକାଳ ହେଲା। ରାଜେଶ ଉଠି ଦେଖେତ ତାଙ୍କ ପାଖରେ କେହି ନାହାଁନ୍ତି। ନା ଦିନେଶ ନା ଦିନେଶର ବାପା ମାଆ। ସେମାନେ ଏକ ମଠରେ ଶୋଇଛନ୍ତି। ଦୁହେଁ ଉଠି ଗାଧୋଇ ପାଧୋଇ ଘରକୁ ଫେରିବାକୁ ବାହାରିଲେ। ଏତିକିବେଳେ ଜଣେ ସାଧୁ ଏକ ଗରମ ଖିରି ଥିବା ଓଳି ଧରି ଆସିଲେ। କହିଲେ ଗୋଟିଏ ପିଲା ଆସିଥିଲା ଦିନେଶ ବୋଲି ତା ନାଁ କହିଲା ଏହି ଖିରି ଓଳି ଦେଇ କହିଲା ତୁମକୁ ଦେବାକୁ। ଏହାକୁ ନିଅ। ମହ ମହ ବାସୁଥାଏ ଖିରି। ରାଜେଶ ପଚାରିଲା ଆଉ ଦିନେଶ। ସାଧୁ ଜଣକ କହିଲେ ସେ ସ୍କୁଲ ଡ୍ରେସ୍ ତ ପିନ୍ଧିଥିଲା। ସ୍କୁଲକୁ ଯାଇଥିବ ବୋଧହୁଏ। ଖିରି ଓଳି ନେଇ ରାଜେଶ ଓ ତାର ମାଆ ଘରକୁ ଫେରିଲେ। ଗାଁରେ ପହଁଚି ଦେଖିଲା ଦିନେଶ ଖେଳୁଛି। ଦିନେଶକୁ ପଚାରିଲା ତୁ କେତେବେଳେ ଆସିଲୁ? ଦିନେଶ ପଚାରିଲା କେଉଁଠୁ ? ରାଜେଶ କହିଲା ଅଲାରପୁରରୁ। ଦିନେଶ କହିଲା ମୁଁ ତ ଗାଁରେ ଅଛି କୁଆଡ଼େ ଯାଇନି। ରାଜେଶ ଓ ତାର ମାଆ ବୁଝିପାରୁଥିଲେ ସବୁ। ମାଆ କହୁଥିଲେ ଏସବୁ ତୋର ଭକ୍ତି ଓ ଅଲାରନାଥଙ୍କ ମହିମା। ■

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।






ଅନୀଷା ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର, ମୟୂରଭଞ୍ଜ






ବୈଭବ କୁମାର ପାତ୍ର
ସପ୍ତମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





କ୍ରିଷ୍ଟାଲ ପଣ୍ଡା
ତୃତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା, ଖୋର୍ଦ୍ଧା





ମାନସ ରଞ୍ଜନ ଆଚାର୍ଯ୍ୟ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର






# ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ-ସ୍ପେନ୍ ଲଢ଼େଇ

ଟରଣ୍ଟୋ,୩।୭ (ଏଜେନ୍ସି)

ଗୋନକାଲୋ ରାମୋସଙ୍କ ଷ୍ଟପେଜ୍ ଟାଇମ୍ ଗୋଲରେ ପର୍ତ୍ତୁଗାଲ ୨-୧ ଗୋଲରେ କ୍ରୋଏସିଆକୁ ପରାସ୍ତ କରି ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ସହ ସ୍ପେନର ମୁକାବିଲା ହେବ। ଗୁରୁବାର ରାତିରେ ଖେଳାଯାଇଥିବା ଅନ୍ୟ ଏକ ରାଉଣ୍ଡ-୩୨ ମୁକାବିଲାରେ ସ୍ପେନ୍ ୩-୦ରେ ଅଷ୍ଟ୍ରିଆକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ ରଖିଛି। ୟୁରୋପ ମହାଦେଶର ଏହି ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ଡଲାସ ଷ୍ଟାଡିୟମ୍‌ରେ ଆସନ୍ତା ଜୁଲାଇ ୬ ତାରିଖ ସୋମବାର ରାତି ୧୨ଟା ୩୦ ମିନିଟ୍‌ରେ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ।



ଟରଣ୍ଟୋରେ ଖେଳାଯାଇଥିବା ପର୍ତ୍ତୁଗାଲ ଓ କ୍ରୋଏସିଆ ମଧ୍ୟରେ ଲଢ଼େଇ ଜୋରଦାର ହୋଇଥିଲା। ଏହି ମ୍ୟାଚ୍‌ରେ ବିଶ୍ୱର ଦୁଇ ୪୦ ବର୍ଷରୁ ଉର୍ଦ୍ଧ୍ୱ ତଥା ସୁପରଷ୍ଟାର ଖେଳାଳି ଟାଇଟଲ ଜିତିବା ଲାଗି ଶେଷ ଚେଷ୍ଟା ଚଳାଇଥିଲେ। ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ କ୍ରୋଏସିଆର ଲୁକା ମୋଡ୍ରିଚ୍ ଶେଷଥର ଲାଗି ବିଶ୍ୱକପ୍ ଖେଳୁଥିଲେ। ଉଭୟ ଦଳ ମଧ୍ୟରେ ଲଢ଼େଇ ଜୋରଦାର ଚାଲିଥିଲାବେଳେ ଖେଳର ୫୩ତମ ମିନିଟ୍‌ରେ ଜୋଶିପ ସାନିଚ୍‌ଙ୍କଠାରୁ ପାଶ୍ ପାଇ ଇଭାନ ପେରିସିଚ୍ ମ୍ୟାଚ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଫଳରେ କ୍ରୋଏସିଆ ୧-୦ ଗୋଲରେ ଅଗ୍ରଣୀ ନେଇଥିଲା। ଏହି ସମୟରେ ପର୍ତ୍ତୁଗାଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ବଲ ଟଚ୍ କଲାମାତ୍ରେ କ୍ରୋଏସିଆ ସମର୍ଥକ ଚିଲାଇବାକୁ ଲାଗୁଥିଲେ। ଖେଳର ୬୮ତମ ମିନିଟ୍‌ରେ କ୍ରୋଏସିଆ ଗୋଲ ପୋଷ୍ଟ ଏରିଆରେ ନିକୋଲା ଭ୍ଲାସିଚ୍‌ଙ୍କ ହ୍ୟାଣ୍ଡବଲ ହୋଇଥିଲା। ଫଳରେ ପର୍ତ୍ତୁଗାଲକୁ ମିଳିଥିବା ପେନାଲ୍ଟିରୁ ରୋନାଲ୍ଡୋ ସହଜରେ ଗୋଲ ସ୍କୋର କରି ଖେଳକୁ ସମାନସ୍ତରକୁ ନେଇଆସିଥିଲେ। କିନ୍ତୁ ଖେଳର ୮୧ତମ ମିନିଟ୍‌ରେ ରାମୋସଙ୍କ ଗୋଲ ପର୍ତ୍ତୁଗାଲକୁ ବିଜୟୀ କରାଇଥିଲା। ପର୍ତ୍ତୁଗାଲ ୨-୧ରେ ଆଗୁଆ ଥିଲାବେଳେ ଷ୍ଟପେଜ୍ ଟାଇମ୍‌ରେ କ୍ରୋଏସିଆ ଆଉ ଏକ ଗୋଲ କରିଥିଲା। ଦଳ ୨-୨ରେ ଖେଳକୁ ସମାନସ୍ତରକୁ ନେଇଆସିଥିବାରୁ ଆନନ୍ଦରେ ନାଚିଥିଲେ। କିନ୍ତୁ ଭିଏଆର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରୀ) ମାରିଓ ପାଲିସିଚ୍‌ଙ୍କୁ ଅଫ୍ ସାଇଡ୍ କରିଥିଲେ। ଫଳରେ ଏହି ଗୋଲଟି ନାକଚ ହୋଇଥିଲା ଓ ପର୍ତ୍ତୁଗାଲ ୨-୧ ଗୋଲରେ ବିଜୟୀ ହୋଇ ସ୍ପେନ୍ ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଚଳିତ ବିଶ୍ୱକପ୍‌ରେ ପୁଣିଥରେ ଭିଏଆର୍‌କୁ ନେଇ ବିବାଦ ସୃଷ୍ଟି ହୋଇଛି।

## ରୋନାଲ୍ଡୋଙ୍କ ଆଉ ଏକ ରେକର୍ଡ

**ଟରଣ୍ଟୋ,୩।୭(ଏଜେନ୍ସି):** ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏଠାରେ ଗୁରୁବାର ଖେଳାଯାଇଥିବା କ୍ରୋଏସିଆ ବିପକ୍ଷ ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ୪୧ବର୍ଷ ୪ ମାସ ୨୭ ଦିନରେ ସେ ଏହି ମ୍ୟାଚ୍‌ରେ ପଦାର୍ପଣ କରିବା ଫଳରେ ବିଶ୍ୱକପ୍‌ର ନକ୍‌ଆଉଟ ମ୍ୟାଚ୍‌ରେ ବୟୋଜ୍ୟେଷ୍ଠ ଆଉଟଫିଲ୍ଡ (ଗୋଲକିପରଙ୍କ ବ୍ୟତୀତ) ଖେଳାଳି ହେବାର ରେକର୍ଡ କରିଛନ୍ତି। କ୍ରୋଏସିଆର ଲୁକା ମୋଡ୍ରିଚ୍ ୪୦ବର୍ଷ ୨୯୬ ଦିନ, ବୋସ୍‌ନିଆ ଓ ହର୍ଜଗୋଭିନାର ଏଡିନ୍ ଜେକୋ ୪୦ ବର୍ଷ ୧୦୬ ଦିନରେ ଚଳିତବର୍ଷ ନକ୍‌ଆଉଟରେ ଖେଳିଥିଲେ। ଅବଶ୍ୟ ଜେକୋଙ୍କ ରେକର୍ଡ ରୋନାଲ୍ଡୋ ଭାଙ୍ଗିଛନ୍ତି। ରୋନାଲ୍ଡୋ କ୍ରମାଗତ ୬ଷ୍ଠ ବିଶ୍ୱକପ୍ ଖେଳିବା ସହ ସମସ୍ତ ବିଶ୍ୱକପ୍‌ରେ ଗୋଲ ଦେବାର ରେକର୍ଡ କରିଛନ୍ତି। ଲିଓନେଲ ମେସି ମଧ୍ୟ ସର୍ବାଧିକ ୬ଟି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି।

## ହେଡ୍ କୋଚ୍‌ଙ୍କୁ ବିଦା କଲା ଜର୍ମାନୀ

**ବର୍ଲିନ୍,୩।୭(ଏଜେନ୍ସି):** ପାରାଗୁଏଠାରୁ ରାଉଣ୍ଡ ଅଫ୍-୩୨ ମୁକାବିଲାରେ ପରାଜିତ ହେବା ପରେ ଜର୍ମାନୀ ଫୁଟବଲରେ ବ୍ୟାପକ ପରିବର୍ତ୍ତନ ହୋଇଛି। ପ୍ରଥମେ ଦଳ ହେଡ୍ କୋଚ୍ ଜୁଲିଆନ୍ ନାଗେଲସମ୍ୟାନ୍‌ଙ୍କୁ ବିଦା କରିଛି ଜର୍ମାନୀ ଫୁଟବଲ ଫେଡେରେସନ। ୩୮ ବର୍ଷୀୟ ଜୁଲିଆନ ଫେଡେରେସନର ପ୍ରସ୍ତାବକୁ ଗ୍ରହଣ କରିଥିଲେ। କିନ୍ତୁ ତାଙ୍କୁ ୨୦୨୮ ୟୁରୋପିଆନ୍ ଚାମ୍ପିଅନସିପ୍ ଯାଏ ହେଡ୍ କୋଚ୍ ଭାବେ ଚୁକ୍ତିବଦ୍ଧ କରାଯାଇଥିଲା। ସମାନ ପରିସ୍ଥିତିରେ ୨୦୨୨ ବିଶ୍ୱକପ୍ ପରେ ୨୦୨୩ରେ ମଧ୍ୟ ହେଡ୍ କୋଚ୍ ହାନ୍ସି ଫ୍ଲିକ୍ ଜର୍ମାନୀ ପ୍ରଥମ ରାଉଣ୍ଡରେ ହାରିଯିବା ପରେ ବିଦା ହୋଇଥିଲେ। ଗତ ୩ଟି ବିଶ୍ୱକପ୍ ମଧ୍ୟରୁ ଜର୍ମାନୀ ୨ଥର ପ୍ରଥମ ରାଉଣ୍ଡରେ ଓ ଏଥର ନୂଆକରି ହୋଇଥିବା ରାଉଣ୍ଡ ଅଫ୍-୩୨ରୁ ବିଦା ହୋଇଥିଲା।

## ୮୮ ବର୍ଷ ପରେ ସ୍ୱିଜରଲାଣ୍ଡ ଜିତିଲା ନକ୍‌ଆଉଟ ମ୍ୟାଚ୍

**ଭାଙ୍କୋଭର,୩।୭(ଏଜେନ୍ସି):** ଏଠାରେ ଗୁରୁବାର ରାତିରେ ଅନୁଷ୍ଠିତ ଅନ୍ୟ ଏକ ରାଉଣ୍ଡ-୩୨ ଖେଳରେ ଆଲଜେରିଆକୁ ୨-୦ ଗୋଲରେ ପରାସ୍ତ କରି ସ୍ୱିଜରଲାଣ୍ଡ ଫିଫା ବିଶ୍ୱକପ୍ ରାଉଣ୍ଡ ୧୬ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ବ୍ରିଲ ଏମ୍ବୋଲୋ ଓ ଡାନ୍ ଏନ୍‌ଡୋଏ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସ୍ପେନ୍ ଭଳି ଏହି ୟୁରୋପୀୟ ରାଷ୍ଟ୍ର ମଧ୍ୟ ସହଜ ବିଜୟ ହାସଲ କରିଥିଲା। ଦଳ ଖେଳକୁ ନିୟନ୍ତ୍ରଣକୁ ଆଣିବା ପରେ ସିନିୟର ଖେଳାଳିଙ୍କୁ ବଦଳାଇ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଥିଲା। ଏହା ସତ୍ତ୍ୱେ ୧୯୩୮ ପରେ ସ୍ୱିଜରଲାଣ୍ଡ ପ୍ରଥମଥର ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଥିଲା। ପ୍ରି-କ୍ୱାର୍ଟର ଫାଇନାଲରେ ଦଳ କଲମ୍ବିଆ ଓ ଘାନା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତାକୁ ଭେଟିବ।

# ଆଜିଠାରୁ ରାଉଣ୍ଡ-୧୬ ମୁକାବିଲା

**ଡଲାସ, ୩।୭ (ଏଜେନ୍ସି):** ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ପର୍ଯ୍ୟାୟ ବା ରାଉଣ୍ଡ ଅଫ୍ ୧୬ର ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ, ସେହି ଦଳ କ୍ୱାର୍ଟର ଫାଇନାଲରେ ଖେଳିବ। ଏଣୁ ଏହି ମ୍ୟାଚ୍ ଗୁଡିକର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। ରାଉଣ୍ଡ ଅଫ୍ ୧୬ରେ ରିପୋର୍ଟ ଲେଖା ହେଲା ବେଳକୁ ୧୩ଟି ଦଳ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ରାଉଣ୍ଡ ଅଫ୍ ୩୨ରେ ବାକିଥିବା ୩ଟି ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ଆଜି ରାତି ଓ ଆସନ୍ତାକାଲି ସକାଳେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ନିର୍ଣ୍ଣିତ ହେବା ପରେ କେଉଁ ଦଳ କାହା ସହ ଖେଳିବ ତାହା ଚୂଡାନ୍ତ ହେବ।

**ପ୍ରି-କ୍ୱାର୍ଟରଫାଇନାଲ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଜୁଲାଇ ୪ | କାନାଡା-ମରୋକ୍କୋ | ହଷ୍ଟନ | ରାତି ୧୦ଟା ୩୦ |
| ଜୁଲାଇ ୪ | ଫ୍ରାନ୍ସ- ପାରାଗୁଏ | ଫିଲାଡେଲଫିଆ | ରାତି ୨ଟା ୩୦ |
| ଜୁଲାଇ ୫ | ବ୍ରାଜିଲ-ନରୱେ | ନ୍ୟୁୟର୍କ | ରାତି ୧ଟା ୩୦ |
| ଜୁଲାଇ ୬ | ଇଂଲଣ୍ଡ-ମେକ୍ସିକୋ | ମେକ୍ସିକୋ ସିଟି | ସକାଳ ୫ଟା ୩୦ |
| ଜୁଲାଇ ୬ | ପର୍ତ୍ତୁଗାଲ-ସ୍ପେନ୍ | ଡଲାସ | ରାତି ୧୨ଟା ୩୦ |
| ଜୁଲାଇ ୭ | ଆମେରିକା-ବେଲଜିୟମ | ସିଆଟଲ | ସକାଳ ୫ଟା୩୦ |
| ଜୁଲାଇ ୭ | ଆର୍ଜେଣ୍ଟିନା/କେପ୍‌ଭର୍ଡ ଅଷ୍ଟ୍ରେଲିଆ/ଇଜିପ୍ଟ | ଆଟଲାଣ୍ଟା | ରାତି ୯ଟା୩୦ |
| ଜୁଲାଇ ୭ | ସ୍ୱିଜରଲାଣ୍ଡ ବନାମ କଲମ୍ବିଆ/ଘାନା | ଭାଙ୍କୋଭର | ରାତି ୧ଟା ୩୦ |

ଏହି ରାଉଣ୍ଡରେ ୧୬ଟି ମଧ୍ୟରୁ ୧୩ଟି ଦଳ ଚୂଡାନ୍ତ ହୋଇଛି। କିନ୍ତୁ ୮ଟି ମ୍ୟାଚ୍ ମଧ୍ୟରୁ ୬ଟିରେ କିଏ କାହା ସହ ଖେଳିବ ତାହା ଚୂଡାନ୍ତ ହୋଇଛି। ଆସନ୍ତାକାଲି ହଷ୍ଟନ୍‌ରେ ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟ୍‌ରେ ଖେଳାଯିବ। ଯୁଗ୍ମ ଆୟୋଜକ କାନାଡା ଓ ମରୋକ୍କୋ ସହ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଦକ୍ଷତା, ମାନ୍ୟତା ଓ ଚଳିତ ବିଶ୍ୱକପ୍‌ରେ ପ୍ରଦର୍ଶନକୁ ଦେଖିଲେ ମରୋକ୍କୋ ଏହି ମ୍ୟାଚ୍ ଜିତି ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ ବୋଲି ଆଶା କରାଯାଉଛି। ତେବେ ଲଢ଼ୁଆ ଖେଳିଥିବା କାନାଡାଠାରୁ କିଛି ଅପ୍ରତ୍ୟାଶିତ ପ୍ରଦର୍ଶନ ଆଶା କରାଯାଇ ପାରେ।

# ସ୍ପେନ୍‌ର ସହଜ ବିଜୟ

**ଲସ୍ ଏଞ୍ଜେଲ୍ସ, ୩।୭ (ଏଜେନ୍ସି):** ମାଇକେଲ ଓୟାରଜାବଲଙ୍କ ଡବଲ ଗୋଲ ବଳରେ ଏଠାରେ ଗୁରୁବାର ରାତିରେ ଖେଳାଯାଇଥିବା ଆଉ ଏକ ରାଉଣ୍ଡ-୩୨ ମୁକାବିଲାରେ ସ୍ପେନ୍ ୩-୧ ଗୋଲରେ ଅଷ୍ଟ୍ରିଆକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ସହ ମୁକାବିଲା ପାଇଁ ଯୋଗ୍ୟତା ଅର୍ଜନ କରିଛି। ବିଜୟୀ ଦଳ ପକ୍ଷରୁ ପେଡ୍ରୋ ପୋରୋ ଆଉ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଏହି ମୁକାବିଲାରେ ସ୍ପେନର ଦକ୍ଷତା ଆଗରେ ଅଷ୍ଟ୍ରିଆ ସମକକ୍ଷ ହୋଇ ନ ଥିଲେ ମଧ୍ୟ ଲଢ଼େଇ କରିଥିଲା। ଖେଳର ୩୯ ଓ ୮୯ ମିନିଟ୍‌ରେ ଓୟାରଜାବଲ ଏବଂ ୬୬ତମ ମିନିଟ୍‌ରେ ପୋରୋ ଗୋଲ ସ୍କୋର କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ସ୍ପେନ୍‌ର ମିଡ୍‌ଫିଲ୍ଡର ମାର୍କ କାକୁରେଲାଙ୍କ ଖେଳ ଖୁବ୍ ଉଚ୍ଚକୋଟୀର ହୋଇଥିଲା। ସେ ୨ଟି ଗୋଲ୍ କରିବାରେ ଆସିଷ୍ଟ କରିଥିଲାବେଳେ ମିଡ୍‌ଫିଲ୍ଡକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ତାଙ୍କୁ ହିଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ୨୦୧୦ ପରେ ସ୍ପେନ୍ ପ୍ରଥମଥର ଫିଫା ବିଶ୍ୱକପ୍ ନକ୍‌ଆଉଟ ମୁକାବିଲାରେ ବିଜୟୀ ହେବାରେ ସମର୍ଥ ହୋଇଛି। ପର୍ତ୍ତୁଗାଲ ସହ ଏହାର ଅସଲ ପରୀକ୍ଷା ହେବ।




## ଟିନ୍‌ଏଜ୍ ଖେଳାଳିଙ୍କ ରେକର୍ଡ

ଏହି ମ୍ୟାଚ୍‌ରେ ସ୍ପେନ୍ ଦୁଇଜଣ ଟିନ୍‌ଏଜ୍ ଖେଳାଳିଙ୍କୁ ପ୍ରଥମ ଏକାଦଶରେ ସାମିଲ କରି ରେକର୍ଡ କରିଥିଲା। ପୂର୍ବରୁ ୧୮ ବର୍ଷୀୟ ଲାମିନେ ଜମାଲ ବିଶ୍ୱକପ୍‌ରେ ଡେବ୍ୟୁ କରିସାରିଥିଲେ। ଏହି ମ୍ୟାଚ୍‌ରେ ସ୍ପେନ୍ ୧୯ ବର୍ଷୀୟ ଡିଫେଣ୍ଡର ପାଓ କୁବାର୍ସିଙ୍କୁ ଖେଳିବାର ସୁଯୋଗ ଦେଇଥିଲା। ୧୯୫୮ ସଂସ୍କରଣର ୱେଲ୍ସ ବିପକ୍ଷ କ୍ୱାର୍ଟରଫାଇନାଲରେ ବ୍ରାଜିଲ ଦୁଇ ଜଣ ଟିନ୍‌ଏଜ୍ ଖେଳାଳି ପେଲେ ଓ ଜୋଶ ଆଲଟାଫିନିଙ୍କୁ ଖେଳିବାର ସୁଯୋଗ ଦେଇଥିଲା।

# ୪ର୍ଥ ରାଉଣ୍ଡରେ ସାବାଲେଙ୍କା, ସିନ୍ନର

**ୱିମ୍ବଲଡନ ଟେନିସ**

**ଲଣ୍ଡନ,୩।୭(ଏଜେନ୍ସି):** ଟପ୍ ସିଡ୍ ଆରିନା ସାବାଲେଙ୍କା, ଚତୁର୍ଥ ସିଡ୍ ଜେସିକା ପେଗୁଲା, ୧୧ତମ ସିଡ୍ ବେଲିଣ୍ଡା ବେଙ୍କିକ୍, ୧୪ତମ ସିଡ୍ ନାଓମି ଓସାକା, ୧୬ତମ ସିଡ୍ ଇଭା ଜୋଭିଚ୍ ଏଠାରେ ଚାଲିଥିବା ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ବିଭାଗ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ମୁକାବିଲାରେ ସାବାଲେଙ୍କା ୨-୦ରେ ଜେଲେନା ଓସ୍ତାପେଙ୍କୋଙ୍କୁ, ପେଗୁଲା ୫୨ ମିନିଟ୍‌ରେ ଜେସିକା ବୌଜେସ୍‌ଙ୍କୁ ହରାଇଥିଲେ।



ପୁରୁଷ ବିଭାଗରେ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର, ୭ମ ସିଡ୍ ନୋଭାକ ଜୋକୋଭିଚ୍ ପ୍ରମୁଖ ପୁରୁଷ ବିଭାଗ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ୮ମ ସିଡ୍ ଡାନିଲ ମେଦଭେଦେଭଙ୍କ ସମେତ ଅଧାଡଜନେ ସିଡେଡ ଖେଳାଳି ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଜାନ୍-ଲେନାର୍ଡ ଷ୍ଟ୍ରଫ୍ ୩-୦ରେ ମେଦଭେଦେଭଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଜୋକୋଭିଚ୍ ୩-୧ ସେଟ୍‌ରେ ଆର୍ଥର ରିଣ୍ଡରର୍କନେକ୍‌ଙ୍କୁ ଓ ସିନ୍ନର ୩-୦ରେ ଜେନ୍‌ସନ ବ୍ରୁକ୍ସବୀଙ୍କୁ ପରାସ୍ତ କରିଥିଲେ।

■ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ

## ଇଂଲଣ୍ଡ-ଅଷ୍ଟ୍ରେଲିଆ ଫାଇନାଲ ଟକ୍କର

**ଲଣ୍ଡନ,୩।୭(ଏଜେନ୍ସି):** ନାଟାଲି ସିଭର-ବ୍ରଣ୍ଟଙ୍କ ଅଧିନାୟକୀୟ ଇନିଂସ ବଳରେ ଦକ୍ଷିଣ ଆଫ୍ରିକାକୁ ୪୦ ରନ୍‌ରେ ହରାଇ ଇଂଲଣ୍ଡ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଜୁଲାଇ ତାରିଖରେ ହେବାକୁ ଥିବା ଫାଇନାଲ ମୁକାବିଲାରେ ଇଂଲଣ୍ଡ ସହ ଅଷ୍ଟ୍ରେଲିଆର ମୁକାବିଲା ହେବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪୭ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହ ସର୍ବାଧିକ ୭୫ ରନ୍ କରିଥିବା ନାଟାଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

# ମହିଳା କ୍ରିକେଟ କ୍ୟାମ୍ପରେ ସୁଶ୍ରୀ

**ଭୁବନେଶ୍ୱର,୩।୭(ସମିସ):** ବିସିସିଆଇ ପକ୍ଷରୁ ପ୍ରତିଭାବାନ ମହିଳା ଖେଳାଳିଙ୍କୁ ଚିହ୍ନଟ କରି ବେଙ୍ଗାଲୁରୁରେ ଉଚ୍ଚକୋଟୀର ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି। ଟାର୍ଗେଟେଡ୍ ମହିଳା ଶିବିର ନାମରେ ବିସିସିଆଇ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପ୍ରଶିକ୍ଷଣ ଦେବ। ଏହି ଶିବିରଟି ଅଗଷ୍ଟ ୩ରୁ ଆରମ୍ଭ ହୋଇ ୨୭ରେ ଶେଷ ହେବ। ଓଡ଼ିଶାରୁ ଜଣେ ମାତ୍ର ଖେଳାଳି ତଥା ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ଏହି ଶିବିର ଲାଗି ମନୋନୀତ ହୋଇଛନ୍ତି। ଏଥିଲାଗି ତାଙ୍କୁ ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ସଭାପତି ପଙ୍କଜ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

## ଧର୍ମଶାଳାରେ ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍

**ଭୁବନେଶ୍ୱର,୩।୭(ସମିସ):** ଅଲ୍ ଓଡ଼ିଶା ଏବଂ ଯାଜପୁର ୟୁନାଇଟେଡ୍ ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଯାଜପୁର ଜିଲ୍ଲା ଧର୍ମଶାଳାର ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ପ୍ରତିଯୋଗିତା ଜୁଲାଇ ୧୭ରୁ ଆରମ୍ଭ ହୋଇ ୨୦ରେ ଶେଷ ହେବ ବୋଲି ଆୟୋଜକ ସଂଘର ସଭାପତି ତପନ କିଶୋର ଷଡଙ୍ଗୀ ଜଣାଇଛନ୍ତି।

**ଏସୀୟ ବାଳକ ହ୍ୟାଣ୍ଡବଲ ଶିବିର**

## ସୁପ୍ରଜିତ୍ ଓ କୋଚ୍ ଗୌରୀ ସାମିଲ

**ଭୁବନେଶ୍ୱର,୩।୭(ସମିସ):** ଚଳିତମାସ ୧୩ରୁ ୨୭ ତାରିଖଯାଏ ଚୀନ୍‌ରେ ହେବାକୁ ଥିବା ୨୧ ବର୍ଷରୁ କମ୍ ବଏଜ୍ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଲାଗି ଟାଟା ନଗରଠାରେ ଏକ ଶିବିରର ଆୟୋଜନ କରାଯାଇଛି। ଓଡ଼ିଶାରୁ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ଶିବିରରେ ଜଣେ ଖେଳାଳି ସୁପ୍ରଜିତ ବେହେରାଙ୍କୁ ସ୍ଥାନ ମିଳିଛି।

**ଭାରତ-ଇଂଲଣ୍ଡ ଦ୍ୱିତୀୟ ଟି-୨୦ ଆଜି**

# ସୂର୍ଯ୍ୟବଂଶୀଙ୍କ ପାଇଁ ସାମ୍‌ସନ୍‌ଙ୍କ ଉପରେ ଚାପ

ମାଞ୍ଚେଷ୍ଟର,୩।୭(ଏଜେନ୍ସି)

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଶନିବାର ଦିନ ମାଞ୍ଚେଷ୍ଟରଠାରେ ଦ୍ୱିତୀୟ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଥିବା ବେଳେ, ଏହି ଦ୍ୱିତୀୟ ମ୍ୟାଚ୍‌ରେ ସମସ୍ତଙ୍କ ନଜର ଭାରତୀୟ ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନଙ୍କ ଉପରେ ରହିବ। ଯୁବ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ଦଳରେ ସ୍ଥାନ ପାଇବା ପାଇଁ ଅପେକ୍ଷା କରି ରହିଥିବାରୁ, ସାମସନଙ୍କୁ ଦଳରେ ସ୍ଥାନ ସୁରକ୍ଷିତ ରଖିବା ପାଇଁ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ ହେବ। ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ସାମସନଙ୍କ ସ୍ଥିରତା ନାହିଁ। ପ୍ରଥମ ମ୍ୟାଚ୍‌ରେ ସେ ୭ଟି ବଲ୍‌ରୁ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ। ପିଚ୍‌ରେ ବଲ୍ ସୁଇଙ୍ଗ୍ କଲେ ସେ ସଂଘର୍ଷ କରୁଥିବା ଦେଖାଯାଉଛି। ଅନ୍ୟପଟେ ଓପନର ଅଭିଷେକ ଶର୍ମା ଗତ ମ୍ୟାଚ୍ ଗୁଡ଼ିକରେ ୪୯ ଏବଂ ୫୯ ରନ୍‌ର ଚମତ୍କାର ପାଳି ଖେଳି ସାମସନଙ୍କ ଉପରେ ଚାପ ବଢ଼ାଇ ଦେଇଛନ୍ତି। କେବଳ ସାମସନ ନୁହନ୍ତି, ମଧ୍ୟକ୍ରମ ବ୍ୟାଟର ତିଲକ ବର୍ମା ମଧ୍ୟ ସ୍ଲୋ ବୋଲରଙ୍କ ବିରୋଧରେ ରନ୍ ଗତି ବଢ଼ାଇବାରେ ବିଫଳ ହେଉଛନ୍ତି। ଚଳିତ ୨୦୨୬ ବର୍ଷରେ ୧୨ଟି ମ୍ୟାଚ୍ ଖେଳି ସେ ମାତ୍ର ୧୨ଟି ଛକା ମାରିଛନ୍ତି, ଯାହା ଜଣେ ଫିନିସର ବ୍ୟାଟରଙ୍କ ପାଇଁ ବହୁତ ନିରାଶାଜନକ। ଯଦି ସାମସନ ଏହି ମ୍ୟାଚ୍‌ରେ ମଧ୍ୟ ବିଫଳ ହୁଅନ୍ତି,୧୫ ବର୍ଷୀୟ ଯୁବ ବ୍ୟାଟିଂ ପ୍ରତିଭା ସୂର୍ଯ୍ୟବଂଶୀଙ୍କୁ ବେଞ୍ଚରେ ବସାଇ ରଖିବା ଦଳୀୟ ମ୍ୟାନେଜମେଣ୍ଟ ପାଇଁ କଷ୍ଟକର ହେବ। ପ୍ରଥମ ମ୍ୟାଚ୍‌ରେ ଅଭିଷେକ ଶର୍ମା ଏବଂ ଅଧିନାୟକ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ବଳରେ ଭାରତ ୧୮୯ ରନ୍ କରିଥିଲା। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ପିଚ୍ ସ୍ପିନରମାନଙ୍କୁ ସହାୟତା କରିଥାଏ। ଭାରତୀୟ ବୋଲିଂ ଆକ୍ରମଣରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଇଂଲଣ୍ଡ ଦଳର ହାରି ବ୍ରୁକ୍, ଫିଲ୍ ସଲ୍ଟ ଏବଂ ଟମ୍ ବାଣ୍ଟନଙ୍କ ଭଳି ବିସ୍ଫୋରକ ବ୍ୟାଟରମାନଙ୍କୁ ରୋକିବା ଭାରତୀୟ ବୋଲରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ।

ସାମସନଙ୍କ ପାଇଁ ଏହି ମ୍ୟାଚ୍ ନିଜର ଯୋଗ୍ୟତା ପ୍ରମାଣିତ କରିବାର ଶେଷ ସୁଯୋଗ ହୋଇପାରେ। ଯଦି ସେ ପୁଣିଥରେ ବିଫଳ ହୁଅନ୍ତି, ତେବେ ଯୁବ ତାରକା ସୂର୍ଯ୍ୟବଂଶୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବା ପ୍ରାୟ ନିଶ୍ଚିତ। ଆୟର୍ଲାଣ୍ଡ ବିପକ୍ଷ ଟି-୨୦ ସିରିଜର ପରାଜୟକୁ ପଛରେ ପକାଇ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

**ଭେନ୍ୟୁ: ଓଲ୍ଡ ଟ୍ରାଫର୍ଡ, ମାଞ୍ଚେଷ୍ଟର**
**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS